


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୪ ନଭେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 24 NOVEMBER 2023

Vol.No. 34 ■ No. 308■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ରାଜସ୍ଥାନ ବିଧାନସଭା ନିର୍ବାଚନ ଲାଗି ସରିଲା ପ୍ରଚାର

### ବିଜେପି ଓ କଂଗ୍ରେସ ଲଗାଇଲେ କଳ,ବଳ ଓ କୌଶଳ



ଜୟପୁର , ୨୩/୧୧ : ରାଜସ୍ଥାନ ବିଧାନସଭା ନିର୍ବାଚନ ନିମନ୍ତେ ଗୁରୁବାର ପ୍ରଚାର ଶେଷ ହୋଇଛି। ସନ୍ଧ୍ୟା ୬ଟାରେ ପ୍ରଚାର ସରିବା ପରେ ଏବେ ପ୍ରାର୍ଥୀଙ୍କ ନିମନ୍ତେ କେବଳ ଦ୍ୱାରଦ୍ୱାର ପ୍ରଚାର ବାକି ରହିଯାଇଛି। ପ୍ରଚାରର ଶେଷ ଦିନରେ ପ୍ରାର୍ଥୀମାନେ ନିଜନିଜ ନିର୍ବାଚନମଣ୍ଡଳିରେ ରୋଡ ସୋ କରି ସେମାନଙ୍କ ଶକ୍ତି ପ୍ରଦର୍ଶନ କରିଛନ୍ତି। ନଭେମ୍ବର ୨୫ ତାରିଖ ଦିନ ୧୯୯ ବିଧାନସଭା ଆସନ ନିମନ୍ତେ ଭୋଟ ଗ୍ରହଣ କରାଯିବ। ଗୋଟିଏ ପର୍ଯ୍ୟାୟରେ ହେବାକୁ ଥିବା ନିର୍ବାଚନରେ ସକାଳ ୭ଟାରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଭୋଟ ଗ୍ରହଣ ହେବ। ନିର୍ବାଚନ ପ୍ରଚାରର ଶେଷ ଦିନରେ ବିଜେପି ଓ କଂଗ୍ରେସର ଅନେକ ବଡ ନେତା ପ୍ରାର୍ଥୀଙ୍କ ନିମନ୍ତେ ପ୍ରଚାର କରିଛନ୍ତି। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆରଜି ଷ୍ଟାଡିୟମ ଦେବଗଡରେ ନିର୍ବାଚନୀ ସଭାକୁ ସମ୍ବୋଧିତ କରିଛନ୍ତି। ଏଥିରେ କେନ୍ଦ୍ର ଗୃହମନ୍ତ୍ରୀ ଗଣମାଧମ ସହ ସାକ୍ଷାତକାରରେ କଂଗ୍ରେସ ଉପରେ ବର୍ଷିଛନ୍ତି। ସେପଟେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲୋଟ ବିଭିନ୍ନ ରାଲି ଓ ସଭା ଶୋଭାଯାତ୍ରାକୁ ସମ୍ବୋଧିତ କରିବା ସହ ଗଣମାଧ୍ୟମକୁ ମଧ୍ୟ ଭେଟିଛନ୍ତି। ତେବେ ଏଥର ବିଜେପି ପାଇଁ ରାଜସ୍ଥାନରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଡେବେନ୍ଦ୍ର ଫଡନବୀଶ, ଆସାମ ମୁଖ୍ୟମନ୍ତ୍ରୀ ହିମାନ୍ତ ବିଶ୍ୱାଶରମା, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନ, ବିଜେପି ଜାତୀୟ ମୁଖାପାତ୍ର ସୁଧାଂଶୁ ତ୍ରିବେଦୀ, ସାଂସଦ ମନୋଜ ତିୱାରୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ, ବିଜେପି ରାଜ୍ୟ ସଭାପତି ସି.ପି.ଯୋଶୀ, କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ, ରାଜ୍ୟସଭା ସଦସ୍ୟ କିରୋଡିଲାଲ ମିଣା ମଧ୍ୟ ଅଲଗା ଅଲଗା ବିଧାନସଭା ନିର୍ବାଚନ ମଣ୍ଡଳିରେ ରୋଡ ସୋ ଓ ଜନସମାବେଶରେ ପ୍ରଚାର କରିଛନ୍ତି। ରାଜ୍ୟରେ ନିର୍ବାଚନ ପ୍ରଚାର ଶେଷ ହେବା ପରେ ନିର୍ବାଚନ ଆୟୋଗ କୌଣସି ରାଜନୈତିକ ବ୍ୟକ୍ତି, ଯିଏ ସେହ ନିର୍ବାଚନମଣ୍ଡଳୀର ଭୋଟର ନୁହଁନ୍ତି, ସାଂସଦ ଅଥବା ବିଧାୟକ ନୁହନ୍ତି ସେ ସେହି ନିର୍ବାଚନ ମଣ୍ଡଳିରେ ନିର୍ବାଚନ ପ୍ରଚାର ଶେଷ ହେବାର ତୁରନ୍ତ ବାଦ ରହି ପାରିବେ ନାହିଁ। ଏହି କଟକଣା ୨୩ ନଭେମ୍ବର ସନ୍ଧ୍ୟା ୬ଟାରେ ଲାଗୁ ହୋଇଥିବା ବେଳେ ଭୋଟଗ୍ରହଣ ସମାପ୍ତି ୨୫ ନଭେମ୍ବର ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ଆୟୋଗ ଏଥି ପାଇଁ ପୋଲିସ ପ୍ରଶାସନକୁ ସାମୁଦାୟୀକ କେନ୍ଦ୍ର, ଧର୍ମଶାଳା ଓ ସେପରି ଯାଗା ଯେଉଁଠି ବାହାର ଲୋକଙ୍କୁ ରଖା ଯାଇପାରିବ ସେପରି ସ୍ଥାନ ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଗେଷ୍ଟ ହାଉସ୍, ଲଜ ଓ ହୋଟେଲମାନଙ୍କରେ ରହୁଥିବା ଲୋକଙ୍କ ସୂଚନା ସଂଗ୍ରହ କରିବାକୁ ବାହାରୁ ଆସୁଥିବା ବାହନ ଉପରେ ନଜର ରଖିବାକୁ ଚେକପୋଷ୍ଟ ସ୍ଥାପନା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି।

## ଓଡ଼ିଶା ଭୂସଂସ୍କାର ଦ୍ୱିତୀୟ ସଂଶୋଧନ ବିଲ୍ ୨୦୨୩ ପାରିତ

ଭୁବନେଶ୍ୱର, ୨୩/୧୧ (ନି.ପ୍ର): ବିଧାନସଭା ଅଧିବେଶନର ତୃତୀୟ ଦିନରେ ଗୁରୁବାର ଦ୍ୱିତୀୟାର୍ଦ୍ଧ ବୈଠକରେ ଓଡ଼ିଶା ଭୂସଂସ୍କାର ଦ୍ୱିତୀୟ ସଂଶୋଧନ ବିଲ୍ ୨୦୨୩ ପାରିତ ହୋଇଛି। ଏହି ବିଲ୍ ଆସିବା ଫଳରେ ଏଣିକି ସିକିମ ସତା ଥିବା ଉପଚାଷୀ ଏବଂ ଉପରୟତମାନେ ଜମିର ମାଲିକାନା ପାଇପାରିବେ। ୧୯୭୭ ପର୍ଯ୍ୟନ୍ତ କେବଳ ଚାଷ ଜମି ମାଲିକାନା ପାଇଁ ପାରୁଥିଲେ। କିନ୍ତୁ ଏଣିକି ଉଭୟ ଚାଷଜମି ଏବଂ ବାସଗୃହ ଜମିର ମାଲିକାନା ପାଇପାରିବେ। ଜମିର ମାଲିକାନା ପାଇବା ପାଇଁ ୨ ବର୍ଷ ଭିତରେ ରାଜସ୍ୱ ଅଧିକାରୀଙ୍କ ନିକଟରେ ଆବେଦନ କରି ମାଲିକାନା ସତା ନେଇ ପାରିବେ। ମାଲିକାନା ପାଇବା ପାଇଁ ଆବେଦନକାରୀଙ୍କୁ ଏକର ପିଛା ୧୪,୨୦୦ ଟଙ୍କା କ୍ଷତିପୂରଣ ଦେବାକୁ ପଡ଼ିବ।

## ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରାପଡ଼ିଲେ ଜିଆରଏସ୍



ଜୟପାଟଣା, ୨୩/୧୧ (ନି.ପ୍ର): ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଆଜି ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ବଡ୍‌କର୍ଲାକୋଟ ଜିଆରଏସ୍ ମାରଗ୍ରେଟ୍ ପାଣିଗ୍ରାହୀ। ଜଣେ ଜବ୍ କାର୍ଡଧାରୀଙ୍କଠାରୁ ସେ ଏହି ଅର୍ଥ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏମ୍‌ଜିଏନ୍‌ଆରଇଜି ଯୋଜନାରେ ହୋଇଥିବା ଏକ କାମର ମଷ୍ଟର ରୋଲ ପ୍ରସ୍ତୁତ କରିବା ଓ ଉକ୍ତ ଜବ୍ କାର୍ଡଧାରୀଙ୍କ ସମେତ ଅନ୍ୟ ଜବ୍ କାର୍ଡଧାରୀ ଯେପରି ସେମାନଙ୍କ ପ୍ରାପ୍ୟ ପାଇ ପାରିବେ, ତାହା ନିଶ୍ଚିତ କରିବାକୁ ଜିଆରଏସ୍ ମାରଗ୍ରେଟ୍ ପାଣିଗ୍ରାହୀ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିଲେ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଭିଜିଲାନ୍ସ ଅଧିକାରୀମାନେ ଜିଆରଏସ୍ ଶ୍ରୀମତୀ ପାଣିଗ୍ରାହୀଙ୍କ ଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରିଛନ୍ତି। ଏହା ପରେ ତାଙ୍କ ଘରେ ଚଢ଼ାଉ କରିଥିଲା ଭିଜିଲାନ୍ସ ଟିମ୍। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଏହି ଚଢ଼ାଉ କରାଯାଇଥିଲା। ଭିଜିଲାନ୍ସ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି। ଅନ୍ୟପକ୍ଷରେ ମାରଗ୍ରେଟ୍ ପାଣିଗ୍ରାହୀ ଗଣମାଧ୍ୟମକୁ କହିଛନ୍ତି ଯେ ସେ ଲାଞ୍ଚ ନେଇ ନାହାନ୍ତି। ଅଭିଯୋଗକାରୀ ତାଙ୍କୁ ଜୋର କରି ଟଙ୍କା ଦେଇଥିଲେ। କେତେ ଟଙ୍କା ଥିଲା ତାହା ମଧ୍ୟ ସେ ଜାଣି ନାହାନ୍ତି।

## ରାଜ୍ୟପାଳଙ୍କୁ ଭେଟିଲେ ଅପରାଜିତା

ଭୁବନେଶ୍ୱର, ୨୩/୧୧ (ନି.ପ୍ର): ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଗୁରୁବାର ଦିନ ରାଜଭବନ ଯାଇ ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟିଛନ୍ତି। ସୋସିଆଲ ସାଇଟ୍ ଏକ୍ସରେ ସାଂସଦ ଶ୍ରୀମତୀ ଷଡଙ୍ଗୀ ଏହି ସୂଚନା ଦେଇଛନ୍ତି।

ଅପରାଜିତା ରାଜଭବନ ଯାଇ ରାଜ୍ୟପାଳଙ୍କୁ ଭେଟିବା ସହ ନୂତନ ଦାୟିତ୍ୱ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ରାଜ୍ୟ ସମ୍ବନ୍ଧୀୟ ତଥା ଅନ୍ୟାନ୍ୟ ପ୍ରସଙ୍ଗରେ ରାଜ୍ୟପାଳଙ୍କ ସହ ଆଲୋଚନା କରି ତାଙ୍କ ସହଯୋଗ ଓ ଆଶୀର୍ବାଦ କାମନା କରିଛନ୍ତି ଅପରାଜିତା।

## ଡିପଫେକ୍ ମୁକାବିଲା ପାଇଁ ଖୁବ ଶିଘ୍ର ସ୍ୱତନ୍ତ୍ର ଆଇନ ଆଣିବେ କେନ୍ଦ୍ର ସରକାର



ନୂଆଦିଲ୍ଲୀ, ୨୩/୧୧ : ଡିପଫେକ୍ ଭିଡିଓକୁ ନେଇ ସାରା ଦେଶରେ ଚାଲିଛି ବିର୍ତ୍ତକ । ଏହି ସମୟରେ କେନ୍ଦ୍ର ସରକାରଙ୍କ ଆଇଟି ମନ୍ତ୍ରାଳୟ ସୋଶିଆଲ ମିଡିଆ କଂପାନୀ ସହ ବୈଠକ କରିଛନ୍ତି । ଯେଉଁଥିରେ ଗୁଗୁଲ, ୟୁଟ୍ୟୁବ, ଫେସବୁକ ଭଳି କଂପାନୀର ଅଧିକାରୀ ଉପସ୍ଥିତ ଥିଲେ । କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ବୈଠକରେ ଚାରୋଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସହମତି ପ୍ରକାଶ ପାଇଛି । ବୈଠକ ପରେ ସରକାର କହିଛନ୍ତି । ଯେଉଁଭାବେ ଏଆଇ ଓ ଡିପଫେକକୁ ନେଇ ସଂଗୀନ ଅଭିଯୋଗ ଆସୁଛି ତାହା ଆଗାମୀ ଦିନରେ ବିଶେଷ କରି ନିର୍ବାଚନ ସମୟରେ ବଡ ମୁଣ୍ଡବିନ୍ଧାର କାରଣ ହୋଇପାରେ ବୋଲି ଅନୁମାନ କରାଯାଉଛି। ପ୍ରଚାର ସମୟରେ ସୋସିଆଲ ମିଡିଆରେ ବହୁଳ ବ୍ୟବହାର କରାଯାଏ । ଏହା ଭିତରେ ଏଆଇକୁ ଅପବ୍ୟହାର କରି ରାଜନୈତିକ ଅସ୍ୱଭାବେ ଦୁରୁପଯୋଗ କରିବା ଆଶଙ୍କା ରହିଛି । ଏଆଇ ଓ ଡିପଫେକକୁ ନେଇ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଚିନ୍ତା ▶▶ପୃଷ୍ଠା ୭

## ଉପୁଜିଲା ନୂଆ ସମସ୍ୟା: ସିଲକ୍ୟାରା ଟନେଲରୁ ଶ୍ରମିକଙ୍କୁ ବାହାର କରିବାକୁ ଲାଗିପାରେ ଅଧିକ ସମୟ



ଉତ୍ତରକାଶୀ ୨୩।୧୧: ଉତ୍ତରକାଶୀର ସିଲକ୍ୟାରା ଟନେଲରେ ୪୧ ଜଣଙ୍କ ଜୀବନ ବଞ୍ଚାଇବା ପାଇଁ ଉଦ୍ୟମ ଜାରି ରହିଛି। ତେବେ ଉଦ୍ଧାରକାରୀ ଦଳଙ୍କ ଆଗରେ ନୂଆ ସମସ୍ୟା ଦେଖାଦେଇଛି। ଯେଉଁ ପ୍ଲାଟଫର୍ମରେ ଆମେରିକୀୟ ଅଗର ମେସିନ କାମ କରୁଥିଲା ସେହି ପ୍ଲାଟଫର୍ମଟି ଦୋହଲି ଯାଇଛି। ଏବେ ଏହି ପ୍ଲାଟଫର୍ମକୁ ସ୍ଥିର କରିବା ପାଇଁ କାମ ଚାଲିଛି। ଏଥି ପାଇଁ ଅନେକ ସମୟ ଲାଗିପାରେ ବୋଲି ଅନୁମାନ କରାଯାଉଛି। ରେସ୍କ୍ୟୁ ଅଧିକାରୀଙ୍କ ଅନୁସାରେ ସୁଡ଼ଙ୍ଗରେ ଏପର୍ଯ୍ୟନ୍ତ ୪୬.୮ ମିଟର ଖୋଲା ସରିଲାଣି, ତେବେ ଗୁରୁବାର କାମରେ ବାଧା ସୃଷ୍ଟି ହୋଇଛି। ଏଣୁ ସାରା ଦିନରେ ମାତ୍ର ୧.୮ ମିଟର ହିଁ ଖୋଲା ହୋଇପାରିଛି। ମେସିନ ଲାଗି ପ୍ଲାଟଫର୍ମ ସ୍ଥିର ହେବା ପରେ ଡ୍ରିଲିଂ ପ୍ରକ୍ରିୟା ପୁଣି ଆରମ୍ଭ ହେବ। ଏଣୁ ରେସ୍କ୍ୟୁରେ ବାଧା ଉପୁଜିବାରୁ ଟନେଲରେ ଫଶିଥିବା ଶ୍ରମିକଙ୍କ ଅପେକ୍ଷା ଆହୁରି ଦୀର୍ଘ ହୋଇଛି। ଅଧିକାରୀଙ୍କ ଅନୁସାରେ ଗୁରୁବାର ରାତି ସୁଦ୍ଧା ଅପରେସନ ଶେଷ କରାଯିବାର ଥିଲା। ▶▶ପୃଷ୍ଠା ୭

## ଭୁବନେଶ୍ୱର ମାର୍କେଟକୁ ଆସିଲା ଭାରତ ଅଟା: ବିକ୍ରି କରୁଛି ନାଫେଡ୍

ଭୁବନେଶ୍ୱର, ୨୩/୧୧ (ନି.ପ୍ର): ଭୁବନେଶ୍ୱର ବଜାରକୁ ପ୍ରଥମ ଥର ପାଇଁ କେନ୍ଦ୍ର ସରକାରଙ୍କ ଭାରତ ଅଟା ଆସିଛି। ଦୁଇ ସପ୍ତାହ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ ଭାରତ ଅଟାକୁ ଶୁଭାରମ୍ଭ କରିଥିଲେ। ଭାରତ ଅଟା କିଲୋ ପିଛା ୨୭ଟଙ୍କା ୫୦ ପଇସା ରହିଛି। ଜାତୀୟ କୃଷି ସମବାୟ ବିପଣନ ମହାସଂଘ ଲିମିଟେଡ୍ (ନାଫେଡ୍) ଦ୍ୱାରା ଏହି ଭାରତ ଅଟା ବଣ୍ଟନ କରାଯାଉଛି। ଅନ୍ୟ ବ୍ରାଣ୍ଡ ତୁଳନାରେ ଏହି ଅଟା ଶସ୍ତାରେ ମିଳୁଥିବାରୁ ଏହାକୁ ନେବା ପାଇଁ ଲୋକଙ୍କ ଭିତରେ ଖୁସି ଦେଖିବାକୁ ମିଳୁଛି। ବାହାରେ ୫କିଲୋ ଓଜନର ଅଟାର ଦର ୨୪୦ ଟଙ୍କା ଥିବା ବେଳେ ନାଫେଡ ଦ୍ୱାରା ଏହା କୁ ୧୪୦ଟଙ୍କାରେ ବିକ୍ରି କରାଯାଉଛି। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିକଟରେ ଭାରତ ଅଟା ବିକ୍ରି ନେଇ ଘୋଷଣା କରିଥିଲେ। ସରକାର ସାରା ଦେଶରେ କିଲୋ ପିଛା ୨୭ ଟଙ୍କା ୫୦ ପଇସା ଦରରେ ଅଟା ବିକ୍ରି କରିବାକୁ ଘୋଷଣା କରିଥିଲେ। ମୋବାଇଲ ଭ୍ୟାନ ମାଧ୍ୟମରେ ସବୁ ରାଜ୍ୟରେ ଏହି ଅଟା ବିକ୍ରି କରାଯିବ। କେନ୍ଦ୍ରମନ୍ତ୍ରୀ ଶ୍ରୀ ଗୋୟଲ ଗତ ୬ ତାରିଖ ଦିନ ଦିଲ୍ଲୀରେ ଅଟା ଡେଲିଭରି ଯାନ (ମୋବାଇଲ୍ ଭ୍ୟାନ୍)କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଭାରତ ଅଟା ୧୦ କେଜି ୩୦ କେଜି ପ୍ୟାକରେ ଉପଲବ୍ଧ ହୋଇଛି।

## ଭୁବନେଶ୍ୱର ବାଲିଯାତ୍ରା: ୨୭ରୁ ଡିସେମ୍ବର ୫ ଯାଏଁ ଜାରି ରହିବ ଜିନିଷପତ୍ରର ପ୍ରଦର୍ଶନୀ ଓ ବିକ୍ରି

ଭୁବନେଶ୍ୱର, ୨୩/୧୧ (ନି.ପ୍ର): କୁଆଖାଇ ନଦୀପଠାରେ ଚଳିତ ନଭେମ୍ବର ୨୭ରୁ ଡିସେମ୍ବର ୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ବାଲିଯାତ୍ରାର ଆୟୋଜନ ହେବ। ବାଲିଯାତ୍ରାରେ ବିଭିନ୍ନ ଜିନିଷପତ୍ରର ପ୍ରଦର୍ଶନୀ ଓ କିଣାବିକା ହେବ। ଏଥି ସହିତ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହେବ। ପ୍ରତିଦିନ ହଜାର ହଜାର ଦର୍ଶକ ବାଲିଯାତ୍ରା ସ୍ଥଳକୁ ବୁଲିବାକୁ ଯିବେ। ବାଲିଯାତ୍ରା ପାଇଁ ଆଜି ଭୁବନେଶ୍ୱର ସର୍କିଟ ହାଉସରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଲିଯାତ୍ରାକୁ ସୁରୁଖୁରୁରେ ଶେଷ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ଟ୍ରାଫିକ ସମସ୍ୟାକୁ ସହଜ କରିବା ପାଇଁ ଆଲୋଚନା ହୋଇଛି। ଏହା ସହିତ ସୁରକ୍ଷା ବ୍ୟବସ୍ଥା, ପାନୀୟଜଳ, ବିଦ୍ୟୁତ୍, ଅଗ୍ନିଶମ, ଓଡ୍ରାଫ, ପରିମଳ ଆଦିକୁ ମଧ୍ୟ ପ୍ରାଧାନ୍ୟ ଦିଆଯାଇଥିଲା ବୋଲି ଭୁବନେଶ୍ୱର ବାଲିଯାତ୍ରା କମିଟିର ସାଧାରଣ ସଂପାଦକ ଯଶୋବନ୍ତ ଓଝା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ଗଣମାଧ୍ୟମ ଓ ଗଣତନ୍ତ୍ର ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ : କେନ୍ଦ୍ରମନ୍ତ୍ରୀ




ଭୁବନେଶ୍ୱର, ୨୩/୧୧ (ନି.ପ୍ର): ଗଣମାଧ୍ୟମ ଓ ଗଣତନ୍ତ୍ର ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ। ଇନଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍ ଦ୍ୱାରା ଆୟୋଜିତ ତିନି ଦିନିଆ ଜାତୀୟ ମିଡିଆ କନକ୍ଲେଭର ଉଦ୍‌ଯାପନୀ ସମାରୋହରେ ଗୁରୁବାର ଅନ୍‌ଲାଇନ୍ ମାଧ୍ୟମରେ ଯୋଗଦେଇ କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍ ମୁର୍ଗାନ୍ ଏଭଳି ଏକ ପରିକଳ୍ପନାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି ଡିଜି-ଟେକ୍ ସହିତ ସେମାନଙ୍କର ସମ୍ପର୍କ ଗଣତନ୍ତ୍ରକୁ ଅଧିକ ସୁଦୃଢ଼ କରିବ ବୋଲି ଡକ୍ଟର ମୁର୍ଗାନ୍ ଅବିହିତ କରିଥିଲେ। ସେ ନାସନାଲ ମିଡ଼ିଆ କନକ୍ଲେଭର ଏଭଳି ପଦକ୍ଷେପକୁ ଭୂରିଭୂରି ପ୍ରଶଂସା କରିଥିଲେ। କ୍ଳ ବିଶ୍ୱବିଦ୍ୟାଳୟ ଓ କିଟ୍ ସହଯୋଗରେ ଇନଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍ ଦ୍ୱାରା ଆୟୋଜିତ କନକ୍ଲେଭରେ ଭାରତର ବିଶେଷଜ୍ଞମାନେ ଗଣମାଧ୍ୟମ ଓ ଗଣତନ୍ତ୍ରକୁ ଡିଜି-ଟେକ୍ ସହ ଯୋଡ଼ିବା ପାଇଁ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିଛନ୍ତି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଥିଲେ ଯେ ଓଡ଼ିଶାରେ ଗଣମାଧ୍ୟମର ବିକାଶ ପାଇଁ ସରକାର ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି ଏବଂ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ପାଇଁ ସରକାର କ୍ଷେତ୍ର ପ୍ରସ୍ତୁତ କରୁଛନ୍ତି ବୋଲି ସେ ମତବ୍ୟକ୍ତ କରିଥିଲେ। ▶▶ପୃଷ୍ଠା ୭

## ଚୀନରେ ଆଉ ଏକ ମହାମାରୀର ବିପଦ

♦ବିଦ୍ୟାଳୟରେ ପିଲାଙ୍କୁ ବ୍ୟାପୁଛି ରହସ୍ୟମୟୀ ସଂକ୍ରମଣ

♦ବିଦ୍ୟାଳୟ ବନ୍ଦ କରିବାକୁ ଚାଲିଛି ପ୍ରସ୍ତୁତି

ନୂଆଦିଲ୍ଲୀ, ୨୩/୧୧ : ଏବେ ଚୀନ୍‌ର ସ୍କୁଲ୍ ଗୁଡ଼ିକରେ ଗୋଟାଏ ରହସ୍ୟଜନକ ମହାମାରୀ ମୁଣ୍ଡ ଟେକୁଛି । ଅଜବ ଧରଣର ନିମୋନିଆ ବ୍ୟାପିଥିବାରୁ ଏଥିରେ ଅଧିକ ସଂଖ୍ୟାରେ ପିଲାମାନେ ସଂକ୍ରମଣ ହେଉଥିବା ଜଣାପଡିଛି । ବେଜିଂ ଏବଂ ଲିଓନିଂର ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଅସୁସ୍ଥ ଶିଶୁଙ୍କ ସଂଖ୍ୟା ହଠାତ୍ ବୃଦ୍ଧି ପାଇଛି। ଏଠାରେ ଭର୍ତ୍ତି ହୋଇଥିବା ରୋଗୀଙ୍କ ସଂଖ୍ୟା ଅଧିକ ଥିବାରୁ ଡାକ୍ତରଖାନାର ସମ୍ବଳ ଉପରେ ଚାପ ବଢୁଛି ବୋଲି ସ୍ୱାସ୍ଥ୍ୟ ଅଧିକାରୀମାନେ କହିଛନ୍ତି। ଏହି ଅଜଣା ନିମୋନିଆ ଦ୍ୱାରା ଆକ୍ରାନ୍ତ ପିଲାମାନଙ୍କଠାରେ ଶ୍ୱାସପ୍ରଶ୍ୱାସ ଜନିତ ସମସ୍ୟା ଦେଖାଯାଉଛି । ସଂକ୍ରାମକ ରୋଗ ସଂକ୍ରମଣ ସଂକ୍ରାନ୍ତରେ ସମଗ୍ର ବିଶ୍ୱରେ ଦୃଷ୍ଟି ରଖୁଥିବା 'ପ୍ରୋମେଡ୍' ନାମକ ସଙ୍ଗଠନ ଏଥିପାଇଁ ସତର୍କ ସୂଚନା ଜାରି କରିଛି । ଉଲ୍ଲେଖଯୋଗ୍ୟ, ଡିସେମ୍ବର ୨୦୧୯ରେ 'ସାର୍ସ-କୋଭ୍-୨' ବିଷୟରେ ମଧ୍ୟ 'ପ୍ରୋମେଡ୍' ସତର୍କ କରାଇଥିଲା। ଇନଫ୍ଲୁଏଞ୍ଜା ଭଳି ଲକ୍ଷଣ ଦେଖାଯାଉଥିବା ଏହି ରୋଗ ସଂକ୍ରମଣ, ବିଶେଷକରି ପିଲାମାନଙ୍କଠାରେ ଅଧିକ

# ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ

ଜୟପୁର, ୨୨/୧୧ (ନି.ପ୍ର): ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକ ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଜୟପୁର ଗୋଷ୍ଠି ଉନ୍ନୟନ ଅଧିକାରୀ ଶକ୍ତି ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ର ପଟ୍ଟନାୟକ, ବିଇଓ ଚନ୍ଦନ ନାୟକ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ୧୧୫ ଜଣ କୁନି କୁନି ବୈଜ୍ଞାନିକ ନିଜର ପ୍ରକଳ୍ପ ଆଣି ଚମତ୍କାର ଭାବରେ ପ୍ରଦର୍ଶନ କରିଥିଲେ। ଏଥିରୁ ୫ ଜଣ କୁନି ବୈଜ୍ଞାନିକ ଜିଲ୍ଲାସ୍ତରକୁ ଚୟନ ହୋଇଛନ୍ତି । ୧-ଶିବ ଶଙ୍କର ପୂଜାରୀ (ସରକାରୀ ଉଚ୍ଚବିଦ୍ୟାଳୟ ଏକମ୍ବା ), ୨. ସାହିଲ ଗରଡ଼ା ( ସରକାରୀ ଉଚ୍ଚ ବିଦ୍ୟାଳୟ ଏକମ୍ବା), ୩- ପୁଷ୍ପାଞ୍ଜଳୀ ପ୍ରଧାନ ( ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁର ), ୪-ଜ୍ୟୋତି ନାୟକ (ୟୁଜିଏଚଏସ୍ ସୋଲପା), ୫-ଶିବାନୀ ଗୌଡ (ଜି ଏନ୍ ୟୁ ପିଏସ୍ ଘିଉରି) ଏବଂ ୧୦ ଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ବିତରଣ କରାଯାଇଛି। ଏହି କାର୍ଯ୍ୟକ୍ରମର ଉଜ୍ଜାପନି ସମାରୋହରେ ସଭାପତି ଥିଲେ ଜୟପୁର ଗୋଷ୍ଠି ଶିକ୍ଷା ଅଧିକାରୀ ଚନ୍ଦନ ନାୟକ। ମୁଖ୍ୟ ଅତିଥି ଥିଲେ ଦେବୀ ପ୍ରସାଦ ମିଶ୍ର, ମୁଖ୍ୟବକ୍ତା ନରେନ୍ଦ୍ର ନାଥ ପଟ୍ଟନାୟକ, ଆବାହକ ଶ୍ୟାମ ମେହେର, ଏବଂ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ପର୍ଯ୍ୟଟନ ବିଭାଗର ପ୍ରଶିକ୍ଷିକା ସୁବର୍ଣ୍ଣ ଖିଲ । ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଜୟପୁରର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଅନ୍ୟ ଶିକ୍ଷକ ଦେବେନ୍ଦ୍ର କୁମାର ପାଢ଼ି, ସୋମନାଥ ଶାକିଆ, ବିଶ୍ୱରଞ୍ଜନ ଗୌଡ, ସୁଜିତ ନାୟକ, ହିତକର ଚରତି, ପ୍ରଭାକର ମହାରଣା, ନରେଶ ଷଡ଼ଙ୍ଗୀ, ଶିକ୍ଷୟିତ୍ରୀ କଲ୍ୟାଣୀ ନାୟକ, ପ୍ରଭାତି ପାଣିଗ୍ରାହି, କେ. ପ୍ରମିଳା, ରଶ୍ମିତା ନାହାକ, ଶୁଭସ୍ମିତା ସାହୁ , ସାଗରିକା ପାତ୍ର, ବନିତା ସତପଥୀ, ବନିତା ପଣ୍ଡା, ସୁଧା ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଛନ୍ତି। ଶେଷରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଓମ ପ୍ରକାଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# କୁରାଡିହା ପଞ୍ଚାୟତରେ ସଦର ବିଜେପିର 'ମହା ମିଶ୍ରଣ ପର୍ବ'




ବାଲେଶ୍ୱର, ୨୩/୧୧ (ନି.ପ୍ର): ଆଜି ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୁରାଡିହା ପ ।ୟତରେ ସଦର ବିଜେପି ପକ୍ଷରୁ ମହା ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଅଛି । ଏହି ପରିପ୍ରେକ୍ଷୀରେ ସଦର ନେତା ମାନସ କୁମାର ଦ ଙ୍କ ନେତୃତ୍ୱରେ କୁରାଡିହା ପ ।ୟତର ବହୁ ବିଜେଡି ଦଳର ନେତା ଏବଂ କର୍ମୀ ଦଳ ପରିତ୍ୟାଗ କରି ଆଜି ବିଧିବଦ୍ଧ ଭାବେ ଭାରତୀୟ ଜନତା ପାର୍ଟିରେ ଯୋଗଦାନ କରିଛନ୍ତି । ସମସ୍ତଙ୍କୁ ଦଳୀୟ ଉ ରୀୟ ଓ ଟୋପି ପିନ୍ଧାଯାଇ ଦଳରେ ସାମିଲ କରାଯାଇଥିଲା । ଭାରତର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଜନକଲ୍ୟାଣକାରୀ ଯୋଜନାରେ ଅନୁପ୍ରାଣିତ ହୋଇ ତଥା ରାଷ୍ଟ୍ରୀୟ ସଭାପତି ଶ୍ରୀ ଜେ.ପି. ନଡ୍ଡା, କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ, ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଓ ସଦର ନେତା ମାନସ କୁମାର ଦ ଙ୍କ ଦୃଢ କାର୍ଯ୍ୟଦକ୍ଷତା ଏବଂ ନେତୃତ୍ୱ ଉପରେ ଭରସା ରଖି ବାଇଧର ସେଠୀ, ଗେଣ୍ଡୁ ଦାସ, ବାଦଲ ସେଠୀ, ଶ୍ରୀଧର ଦାସ, ରବୀନ୍ଦ୍ର କୁମାର ଦାସ, ଗଜେନ୍ଦ୍ର ମହାଳିକ, ଉମାକାନ୍ତ ଜେନା, ଜଗନ୍ନାଥ ଜେନା, ନିତ୍ୟାନନ୍ଦ ଦାସ, ନରେନ୍ଦ୍ର ଜେନା, ଅର୍ଜୁନ ଜେନା, ମୁକୁନ୍ଦ ଧଳ, ପପୁ ଦାସ, ମଙ୍ଗୁଲି ଜେନା, ରବିନ୍ଦ୍ର ଜେନା ଆଦି ବହୁ ସଂଖ୍ୟାରେ ବିଜେପିରେ ଯୋଗଦାନ କରିଛନ୍ତି । ଆଜି ଓଡିଶାରେ ଜନସାଧାରଣ ବିଜୁ ଜନତା ଦଳର ଅତ୍ୟାଚାରରେ ଅତିଷ୍ଠ ହୋଇ ପଡିଲେଣି । ଦୀର୍ଘ ୨୩ ବର୍ଷ ଶାସନରେ ଆଜି ଓଡିଶାରେ ଦୁର୍ନୀତି, ଭ୍ରଷ୍ଟାଚାର ଚରମ ସୀମାରେ ପହ ିଛି । ଗତ ଉପନିର୍ବାଚନରେ ବାଲେଶ୍ୱର ଦାୟିତ୍ୱ ଗ୍ରହଣ କରିଥିବା ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ଆଜି ପାଣିର ଗାର ସଦୃଶ ବୋଲି ସାମିଲ ହୋଇଥିବା କାର୍ଯ୍ୟକ ୍ । ମାନେ ପରିପ୍ରକାଶ କରିଛନ୍ତି । ଆଜି ସମସ୍ତଙ୍କର ଯୋଗଦାନ ପ୍ରମାଣିତ କରୁଛି ଯେ ପ୍ରଧାନମନ୍ତ୍ରୀ ପ୍ରତି ଲୋକମାନଙ୍କର ଆସ୍ଥା ଓ ସାମାଜିକ ନେତୃତ୍ୱର ବିଶ୍ୱାସ ବୃଦ୍ଧି ପାଉଛି । ଦଳରେ ମିଶିଥିବା ଅନୁଭବୀ ନେତା ଓ କାର୍ଯ୍ୟକ ୍ଙ୍କ ଉପସ୍ଥିତି ବୁଥ ସ୍ତରରେ ଦଳର ସାଙ୍ଗଠନିକ ସ୍ଥିତିକୁ ଆହୁରି ଅଧିକ ସୁଦୃଢ କରିବା ସହିତ ଅଧିକରୁ ଅଧିକ ଜନତାଙ୍କ ଆସ୍ଥାଭାଜନ ହେବାରେ ସହାୟକ ହେବ ବୋଲି ସଦର ନେତା ମାନସ ଦ  ମତପ୍ରକାଶ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ପ୍ରଭାରୀ ଗଙ୍ଗାଧର ରାଉତ, ଲୋକନାଥ ଭୂୟାଁ, ହରେନ୍ଦ୍ର ପ୍ରଧାନ, ମଣ୍ଡଳ ସାଧାରଣ ସମ୍ପାଦକ କା ିକ ପ୍ରଧାନ ଓ ଅନ୍ତର୍ଯ୍ୟାମୀ ବେହେରା, ପ ।ୟତ ସଭାପତି ସଦାଶିବ ଜେନା, ପ ।ୟତ ପ୍ରଭାରୀ କିଶୋର ସାହୁ, ନାଏବ ସରପ  ସୁମିତ୍ରା ବାରିକ, ରଞ୍ଜୁଲତା ବାରିକ, ମାୟାଧର ତରେଇ, ପୁରୁଷୋ ମ ବାରିକ, ସୀତାରାମ ବେହେରା, ବିଶ୍ୱନାଥ ଧଳ, ପ ୁରନ୍ ଧଳ, ନିରଞ୍ଜନ ବାରିକ, ଚାଲୋକ ବେହେରା, ନରେନ୍ଦ୍ର ମହାଳିକ, ଜୟରାମ ପାତ୍ର ସହିତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ ।

# ଛାତ୍ରଛାତ୍ରୀଙ୍କ ପାଇଁ ବିଜ୍ଞାନ ପ୍ରଦର୍ଶନୀ

ଭୁବନେଶ୍ୱର , ୨୨/୧୧ (ନି.ପ୍ର): ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ ମଂଚେଶ୍ୱର ଶାଖା ପକ୍ଷରୁ ରେଳଡବା ମରାମତି କର୍ମଶାଳା ତାଲିମ କେନ୍ଦ୍ରରେ ସାଇନ୍ସ (ବିଜ୍ଞାନ) ପ୍ରଦର୍ଶନୀ ଆୟୋଜନ କରାଯାଇଛି। ଯେଉଁଠାରେ କୌଶଳ ବିକାଶ ସମ୍ପର୍କରେ ଜ୍ଞାନଲାଭ କରିବା ପାଇଁ ସ୍କୁଲ ପିଲାମାନଙ୍କୁ ପ୍ରୋତ୍ସାହିତ କରାଯାଇ କୋଚ୍, ଚକ, ଭୋଲ୍ଟ ମିଟର ଆମିଟର୍ ଏବଂ ଏସି କୌଶଳ ଇତ୍ୟାଦି ରେଳ କୋଚ୍ ମରାମତିର କାର୍ଯ୍ୟ ବିଷୟରେ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ଦିଆଯାଇଥିଲା। ମହିଳା କଲ୍ୟାଣ ସଂଗଠନର କାର୍ଯ୍ୟକର୍ତା ଶ୍ରୀମତୀ ଡୋଲା ମିତ୍ର, ନିବେଦିତା କର ଏବଂ ପ୍ରଜ୍ଞା ମହାପାତ୍ର ଇତ୍ୟାଦି ବିଜ୍ଞାନ ପ୍ରଦର୍ଶନୀକୁ ସଂଯୋଜନା କରିଥିଲେ ।

# ମୋ ସେବା କେନ୍ଦ୍ର ଜିଲ୍ଲାସ୍ତରୀୟ ବୈଠକ

କେନ୍ଦ୍ରାପଡ଼ା, ୨୨/୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ଥିବା "ମୋ ସେବା କେନ୍ଦ୍ର"ର ଭିଏଲଇ ମାନଙ୍କ ଏକ ଜିଲ୍ଲାସ୍ତରୀୟ ବୈଠକ ଗଗୁଆଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଦିପକ କୁମାର ନାୟକ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବରେ ଜିଲ୍ଲା ଆଇଟି ବିଭାଗର ଡିଜିଏମ୍ ଜ୍ଞାନ ରଂଜନ ସେଠୀ, ମୁଖ୍ୟବକ୍ତା ଭାବରେ "ମୋ ସେବା କେନ୍ଦ୍ର"ର ଜିଲ୍ଲା ପରିଚାଳକ ହମଦ କୁମାର ପାତ୍ର ଯୋଗ ଦେଇଥିଲେ । ରାଜ୍ୟ ସରକାରଙ୍କ ୫ଟି ଅଧିନରେ ଥିବା "ମୋ ସେବା କେନ୍ଦ୍ର"କୁ ସହଜ ସଂସ୍ଥା ପରିଚାଳନା କରୁଥିବାବେଳେ ରାଜ୍ୟ ସରକାରଙ୍କ ସମସ୍ତ କାର୍ଯ୍ୟ ଅନଲାଇନ୍ ମାଧ୍ୟମରେ କରାଇବାକୁ ମୋ ସେବା କେନ୍ଦ୍ର ପ୍ରତ୍ୟେକ ପଂଚାୟତରେ କରାଯାଇଛି । ସାଧାରଣ ଲୋକମାନଙ୍କ ନିକଟରେ ଅନଲାଇନ ସେବା ପହଁଚାଇବା ପାଇଁ ପ୍ରତ୍ୟେକ ପଂଚାୟତ ପରିସରରେ "ମୋ ସେବା କେନ୍ଦ୍ର" କରିବାକୁ ଆବଶ୍ୟକ ଘର ଯୋଗାଇ ଦେବା ନେଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ପ୍ରତ୍ୟେକ ପଂଚାୟତ ସରପଂଚ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଜିଲ୍ଲାପାଳଙ୍କ ଚିଠି ଅନୁସାରେ ବ୍ଲକର ବିଡିଓମାନେ ଚିଠି କରିଛନ୍ତି । ମାତ୍ର ମୋ ସେବା କେନ୍ଦ୍ର ଖୋଲିବାକୁ ସରପଂଚମାନେ କିମ୍ବା କାର୍ଯ୍ୟନିର୍ବାହୀ ଅଧିକାରୀମାନେ ସହଯୋଗ କରୁ ନ ଥିବାର ଭିଏଲଇମାନେ ଅଭିଯୋଗ କରିଥିଲେ । ଅନ୍ୟ ପକ୍ଷରେ ରାଜ୍ୟ ସରକାରଙ୍କ ୫ଟି ଅଧିନରେ ଥିବା ମୋ ସେବା କେନ୍ଦ୍ର ସ୍ଥାପନା ହେବା ପରେ ସରକାରଙ୍କ ସେବାଗୁଡିକ ପବ୍ଲିକ ପୋର୍ଟାଲରେ ନଦେଇ ମୋ ସେବା କେନ୍ଦ୍ର ପୋର୍ଟାଲରେ ଦେବା, ସମସ୍ତ ସରକାରୀ ବିଭାଗ ଗୁଡିକ ରାଜ୍ୟ ସରକାରଙ୍କ ୫ଟି ନିୟମ ଅନୁସାରେ ନିର୍ଦ୍ଧିଷ୍ଟ ସମୟ ସୀମା ମଧ୍ୟରେ କାର୍ଯ୍ୟ ସମ୍ପାଦନ କରିବା, ସେବା ନଥାଇ ସହଜ ଅନ୍ୟଥାରେ ଭିଏଲ୍ଇମାନଙ୍କ ଠାରୁ ଦୈନିକ ୫ଟଙ୍କା ଲେଖାଏଁ କାଟିବା ଆଦି ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା । ବିଭିନ୍ନ ସମସ୍ୟା ସମ୍ପର୍କରେ ସମାଧାନ କରିବା ପାଇଁ ଉଚ୍ଚ କର୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଡିଜିଏମ୍ ଶ୍ରୀ ସେଠୀ ଓ ଜିଲ୍ଲା ପରିଚାଳକ ଶ୍ରୀ ପାତ୍ର ପ୍ରତିଶୃତି ଦେଇଥିଲେ । ବୈଠକର ଦ୍ୱିତୀୟ ପର୍ଯ୍ୟାୟରେ ମୋ ସେବା କେନ୍ଦ୍ରର ଜିଲ୍ଲା ସ୍ତରୀୟ କମିଟି ଗଠନ କରାଯାଇଥିଲା । ଏହି କମିଟିର ଜିଲ୍ଲା ସଭାପତି ଭାବରେ ଦିପକ କୁମାର ନାୟକ, ଉପସଭାପତି ପତିତପାବନ ବେହେରା, ପ୍ରଦୀପ କୁମାର ଦାସ, ଦୈତାରୀ ସାହୁ ମନୋନୀତ ହୋଇଥିବାବେଳେ ସମ୍ପାଦକ ଭାବରେ ମଳୟ କେତନ ସାହୁ, ସହସମ୍ପାଦକ ଭାବରେ ପ୍ରେମାନନ୍ଦ ନାୟକ, ସଂଜୟ କୁମାର ଗାଏନ୍, ହରମୋହନ ପଟ୍ଟନାୟକ ଓ କୋଷାଧ୍ୟକ୍ଷ ଭାବରେ ରଶ୍ମୀରଂଜନ ସ୍ୱାଇଁ ମନୋନୀତ ହୋଇଥିଲେ । ସେହିପରି ଉପଦେଷ୍ଟା ସଦସ୍ୟ ଭାବରେ ଜ୍ଞାନ ବଲ୍ଲଭ ମହାନ୍ତି, ଶରତ କୁମାର ପାତ୍ର, ଜଗନ୍ନାଥ ମହାନ୍ତି, ଶ୍ରୀ ଚରଣ ଦାସ, ପ୍ରତାପ ଚନ୍ଦ୍ର ଧଳ ଓ ବାଇଧର ରାଉତ ରହିଥିବାବେଳେ ସମସ୍ତ ବ୍ଲକ କମିଟିର ସଭାପତି ଓ ସମ୍ପାଦକମାନେ କାର୍ଯ୍ୟକାରୀ ସଦସ୍ୟ ଭାବରେ ରହିଛନ୍ତି । ଜିଲ୍ଲାର ୯ଟି ବ୍ଲକରେ ଥିବା "ମୋ ସେବା କେନ୍ଦ୍ର"ର ଶତାଧିକ କେନ୍ଦ୍ର ପରିଚାଳକ ତଥା ଭିଏଲଇମାନେ ଯୋଗ ଦେଇଥିଲେ ।

# ଭୁବନେଶ୍ୱରରେ ବହୁ ଭାଷା କବି ସମ୍ବର୍ଦ୍ଧନାରେ କନ୍ଧମାଳର କୁଇ କବି ସମ୍ବର୍ଦ୍ଧିତ

କନ୍ଧମାଳ, ୨୨/୧୧ (ନି.ପ୍ର): ଭୁବନେଶ୍ୱର ସ୍ଥିତ ଅନୁସୂଚିତ ଜାତି ଏବଂ ଜନ ଜାତି ଗବେଷଣା କେନ୍ଦ୍ରଠାରେ ଜନଜାତୀୟ ଗୌରବ ଦିବସ ସମାରୋହ ଅବସରରେ, ସହୀଦ୍ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ଦିନ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ବହୁ ଭାଷୀ ଜନଜାତି କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କୁଇ, ସଉରା, ବିଂଝାଲ୍ , କୋୟା, କୋରାପୁଟ ଦେଶୀୟା, ଗଦବା, ଗଣ୍ଡି ଇତ୍ୟାଦି ଭାଷାରେ କବିମାନେ କବିତା ପାଠ କରିଥିଲେ। ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି , ପ୍ରଖ୍ୟାତ କବି ତଥା ପୁରୀ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ଦାଶ ବେନେହୁର୍ ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ। ଇନ୍ଦ୍ରମଣି ତ୍ରିପାଠୀ, ନିର୍ଦ୍ଦେଶକ, ଆସିଷ୍ଟାଂଟ୍ ଡାଇରେକ୍ଟର ସମରେନ୍ଦ୍ର ଭୂତିଆ , ଉପ ନିର୍ଦ୍ଦେଶକ ସନ୍ତୋଷ ରଥ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ସମରେନ୍ଦ୍ର ଭୂତିଆ ସ୍ୱାଗତ ଅଭିଭାଷଣ ଦେଇ ଥିବାବେଳେ ସୁଶ୍ରୀ ମଧୁସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଗବେଷଣା କେନ୍ଦ୍ରର ସମସ୍ତ କର୍ମକର୍ତା ଉପସ୍ଥିତ ଥିଲେ। ମୁଖ୍ୟ ବକ୍ତା କହିଥିଲେ ଭାବ ବିହ୍ୱଳତା ହିଁ ଜଣକୁ କବି କରି ଗଢ଼ି ତୋଳେ। ଆଦ୍ୟରୁ ହିଁ ଆଦିବାସୀମାନେ କବି ପ୍ରତିଭାର ଅଧିକାରୀ। ପ୍ରକୃତିର କୋଳ ହିଁ ଆଦିବାସୀଙ୍କୁ କବି କରି ଗଢ଼ି ତୋଲିଛି କେଉଁ ଆଦି ଅନାଦି କାଳରୁ। ମୁନି ଋଷିମାନେ ପର୍ବତ, ଝରଣାଆଦି ପ୍ରାକୃତିକ ପରିବେଶ ନିକଟରେ ବସବାସ କରି ସାହିତ୍ୟ ସର୍ଜନା କରୁଥିଲେ। ତାହା ଆଦିବାସୀଙ୍କ ନିକଟରେ ହିଁ ଦେଖାଯାଏ। ମନ୍ତ୍ରୀ ସରକାରଙ୍କର ଆଦିବାସୀଙ୍କର ଭାଷା ସୁରକ୍ଷା ଏବଂ ସାହିତ୍ୟ ପାଇଁ ସରକାରୀ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଏହି କବି ସମ୍ମିଳନୀରେ କନ୍ଧମାଳ ଜିଲ୍ଲା ଏବଂ କଳାହାଣ୍ଡି ଜିଲ୍ଲାରୁ ଅନେକ କୁଇ କବି କବିତା ପାଠ କରିଥିଲେ ଏବଂ ସେମାନଙ୍କୁ ମାନପତ୍ର, ଉପଢୌକନ ଏବଂ ସ୍ମୃତି ଉପହାର ଦେଇ ସମ୍ମାନିତ କରାଯାଇଥିଲା। କବି ଦୀନବନ୍ଧୁ କହଁର, ଡା ନୀରଦ ଚନ୍ଦ୍ର କହଁର, ପ୍ରଦୀପ କହଁର, ଗଣପତି ମଲିକ, ବିଶ୍ୱମ୍ବର ପ୍ରଧାନ, କରୁଣାକର ପ୍ରଧାନ, ଭୃଙ୍ଗରାଜ କହଁର ଏବଂ ମେଦିନୀଧର ଜାନୀ କୁଇ କବିତା ପାଠ କରି ଶ୍ରୋତାମାନଙ୍କୁ ବିମୋହିତ କରି ଦେଇଥିଲେ।

# କେନ୍ଦ୍ରାପଡ଼ାରୁ ୧୧୩ ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରାର ଶୁଭାରମ୍ଭ

କେନ୍ଦ୍ରାପଡ଼ା, ୨୨/୧୧ (ନି.ପ୍ର): କେନ୍ଦ୍ରାପଡ଼ାରୁ ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା ଆରମ୍ଭ ହୋଇଛି। ଏହା ଯାତ୍ରାକୁ ପତାକା ଦେଖାଇ ଜିଲ୍ଲାପାଳ ଶ୍ରୀ ଅମ୍ରିତ୍ ଋତୁରାଜ ଶୁଭାରମ୍ଭ କରିବା ସହ ବରିଷ୍ଠ ନାଗରିକ ମାନଙ୍କୁ ସେମାନଙ୍କ ଯାତ୍ରା ପାଇଁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି। ପଞ୍ଜିକରଣରେ ଯୋଗ୍ୟ ବିବେଚିତ ହୋଇଥିବା ୧୩୫ ଜଣ ବରିଷ୍ଠ ତୀର୍ଥଯାତ୍ରୀଙ୍କ ମଧ୍ୟରୁ ଉପସ୍ଥିତ ଥିବା ତୀର୍ଥଯାତ୍ରୀଙ୍କ ମେଡ଼ିକାଲ୍ ଚେକ୍ ଅପ୍ ପରେ ୧୧୩ ଜଣ ହରିଦ୍ୱାର-ଋଷିକେଶ ଯାତ୍ରା ପାଇଁ କେନ୍ଦ୍ରାପଡ଼ାରୁ ଯାତ୍ରା ଆରମ୍ଭ କରିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଡା. ବୈକୁଣ୍ଠନାଥ ପଣ୍ଡାଙ୍କ ନେତୃତ୍ୱରେ ଏକ ମେଡିକାଲ୍ ଟିମ୍ ଗଠନ କରାଯାଇ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଆଜି ଭୁବନେଶ୍ୱରରେ ବରିଷ୍ଠ ନାଗରିକମାନେ ରାତ୍ରୀ ରହଣି କରିବେ। ଆସନ୍ତାକାଲି ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶୁଭାରମ୍ଭ ପରେ "ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା" ଟ୍ରେନ୍‌ରେ ସେମାନେ ଭୁବନେଶ୍ୱରରୁ ହରିଦ୍ୱାର-ଋଷିକେଶ ଅଭିମୁଖେ ଯାତ୍ରା ଆରମ୍ଭ କରିବେ। ବରିଷ୍ଠ ନାଗରିକଙ୍କୁ ସହଯୋଗ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୁପରଭାଇଜର୍ ଭାସ୍କର ଚନ୍ଦ୍ର ଦାସ, ଏସ୍ଆର୍ଏ ଶୈଳେନ୍ଦ୍ର ନାରାୟଣ ପ୍ରଧାନ, ଏସ୍ଆର୍ଏ ରତିକାନ୍ତ ରାଉତରାୟ, ଜେଆର୍ଏ ଉମେଶ ଚନ୍ଦ୍ର ବେହେରା ସେମାନଙ୍କ ସହ ଯାତ୍ରା କରିଛନ୍ତି। ଏହି ଫ୍ଲାଗ୍ ଅଫ୍ ସେରିମନିରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନିଲୁ ମହାପାତ୍ର, ପର୍ଯ୍ୟଟନ ବିଭାଗ ଉପ-ନିର୍ଦ୍ଦେଶିକା ତଥା ଭାରପ୍ରାପ୍ତ କେନ୍ଦ୍ରାପଡ଼ା ପର୍ଯ୍ୟଟନ ଅଧିକାରୀ ହିମାଳୟା ତ୍ରିପାଠୀ, ଡେପୁଟି କଲେକ୍ଟର ସୁଶାନ୍ତ କୁମାର ନାୟକ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି, ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅଶୋକ ବଳିଆରସିଂହ, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା "ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା" ଅଧିନରେ କେନ୍ଦ୍ରାପଡ଼ା ଜିଲ୍ଲାର ବରିଷ୍ଠ ନାଗରିକଙ୍କ ସହ ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, ଢେଙ୍କାନାଳ ଜିଲ୍ଲାର ବରିଷ୍ଠ ନାଗରିକମାନେ ହରିଦ୍ୱାର-ଋଷିକେଶ ଆଧାତ୍ମିକ ଯାତ୍ରାର ଦିବ୍ୟ ଅନୁଭବ ସାଉଁଟିବେ।

# ମାଲକାନଗିରି ଜିଲ୍ଲାରେ ବିଜୁ ଜନତା ଦଳର ୩ ଦିନିଆ ପ୍ରଶିକ୍ଷଣ ଶିବିର

ମାଲକାନଗିରି, ୨୨/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ପଂଚାୟତ ସ୍ତରରେ ଘରେ ଘରେ ଲୋକଙ୍କ ପାଖରେ ପହଂଚିବାକୁ ପ୍ରୟାସ କରୁଛି ବିଜୁ ଜନତା ଦଳ । ଏଥିପାଇଁ ମାଲକାନଗିରି ସହର ସଂସ୍କୃତି ଭବନ ଠାରେ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳ ତରଫରୁ ୩ ଦିନିଆ ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । କେମିତି ସୋସିଆଲ ମିଡିଆ ମାଧ୍ୟମରେ ବିଜୁ ଜନତା ଦଳର ପ୍ରଚାର ପ୍ରସାର କାର୍ଯ୍ୟ କରିବାକୁ ହେବ, ସବୁ ଲୋକଙ୍କୁ ଏକଜୁଟ କରିବାକୁ ହେବ , ବିରୋଧୀ ବିଜେପି ଓ କଂଗ୍ରେସକୁ ସୋସିଆଲ ମିଡିଆ ମାଧ୍ୟମରେ କାଉଂଟର ଦିଆଯିବ ସେନେଇ ପ୍ରଶିକ୍ଷଣ ଦିଆଯାଉଛି । ବିଜୁ ଜନତା ଦଳର ସଂଗଠନକୁ ଆହୁରି ମଜବୁତ କରିବା ପାଇଁ ହେଉଥିବା ୩ ଦିନିଆ ପ୍ରଶିକ୍ଷଣ ଶିବିରରେ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ସଦର ବ୍ଲକ ପଦ୍ମଗିରି ଜିଲ୍ଲା ପରିଷଦ ଜୋନର ୭ଟି ଗ୍ରାମ ପଂଚାୟତ ଓ ପଡିଆ ବ୍ଲକର ୮ ଟି ଗ୍ରାମ ପଂଚାୟତର ସମସ୍ତ ୱାର୍ଡ କମିଟି ଓ ବୁଥ୍ କମିଟିର ସକ୍ରିୟ ବିଜେଡି କାର୍ଯ୍ୟକର୍ତ୍ତାଙ୍କୁ ନେଇ ଆଜି ବିଜୁ ଜନତା ଦଳର ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥରେ ରାଜ୍ୟ ବିଜୁ ଜନତା ଦଳର ମାଷ୍ଟର ଟ୍ରେନର ଅଶୋକ କୁମାର ନାୟକ ଏବଂ ଓମ୍ ପ୍ରକାଶ ସାହୁ ପ୍ରମୁଖ ଯୋଗ ଦେଇ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଥିବା ସମସ୍ତ ସକ୍ରିୟ ବିଜେଡି କାର୍ଯ୍ୟକର୍ତ୍ତାଙ୍କୁ ସ୍ୱତନ୍ତ୍ର ଭାବେ ଟ୍ରେନିଂ ପ୍ରଦାନ ଦେଇଛନ୍ତି । ଏଥିରେ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀ ଯୋଗ ଦେଇ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ଠାରେ ଦୀପ ପ୍ରଜ୍ୱଳନ କରି ବିଜୁ ଜନତା ଦଳର ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମ ସ୍ୱାଗତ ଭାଷଣ ମାଧ୍ୟମରେ ଆରମ୍ଭ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡ଼ମା ରାବା ,ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦୁର୍ଗା ତ୍ରିପାଠୀ ,ବିଜେଡି ଜିଲ୍ଲା ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ଜିଲ୍ଲା ଆଇନଜୀବି ସାମ୍ମୁଖ୍ୟ ସଭାପତି ତଥା ବରିଷ୍ଠ ବିଜେଡି ନେତା ଗୋପାଳ କୃଷ୍ଣ ପଣ୍ଡା ,ବିଜେଡି ଉପଦେଷ୍ଟା ତପନ ସାନା, ବିଜେଡି ଉପ ସଭାପତି ନୃସିଂହ ଚରଣ ମହାନ୍ତି ,ଜିଲ୍ଲା ଉପ ସଭାପତି ହୃଦାନନ୍ଦ ସାହୁ ,ଉପ ସଭାପତି ଡନେଲ ପୋଟଲା , ଉପ ସଭାପତି ଗଣେଶ ମଣ୍ଡଳ ,ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାକର ପ୍ରଧାନ ,ପୋ ?ର ଅଧ୍ୟକ୍ଷ ତଥା ଜିଲ୍ଲା ସାଧାରଣ ସମ୍ପାଦକ ମନୋଜ କୁମାର ବାରିକ ,ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ତଥା ସାଧାରଣ ସମ୍ପାଦକ ପତିତପାବନ ବୈଦ୍ୟ ,ସିଏଚ୍ ରାବିଟ୍ ,ଅଜୟ ଦାସ ,ଜିଲ୍ଲା ସମ୍ପାଦକ ଶଙ୍କର ସାହା , ବରିଷ୍ଠ ବିଜେଡି ନେତା ଜି ଶ୍ରୀନିବାସ ରାଓ (ବୁନା), ବ୍ଲକ ସଭାପତି ହେମନ୍ତ ପଟନାୟକ ,ପର୍ଯ୍ୟବେକ୍ଷକ ପ୍ରସାଦ ବିଡିକା ଜିଲ୍ଲା ପରିଷଦ ସଭ୍ୟା କୁନି ଭୂମିଆ ,ଜିଲ୍ଲା ପରିଷଦ ସଭ୍ୟା ସୁରଭି ଭୌମିକ ,ବରିଷ୍ଠ ନେତା ସୁରେନ୍ଦ୍ର ନାଥ ରଥ ,ଯୁବ ନେତା ଡମ୍ବରୁ ବାଗ ପ୍ରମୁଖ ଙ୍କ ସହ ପଡିଆ ବ୍ଲକ ଓ ମାଲକାନଗିରି ବ୍ଲକ ପଦ୍ମଗିରି ଜୋନ୍ ର ସମସ୍ତ ପଂଚାୟତ ଓ ୱାର୍ଡ ସ୍ତରର ବିଜେଡି କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।

# ହୋଣ୍ଡା ଗାଡି କିଣି ହନ୍ତସନ୍ତ ଗ୍ରାହକ: ନୂତନ ଗାଡି କିମ୍ବା ସୁଧ ସମେତ ଟଙ୍କା ଫେରସ୍ତ ପାଇଁ ଖାଉଟି ଅଦାଲତର ନିର୍ଦ୍ଦେଶ

କନ୍ଧମାଳ, ୨୨/୧୧ (ନି.ପ୍ର): ଫୁଲବାଣୀ ସହରର ଜଣେ ଆଇନଜୀବୀ ସୁଶାନ୍ତ କୁମାର ସାହୁ ହୋଣ୍ଡା ବାଇକ୍ କିଣି ଅସୁବିଧାରେ ପଡିଥିବା ନେଇ ଅଭିଯୋଗ କରିଛନ୍ତି ଫୁଲବାଣୀ ଖାଉଟି ଅଦାଲତରେ। ଯାହା ସୂଚନା ରହିଛି ଆଇନଜିବୀ ସୁଶାନ୍ତ କୁମାର ସାହୁ ଫୁଲବାଣୀ ସ୍ଥିତ ବନ୍ଦନା ଅଟୋମୋଟିଭ ପ୍ରାଇଭେଟ୍ ଲିମିଟେଡରୁ ହୋଣ୍ଡା ଗାଡି କିଣିଥିଲେ। କିଣିବାର କିଛିଦିନ ପରେ ଗାଡିରେ ଯାନ୍ତ୍ରୀକ ତ୍ରୁଟି ଦେଖାଦେବା ସହିତ ଗାଡ଼ି ଅଚଳାବସ୍ଥାକୁ ଆସିଗଲା। ଏ ସମ୍ପର୍କରେ ସେ ହୋଣ୍ଡା ମାଲିକଙ୍କୁ ଅବଗତ କରାଇଥିଲେ ମଧ୍ୟ ସେ ଏଥିପ୍ରତି ଗୁରୁତ୍ୱ ଦେଲେନାହିଁ ବୋଲି ଅଭିଯୋଗ କରିଥିଲେ। ଫଳରେ ସୁଶାନ୍ତ ଫୁଲବାଣୀ ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ପ୍ରକାରେ ଡି ସି ଡି ଆର ସି ସିସି ନମ୍ବର ୨୩/୨୨ ରେ ଏକ ମାମଲା ରୁଜୁ କରି ପ୍ରମାଣକୁ ଆଧାରରେ ବିଚାରଣା କରି ଖାଉଟି ଅଦାଲତ ଜଜ୍ ପୂର୍ଣ୍ଣଚନ୍ଦ୍ର ମିଶ୍ର ବନ୍ଦନା ଅଟୋମୋଟିଭ ପ୍ରାଇଭେଟ୍ ଲିମିଟେଡକୁ ନୂତନ ହୋଣ୍ଡା ଗାଡି କିମ୍ବା ଗାଡିର ଦାମ୍ ସହିତ ୯ ପ୍ରତିଶତ ସୁଧ ମିଶାଇ ସମସ୍ତ ଅର୍ଥ ଆଇନଜୀବୀ ସୁଶାନ୍ତ କୁମାର ସାହୁଙ୍କୁ ଫେରସ୍ତ କରିବାକୁ ଆଦେଶ ଦେଇଛନ୍ତି। ଏଥି ସହିତ କିଛି ସାମ୍ବାଦିକଙ୍କୁ ମଧ୍ୟ ବନ୍ଦନା ହୋଣ୍ଡା ଲିମିଟେଡ, ସେବା ପ୍ରଦାନ କ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରୁଥିବା ସର୍ବ ସାଧାରଣରେ ଅଭିଯୋଗ ହୋଇଛି। ଜଣେ ଆଇନଜିବୀ ଓ ସାମ୍ବାଦିକ ମାନଙ୍କୁ ଯଦି ଏପରି ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି ତେବେ ସାଧାରଣ ଜନତାଙ୍କୁ କିପରି ସେବା ପ୍ରଦାନ କରାଯାଉଛି ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି। ଆଗକୁ ଆଇନଜିବୀଙ୍କ ପ୍ରତି କେଉଁ ପ୍ରକାର ସେବା ମିଳୁଛି ଦେଖିବାକୁ ବାକି ରହିଲା।

# ଟ୍ରକ ମଧ୍ୟରେ ଚାଳକଙ୍କ ମୃତ୍ୟୁ

କୋରେଇ, ୨୨/୧୧ (ନି.ପ୍ର): ପାଣିକୋଇଲିସ୍ଥିତ ଆର୍ଶୀବାଦ ଇଂଜିନିୟରିଙ୍ଗ ଏଣ୍ଡ କନଷ୍ଟ୍ରକସନର କାର୍ଯ୍ୟରତ ଜୈନିକ ଟ୍ରକ ଚାଳକଙ୍କର ଆଜି ଗାଡି ମଧ୍ୟରେ ଆକସ୍ମିକ ମୃତ୍ୟୁ ଘଟିଛି । ଏନେଇ ପାଣିକୋଇଲି ଥାନାରେ ଏକ ଅପମୃତ୍ୟୁ ମାମଲା ୨୪/୨୩ ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ କରାଯାଇଛି । ପରେ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ପ୍ରକାଶଯେ ପୁରୀ ଜିଲ୍ଲା ସତ୍ୟବାଦୀ ଟିପୁରୀ କଣାସ ଅଂଚଳର ଏକାରୁଖା ଗ୍ରାମର ପ୍ରହଲ୍ଲାଦ ପ୍ରଧାନଙ୍କ ପୁଅ ଚିତରଂଜନ ପ୍ରଧାନ(୨୭) (ଓଡି୦୨ବିପି ୭୬୫୪ ) ଟ୍ରକର ଚାଳକ ଭାବେ ଦେଢ ମାସ ହେବ କାମ କରନ୍ତି । ଆଜି ସକାଳ ସାଢେ ୭ଟା ବେଳେ ଗାଡିରେ ତେଲ ପକାଇବାକୁ ଡାକିବାରୁ ଚିତରଂଜନ କୌଣସି ଉତର ଦେଇନଥିଲା । ଗାଡିର ଷ୍ଟେରିଙ୍ଗ ଉପରେ ନିସ୍ତେଜ ଅବସ୍ଥାରେ ଶୋଇଥିଲା । ପରେ ଆମ୍ବୁଲାନ୍ସ ଡାକି ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିବା ପରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ । ଏନେଇ ସଂସ୍ଥାର ମ୍ୟାନେଜର ପୁରୀ ଗୋପ ଥାନା ଅନ୍ତର୍ଗତ ଆନନ୍ଦ କୁମାର ବେଉରାଙ୍କ ପୁଅ ତପନ କୁମାର ବେଉରା ଥାନାରେ ଜଣାଇବା ପରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଏଏସଆଇ ପ୍ରତାପ କୁମାର ଗଡନାୟକ ପହଂଚି ପଂଚନାମା କରି ଶବ ବ୍ୟବଚ୍ଛେଦ କରିବା ପରେ ପରିବାରକୁ ହସ୍ତାନ୍ତର କରିଛନ୍ତି ।

# ବିଧାନସଭା ଆଗରେ ଧାରଣା ଦେଲେ ପ୍ରଥା ଚଳଚିତ୍ରର ପ୍ରଯୋଜିକା ସନଲିଶା




ଭୁବନେଶ୍ୱର, ୨୨/୧୧ (ନି.ପ୍ର): ନ୍ୟାୟ ମିଳିଲାନି। ଶେଷରେ ଗୁରୁବାରଠାରୁ ବିଧାନସଭା ଆଗରେ ଧାରଣାରେ ବସିଲେ ଓଡ଼ିଆ ଫିଲ୍ମ 'ପ୍ରଥା'ର ପ୍ରଯୋଜିକା ସନଲିଶା ପଟେଲ। ତାଙ୍କର ଏକମାତ୍ର ଦାବି ଓଡ଼ିଆ ଫିଲ୍ମକୁ ବଞ୍ଚାଅ। ଲୋୟର ପିଏମ୍‌ଜିସ୍ଥିତ ଧାରଣା ସ୍ଥଳରେ ସକାଳ ସାଢ଼େ ୧୦ଟାରୁ ସେ ତାଙ୍କ ଧାରଣା ଦେବା ଆରମ୍ଭ କଲେ। ଏହା ଅନିର୍ଦ୍ଧିଷ୍ଟ ଦିନ ପାଇଁ ଚାଲିବ। ଅବସରରେ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ (ଓଏଫ୍‌ଡିସି) ଏବଂ ଓଡ଼ିଶା ସରକାରଙ୍କ ଆଗରେ ୫ଟି ଗୁରୁତ୍ୱପୂର୍ଣ୍ଣ ଦାବି ରଖିଛନ୍ତି। ସେ କହିଛନ୍ତି, ପ୍ରତି ଓଡ଼ିଆ ଫିଲ୍ମ ବଞ୍ଚାଅ।୫ଟି ଦାବି ହେଲା ୧) ବ୍ଲକ୍ ମୁଖ୍ୟାଳୟରେ ଗୋଟିଏ ଲେଖାଏଁ ସିନେମା ହଲ୍ ପ୍ରତିଷ୍ଠା କରାଯାଉ। (ସରକାର ୨୦୧୯ ରୁ ପ୍ରତିଶୃତି ଦେଇ ଥିଲେ ବର୍ତ୍ତମାନ ଯାଏ କିଛି ଅଗ୍ରଗତି ହୋଇନାହିଁ) ୨)ଅନ୍ୟ ରାଜ୍ୟମାନଙ୍କ ପରି ମଲ୍ଟିପ୍ଲେକ୍ସ ଏବଂ ହଲମାନେ ଯେପରି ଓଡ଼ିଆ ଫିଲ୍ମକୁ ଚଲାଇବା ପାଇଁ ବାଧ ହେବେ ସେହିପରି କାର୍ଯ୍ୟାନୁଷ୍ଠାନ ନିଆଯାଉ। ୩) ବିତରଣ, ପ୍ରଦର୍ଶନ, ସିନେମା ଚାଲିବା ପରେ ଟଙ୍କା ଫେରି ପାଇବା ଏବଂ ସମସ୍ତଙ୍କ ଭିତରେ ସମନ୍ୱୟ ରକ୍ଷା ପାଇଁ ବ୍ୟବସ୍ଥା କରାଯାଉ। ୪)ଟିକସ ମୁକ୍ତ ସାଙ୍ଗକୁ ସିନେମା ନିର୍ମାଣ ଲାଗି ଆର୍ଥିକ ଓ ଅନ୍ୟାନ୍ୟ ସହାୟତା କରାଯାଉ।୫) ଏହା ସହ ସମସ୍ତଙ୍କର ଫିଲ୍ମ ସୁରକ୍ଷା ପାଇଁ କିଛି ଦୃଢ଼ ପଦକ୍ଷେପ ନିଆଯାଉ। ଯେପରି କେହି ଅନ୍‌ଲାଇନ୍ ହେଉ କି ଅଫ୍‌ଲାଇନ୍ କୌଣସି ଖଳ କାର୍ଯ୍ୟ କରିବାକୁ ଭୟ କରିବେ ଏବଂ ସେଥିରୁ ନିବୃତ୍ତ ରହିବେ। ଓ ଇନଭେଷ୍ଟରମାନଙ୍କୁ ଓଡିଆ ଚଳଚ୍ଚିତ୍ର ନିର୍ମାଣପାଇଁ ସରକାରୀ ସହାୟତା ଦିଆଯାଉ। ଶିଳ୍ପ ବିଭାଗର ଗୋସ୍ପିଫ୍ଟ ଯୋଜନାରେ ଶିଳ୍ପାନୁଷ୍ଠାନ ଏବଂ ଶିଳ୍ପୋଦ୍ୟୋଗୀ ମାନଙ୍କୁ ସହାୟତା ଯୋଗାଇ ଦିଆଯାଉଥିବା ସ୍ଥଳେ ଚଳଚ୍ଚିତ୍ର ଶିଳ୍ପକୁ ଏଥିରୁ ବଞ୍ଚିତ କରାଯାଇଛି କାହିଁକି ? ଏକଥା ମଧ୍ୟ ଦ୍ୱନ୍ଦ ସୃଷ୍ଟି କରେଯେ ଓଡିଆ ଚଳଚ୍ଚିତ୍ର ଓଡିଶା ସରକାରଙ୍କର କେଉଁ ବିଭାଗ ଅଧିନରେ ରହିଛି ? କିନ୍ତୁ ଫିଲ୍ମ ଇଣ୍ଡଷ୍ଟ୍ରୀ ପାଇଁ କିଛି ପୂର୍ବରୁ ବି ଏହି ସମସ୍ୟା ନେଇ ସରକାରୀ ସ୍ତରରେ ସମସ୍ତଙ୍କୁ ଅବଗତ କରିଥିଲି। କିନ୍ତୁ ମତେ ନ୍ୟାୟ ମିଳିଲାନି। ତେଣୁ ସମସ୍ୟାର ସମାଧାନ ପାଇଁ ଧାରଣାରେ ବସିଲେ ବୋଲି କହିଛନ୍ତି। ଏହି ଅବସରେ ଅଭିନେତା ବୁଦ୍ଧାଦିତ୍ୟ, ପପୁ ପମ୍ ପମ୍, ଅଖିଳ ପଟ୍ଟନାୟକ, ପ୍ରଯୋଜକ ପ୍ରିତମ ମହାନ୍ତି,ସଂଳାପକାର ଡଃ ରଜନୀ ରଞ୍ଜନ, ସତୀଶ ମିଶ୍ର ପ୍ରମୁଖ ଯୋଗ ଦେଇ ଥିଲେ। କାଲିଠାରୁ ପ୍ରଯୋଜକ ,କଳାକାର, ଟେକନିସିଆନ, ନିର୍ଦ୍ଦେଶକମାନେ ଯୋଗ ଦେବେ ପ୍ରଯୋଜିକା ସନଲିସା ଜଣେଇଛନ୍ତି।

# ପୁରୀ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱ ଗୃହ ଗୋଟିଏ ରଙ୍ଗର ହେବ

ପୁରୀ, ୨୨/୧୧ (ନି.ପ୍ର): ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ର ଉଦଘାଟନ ପୂର୍ବରୁ ପୁରୀ ବଡଦାଣ୍ଡର ଉଭୟ ପାର୍ଶ୍ୱର ସରକାରୀ ଓ ବେସରକାରୀ ବିଲ୍ଡିଂ ଗୁଡିକ ଏକ ପ୍ରକାର ରଙ୍ଗରେ ଉଜ୍ଜ୍ୱଳ ଦିଶିବ ।ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନ ରେ ଟାଉନ ହଲ ପରିସରରେ ଅନୁଷ୍ଠିତ ହୋଇଥିଲା ।ଜିଲ୍ଲାପାଳ ସମର୍ଥ ବର୍ମା ଏଥିରେ ଅଧ୍ୟକ୍ଷତା କରିବା ସହ ପୁରୀ ଧାର୍ମିକ,ସାଂସ୍କୃତିକ ଓ ପର୍ଯ୍ୟଟନ କ୍ଷେତ୍ରର ଏକ ପ୍ରମୁଖ ସ୍ଥଳ ହୋଇ ଥିବାରୁ ଦୈନିକ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଓ ଦର୍ଶନାର୍ଥୀ ଶ୍ରୀକ୍ଷେତ୍ର କୁ ଆସନ୍ତି ।ସେମାନଙ୍କୁ ଭଲ ବ୍ୟବହାର ସହ ଏକ ସୁଖଦ ଅନୁଭବ ନେଇ ସେମାନେ ଯେପରି ପ୍ରତ୍ୟାବର୍ତନ କରିବେ ସେଥିପାଇଁ ସମସ୍ତେ ଉଦ୍ୟମ କରିବା ଉଚିତ ।ଆଗାମୀ ଜାନୁଆରୀ ୧୭ ତାରିଖରେ ବହୁ ପ୍ରତିକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ର ଉଦଘାଟନ କାର୍ଯ୍ୟକ୍ରମ ରହିଛି। ତାହା ପୂର୍ବରୁ ସହର କୁ ସୁନ୍ଦର କରିବା ସମସ୍ତ ଙ୍କ ଦାୟିତ୍ୱ ।ତେଣୁ ବଡଦାଣ୍ଡର ଉଭୟ ପାର୍ଶ୍ୱର କୋଠାବାଡିକୁ ଏକ ପ୍ରକାର ରଙ୍ଗରେ ସରକାରଙ୍କ ପକ୍ଷରୁ ସଜାଇବାର ବ୍ୟବସ୍ଥା କରାଯାଇଛି। ସମସ୍ତ ଜନ ସାଧାରଣ ଏଥିରେ ସହଯୋଗ କରିବାକୁ ଜିଲ୍ଲାପାଳ ଅନୁରୋଧ କରିଥିଲେ। ଉପସ୍ଥିତ ସହର ର ବ୍ୟକ୍ତି ବିଶେଷ ଏହି କାର୍ଯ୍ୟରେ ଖୁସି ର ସହ ସହଯୋଗ କରିବାକୁ ପ୍ରତିଶୃତି ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ଭବତାରଣ ସାହୁ, ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଫିଟ୍ ରଖିବ ଉଷୁମ ପାଣି



**ପାଚନ କ୍ରିୟା ସୁଦୃଢ଼:** ଯଦି ଖାଦ୍ୟ ହଜମ ହେଉ ନଥାଏ, ବଦହଜମି ହେଉଥିଲେ, ତାହାଲେ ଜାଣିବେ ଯେ ପାଚନ କ୍ରିୟା ସୂଚାରୁ ରୂପେ କାର୍ଯ୍ୟକାରୀ ହେଉନାହିଁ। ଏଥିପାଇଁ ବ୍ୟସ୍ତ ହୁଅନ୍ତୁ ନାହିଁ, ପିଅନ୍ତୁ ଉଷୁମ ପାଣି। ଏହି ସମସ୍ୟାକୁ ସହଜରେ ଦୂରହେବ। ପ୍ରତିଦିନ ସକାଳୁ ଉଷୁମ ପାଣି ପିଇଲେ ଏହା ପାଚନ କ୍ରିୟାର ଗ୍ରନ୍ଥିକୁ ସୁଚାରୁ ରୂପେ କାର୍ଯ୍ୟକାରୀ କରିଥାଏ। ଏହା ଖାଦ୍ୟକୁ ନମନୀୟ କରିଦିଏ। ଫଳରେ ପାଚନ କ୍ରିୟା ଉପରେ ଅଧିକ ଚାପ ପଡ଼େନାହିଁ। ପାଚନ ପଦ୍ଧତିର କମ୍ ଶକ୍ତି ପ୍ରୟୋଗରେ ଖାଦ୍ୟ ଶୀଘ୍ର ହଜମ ହୋଇଥାଏ। ଏହାଦ୍ୱାରା ଛାତି ଜଳାପଡ଼ା ମଧ୍ୟ ଦୂର ହୋଇଯାଏ।

**କୋଷ୍ଠକାଠିନ୍ୟ ଦୂର:** ସକାଳୁ ଖାଲି ପେଟରେ ପ୍ରତିଦିନ ଗରମ ପାଣି ପିଇଲେଏ ଅନ୍ତତନ୍ତ୍ର କାର୍ଯ୍ୟକାରୀ ହୋଇଥାଏ ଫଳରେ କୋଷ୍ଠକାଠିନ୍ୟ ସମସ୍ୟାର ଦୂର ହୋଇଯିବ। ଅଳ୍ପ ପାଣି ପିଇବା ଯୋଗୁଁ କୋଷ୍ଠକାଠିନ୍ୟ ପରି ସମସ୍ୟାା ଦେଖାଯାଏ। ଗରମ ପାଣି ପିଇବା ଦ୍ୱାରା ପେଟରେ ଥିବା ମଇଳା ନମନୀୟ ହୋଇ ବାହାରିଯାଏ। ଉଷୁମ ପାଣି ପିଇବା ଦ୍ୱାରା ମଧ୍ୟ ହଜମ କ୍ରିୟା ସୁଚାରୁ ରୂପେ ହୋଇଥାଏ। ଉଷୁମ ପାଣିରେ ଲେମ୍ବୁ ଓ ମହୁ ମିଶାଇ ପିଇଲେ ବହୁତ ଭଲ।

**ଉତ୍ତମ ଶ୍ୱାସକ୍ରିୟା:**

ଶ୍ୱାସକ୍ରିୟା ନଳୀକୁ ସଫା ରଖିବାରେ ଉଷୁମ ପାଣି ସହାୟକ ହୋଇଥାଏ। ଥଣ୍ଡାରୁ କଫ ଜମି ଶ୍ୱାସକ୍ରିୟାରେ ଅସୁବିଧା ହେଲେ ଉଷୁମ ପାଣି ପିଇବା ଦ୍ୱାରା ଏହି ସମସ୍ୟା ଦୂର ହୋଇଯାଏ। ଉଷୁମ ପାଣି ବଦଳରେ ମଧ୍ର କାଢ଼ା ଭରି ପିଇପାରିବେ। ଥଣ୍ଡା ହୋଇଥିବା ସମୟରେ ଉଷୁମ ପାଣିରେ ଲୁଣ ମିଶାଇ ଗାର୍ଗିଲିଂ କଲେ ମଧ୍ୟ ଗଳା ସଂକ୍ରମଣରୁ ରକ୍ଷା ମିଳିଥାଏ। ସକାଳୁ ଓ ସନ୍ଧ୍ୟାରେ ଗାର୍ଗିଲିଂ କରନ୍ତୁ। ରାତିରେ ମଧ୍ୟ ଶୋଇବା ପୂର୍ବରୁ ଏପରି କରିପାରିବେ। ଏହାଦ୍ୱାରା ଆରାମ ଲାଗିବ ଓ ଶୋଇବା ସମୟରେ ଶ୍ୱାସକ୍ରିୟାରେ ଅସୁବିଧା ହେବନାହିଁ।


**ନାକ ଖୋଲିଯାଏ:** ଥଣ୍ଡା ହୋଇଥିଲେ ନାକ ବନ୍ଦ ହୋଇଯାଏ। ପ୍ରଶ୍ୱାସ ଠିକ୍ ଭାବରେ ନେଇ ହୁଏନାହିଁ କି ନିଶ୍ୱାସ ଠିକ୍ ଭାବରେ ଛାଡ଼ି ହୁଏନାହିଁ। ଥଣ୍ଡାରୁ ନାକରେ ପାଣି ଜମାଟ ବାନ୍ଧେ। ଏପରି ସ୍ଥଳେ ଉଷୁମ ପାଣି ପିଇବା ଦ୍ୱାରା ଏହି ସମସ୍ୟା ଦୂର ହୋଇଯାଏ। ଉଷୁମ ପାଣି ପିଇବା ଦ୍ୱାରା ନାକରେ ଜମାଟ ବାନ୍ଧିଥିବା ସିଙ୍ଗାଣି ଖୋଲିଯାଏ। ମଇଳା ମଧ୍ୟ ବାହାରିଯାଏ। ଏହାଦ୍ୱାରା ନିଶ୍ୱାସ ପ୍ରଶ୍ୱାସ ଠିକ୍ ଭାବରେ ଚାଲିଥାଏ।

**ଓଜନ ହ୍ରାସ:** ଯେଉଁମାନେ ଓଜନ ହ୍ରାସ ପାଇଁ ଡାଏଟିଂ ଅବା ଏକ୍ସସାଇଜ କରୁଛନ୍ତି, ହେଲେ ସଫଳ ହେଉନାହାଁନ୍ତି। ସେମାନେ ଉଷୁମ ପାଣିକୁ ଡାଏଟିଂରେ ସାମିଲ କରିପାରିବେ। ଉଷୁମ ପାଣି ପିଇବା ଦ୍ୱାରା ଶରୀରର ତାପମାତ୍ରା ବୃଦ୍ଧିପାଏ। ଏହା ମେଟାବୋଲିକ୍ ସ୍ତରକୁ ବଢ଼ାଏ। ମେଟାବୋଲିକ ସ୍ତର ବଢ଼ିବା ଦ୍ୱାରା ଶରୀରରୁ ଅଧିକ କ୍ୟାଲୋରୀ ହ୍ରାସପାଏ। ସକାଳୁ ଉଷୁମ ପାଣିରେ ଲେମ୍ବୁ ରସ ମିଶାଇ ପିଇବା ଦ୍ୱାରା ଚର୍ବି ହ୍ରାସ ହୋଇଯାଏ। ଏକ୍ସିରସାଇଜ ଓ ଯୋଗ କରିବା ଦ୍ୱାରା ଓଜନ ହ୍ରାସ ହୋଇତାଏ



ସତ ହେଲେ ଏହା ସହିତ ଉଷୁମ ପାଣି ପିଇବା ଦ୍ୱାରା ଚର୍ବି ଶୀଘ୍ର ହ୍ରାସ ହୋଇ ଓଜନ କମିଯାଏ।

**ବିଷାକ୍ତ ଦ୍ରବ୍ୟ ଦୂର:** ଉଷୁମ ପାଣି ପିଇବା ଦ୍ୱାରା ଶରୀରରେ ଥିବା ବିଷାକ୍ତ ଦ୍ରବ୍ୟ ପରିସ୍ରା ଦେଇ ବାହାରିଯାଏ। ଉଷୁମ ପାଣି ପିଇଲେ ଶରୀରର ତାପମାତ୍ରା ବୃଦ୍ଧିପାଏ। ଏହାଦ୍ୱାରା ଶରୀରରୁ ଝାଳ ବାହାରେ। ବିଷାକ୍ତ ଦ୍ରବ୍ୟ ଶରୀରରୁ ଝାଳ ଆକାରରେ ମଧ୍ୟ ବାହାରିଯାଏ। ପ୍ରତିଦିନ ଉଷୁମ ପାଣି ପିଇବା ଦ୍ୱାରା ଶୁଷ୍କ ତ୍ୱଚା କୋମଳ ହୋଇତଣଏ। ଉଷୁମ ପାଣିରେ ରକ୍ତ ସଞ୍ଚାଳନ ବୃଦ୍ଧି ହେତୁ ତ୍ୱଚାରେ ଚମକ ଆସେ। ବିଶେକେରି ତ୍ୱଚାରୁ ମୃତ କୋଷକୁ ଦୂର କରି ନୂତନ କୋଷ ତିଆରି କରେ। ଯାହା ତ୍ୱଚାରେ ବୟସର ଛାପକୁ ପକାଇଦିଏ ନାହିଁ।



# ଚନ୍ଦନ



ଚନ୍ଦନକୁ ଏକ ପବିତ୍ର ବୃକ୍ଷ ଭାବେ ଭାରତୀୟ ମାନେ ଗ୍ରହଣ କରିଥାନ୍ତି। ଏହା କେବଳ ଦେବପୂଜା ପାଇଁ ନୁହେଁ,ବିଭିନ୍ନ ରୋଗର ଉପଚାରରେ ଏହାକୁ ବ୍ୟବହାର କରାଯାଇଥାଏ। ଶରୀରକୁ ଆରାମ ଦେବା ସହ ମନକୁ ପ୍ରଫୁଲ୍ଲ ରଖିବା ପାଇଁ ଚନ୍ଦନର ବ୍ୟବହର କରାଯାଇଥାଏ। ଚନ୍ଦନ କାଠ ଶରୀରକୁ ବିଭିନ୍ନପ୍ରକାର ସଂକ୍ରମଣରୁ ରକ୍ଷା କରିଥାଏ। ଏହା ଆଂଟିସେପ୍ଟିକର କାମ କରେ। ଏପରିକି ଖାଦ୍ୟ ପଦାର୍ଥକୁ ସ୍ୱାଦିଷ୍ଟ କରିବା ପାଇଁ ଚନ୍ଦନ ତୈଳର ପ୍ରୟୋଗ ହୋଇଥାଏ। ଚନ୍ଦନ ତ୍ୱଚାକୁ ସୁସ୍ଥ ରଖିଥାଏ। ଏହା ଚର୍ମଶୁଷ୍କତା, କୁଣ୍ଡେଇ ହେବା ଏବଂ ଏକଜିମାରୁ ରକ୍ଷା କରେ। ତେଲିଆ ତ୍ୱଚା ପାଇଁ ଚନ୍ଦନ ଲାଭଦାୟକ। ଏଥିରେ ଥିବା ଫିରୋମେନ ତତ୍ତ୍ୱ ପାଇଁ ଏହାକୁ ଦୁର୍ଗନ୍ଧ ନିବାରକ ଭାବେ ବ୍ୟବହାର କରାଯାଇଥାଏ। ଚନ୍ଦନ ତୈଳ ଶରୀରରେ ସ୍ଫୁତି ଭରିଦିଏ। ଶରୀରର ସ୍ଫୁର୍ତି ପାଇଁ ଚନ୍ଦନ ସହ ଅତରର ପ୍ରୟୋଗ କରାଯାଏ। ଏବେ ଜାଣନ୍ତୁ ଚନ୍ଦନର ଆଉ କିଛି ଔଷଧୀୟ ଗୁଣ...

ଚନ୍ଦନ ଆମର ପେଟ ସମ୍ବନ୍ଧୀୟ ଅନେକ ସମସ୍ୟାକୁ ଦୂର କରିବା ସହ ପାଚନ କ୍ରିୟାକୁ ଠିକ୍ ରଖେ। ଅର୍ଥାତ୍ ଖାଦ୍ୟ ଜୀର୍ଣ୍ଣ ହେଉ ନଥିଲେ ଚନ୍ଦନର ଉପଚାର କରାଯାଇଥାଏ। ଚନ୍ଦନର ତେଲ କେଶକୁ ମଜଭୂତ କରିବା ସହ ଝଡ଼ିବା ବନ୍ଦ କରିଥାଏ। ଏହା କେଶକୁ ଉତ୍ତମ ପୋଷଣ ହେବା ସହ ଚମକ ଆଣିଥାଏ।



ଚନ୍ଦନର ଛାଲି, କାଠ ଏବଂ ତୈଳ ଔଷଧ ପାଇଁ ବ୍ୟବହାର କରାଯାଇଥାଏ। ଚନ୍ଦନକାଠରେ ଥିବା ଆଂଟିମାଇକ୍ରୋବିୟାଲ ତତ୍ତ୍ୱ ଖାଦ୍ୟନଳୀରେ ସଂକ୍ରମଣ ଏବଂ ଆଉକିଛି ଆଭ୍ୟନ୍ତରୀଣ ସମସ୍ୟାକୁ ଦୂରକରେ।

ଜନନାଙ୍ଗ, ମୂତ୍ରାଶୟ ସଂକ୍ରମଣରେ ଏହା ଆଂଟସେପ୍ଟିକ ଭଳି କାର୍ଯ୍ୟକରେ। ଗନେରିଆ ପରି ଯୌନ ସଂକ୍ରମଣକୁ ଏହା ଆରୋଗ୍ୟ କରେ। ସିଧାସଳଖ ଚନ୍ଦନକୁ ଘୋରି ଲଗାଇବା ତ୍ୱଚା ପାଇଁ ଲାଭଦାୟକ। ଅତ୍ୟଧିକ ଗରମ ପଡ଼ିଥିଲେ ଚନ୍ଦନ ଲଗାଇବା ଦ୍ୱାରା ଆରାମ ମିଳେ। ଚନ୍ଦନର ପାଉଡ଼ର ନିୟମିତ ବ୍ୟବହାର ଦ୍ୱାରା ତ୍ୱଚା ସୁସ୍ଥ ରହେ। ଉଚ୍ଚ ରକ୍ତଚାପ, ମାନସିକ ଚାପକୁ ନିୟନ୍ତ୍ରଣକୁ ଆଣେ ଚନ୍ଦନର ଏସେନସିଆଲ ଅଏଲ। ଏହା କ୍ଷତକୁ ଭଲକରେ। ତେବେ ଏହି ତେଲକୁ ସିଧାସଳଖ ବ୍ୟବହାରନ କରି ଅନ୍ୟ ତେଲରେ ଏହାକୁ ସାମାନ୍ୟ ମାତ୍ରାରେ ମିଶାଇ ବ୍ୟବହଂାର କରିବା ଭଲ।

ଚନ୍ଦନରେ ଆଂଟିସମୋଡ଼ିକ ତତ୍ତ୍ୱ ରହିଥିବାରୁ ଏହା ସ୍ନାୟୁ ମାଂସପେଶୀ ଆଦିକୁ ଆରାମ ଦେଇଥାଏ। ଦାନ୍ତର ମାଢ଼ିକୁ ଏହା ଶକ୍ତ ରଖେ, ଦନ୍ତକ୍ଷୟକୁ ରୋକିଥାଏ। କାଶ ରୋଗକୁ ଭଲକରେ। ପିଲାମାନଙ୍କ ପାଇଁ ଚନ୍ଦନ ସ୍ୱାସ୍ଥ୍ୟବର୍ଦ୍ଧକ ଟନିକର କାମ କରିଥାଏ।ଦୁର୍ଗନ୍ଧ ନିବାରକ ଭାବେ ବ୍ୟବହାର କରାଯାଉଥିବା ଚନ୍ଦନକୁ ଅନ୍ୟ ସୁଗନ୍ଧିତ ଦ୍ରବ୍ୟ ପ୍ରସ୍ତୁତିରେ ମଧ୍ୟ ବ୍ୟବହାର କରାଯାଏ।


# ଦୁନିଆର ସବୁଠାରୁ ସୁନ୍ଦର ଘୋଡା, ଶରୀର ଦେଖିବାକୁ ସୁନା ପରି ଉଜ୍ଜ୍ୱଳ

**ଘୋଡା ଏପରି ଏକ ପ୍ରାଣୀ, ଯାହାକୁ ଦେଖିଲେ ସମସ୍ତେ ହୋଇଯାଆନ୍ତି ଆକର୍ଷିତ । କାରଣ ଘୋଡା ବୁଦ୍ଧିମାନ ହେବା ସହ ଦେଖିବାକୁ ଖୁବ୍ ସୁନ୍ଦର । ଏମାନଙ୍କର ଅନେକ ପ୍ରଜାତି ପୃଥିବୀରେ ରହିଛନ୍ତି । କିନ୍ତୁ ଜାଣନ୍ତି କି ଦୁନିଆର ସବୁଠାରୁ ସୁନ୍ଦର ଘୋଡା ବିଷୟରେ ଏବଂ ଏହି ଘୋଡା କେଉଁ ଦେଶର ? ଆସନ୍ତୁ ଜାଣିବା...**



ଏହି ଘୋଡାର ନାଁ ହେଉଛି ଅଖଲ ଟେକେ । ଯାହା ବିଶ୍ୱରେ ଗୋଲ୍ଡେନ୍ ହର୍ସ ଭାବେ ପରିଚିତ । ଏହି ଘୋଡାର ଶରୀର ଦେଖିଲେ ହୋଇଯିବେ ଆଶ୍ଚର୍ଯ୍ୟ । ଏହି ପ୍ରଜାତିର ଘୋଡା ଆରବୀୟ ଘୋଡାଙ୍କ ଠାରୁ ବି ପୁରୁଣା। କୁହାଯାଏ ଯେ ଏମାନେ ସ୍ୱର୍ଗରୁ ଆସିଛନ୍ତି। ଏହି ପ୍ରଜାତିର ଘୋଡାଙ୍କ ଇତିହାସ ପ୍ରାୟ ୩ହଜାର ବର୍ଷ ପୁରୁଣା । ଏହାର ଗତି, ବୁଦ୍ଧି ଏବଂ ଶକ୍ତି ପାଇଁ ଏହାକୁ ପସନ୍ଦ କରାଯାଏ । କୁହାଯାଏ ଏମାନଙ୍କର ଏତେ ଜୋର୍ରେ ଡେଇଁଥାନ୍ତି ଯେ ଏମାନଙ୍କୁ ଧରିବା କାଠିକର ହୋଇଯାଇଥାଏ । ଯେତେବେଳେ ଏହି ଘୋଡା ଡେଇଁଥାଏ ଏମାନଙ୍କର କେଶ ଉଡିବାକୁ ଲାଗିଥାଏ ଏବଂ ଶରୀରୀ ସୁବର୍ଣ୍ଣ ରଙ୍ଗର ଦେଖାଯାଏ । ସୁନ୍ଦରତା ପାଇଁ ପ୍ରସିଦ୍ଧ ଏହି ପ୍ରଜାତିର ଘୋଡା ସାରା ବିଶ୍ୱରେ ମାତ୍ର ୭ ହଜାରରୁ କମ୍ ରହିଛନ୍ତି । ଗୋଲଡେ୍ନ୍ ହର୍ସ ହେଉଛି ତୁର୍କମେନିସ୍ତାନର ଜାତୀୟ ପଶୁ ।

# ଶୀତଦିନେ ଶରୀରକୁ ଉଷୁମ ରଖେ କନ୍ଦମୂଳ, ଜାଣନ୍ତୁ ଏହା କେତେ ସ୍ୱାସ୍ଥ୍ୟକର...



କନ୍ଦମୂଳ ପୋଷକ ତତ୍ତ୍ୱରେ ଭରା । ଶୀତଦିନେ ଏହା ବଜାରରେ ମିଳିଥାଏ । ଏଥିରେ ବହୁ ମାତ୍ରାରେ ଫାଇବର, ପ୍ରୋଟିନ୍, ପୋଟାସିୟମ୍, ଆଇରନ୍ ଓ ଭିଟାମିନ୍ ସି ମିଳିଥାଏ । କନ୍ଦମୂଳ କେବଳ ଖାଇବାକୁ ବେଶ୍ ସ୍ୱାଦିଷ୍ଟ ନୁହେଁ, ଶରୀର ପାଇଁ ମଧ ସ୍ୱାସ୍ଥ୍ୟକର । ଶୀତରେ ଶରୀରକୁ ହାଲ୍‌କା ଉଷୁମର ଆବଶ୍ୟକତା ରହିଥାଏ । କନ୍ଦମୂଳ ଶରୀରକୁ ଉଷୁମ ରଖିବା ସହ ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ । ଏହାକୁ ସିଝାଇ ବା ପୋଡି ଖାଇପାରିବେ। ପିଲାଙ୍କୁ କନ୍ଦମୂଳ ଚାଟ୍ ଖାଇବାକୁ ଦେଇପାରିବେ । କିନ୍ତୁ ମଧୁମେହ ରୋଗୀ ଏହାକୁ ଯେତେ କମ୍ ଖାଇବେ, ସେତେ ଭଲ । ଏଥିରେ ବହୁ ମାତ୍ରାରେ ଶର୍କରା ରହିଥାଏ । ତେଣୁ ଯଥାସମ୍ଭବ କମ୍ ଖାଇବା ଉଚିତ୍ । କନ୍ଦମୂଳ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢିବା ସହ ଶରୀରର ଥକ୍କାପଣ ଓ ଦୁର୍ବଳତା କମ୍ ହୋଇଥାଏ । ଏଥିରେ ଥିବା ଭିଟାମିନ୍-ସି ଶରୀରକୁ ଦୀର୍ଘ ସମୟ ଯାଏ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । କନ୍ଦମୂଳ ଖାଇବା ଦ୍ୱାରା ଆଖି ଦୀର୍ଘ ଦିନଯାଏ ସୁସ୍ଥ ରହିଥାଏ । ଏଥିରେ ଥିବା ଭିଟା-କ୍ୟାରେଟିନ୍ ଆଖିକୁ ଦୀର୍ଘଦିନ ଯାଏ ସୁସ୍ଥ ରଖିଥାଏ । ସେହିପରି ଏହାକୁ ଖାଇବା ଦ୍ୱାରା ଆଖି ଜନିତ ସମସ୍ତ ସମସ୍ୟା ଆପେ ଆପେ ଦୂର ହୋଇଯାଇଥାଏ । ଏଥିରେ ଥିବା ପୋଟାସିୟମ୍ ହୃଦୟକୁ ସୁସ୍ଥ ରଖିବା ସହ ରକ୍ତଚାପକୁ ନିୟନ୍ତ୍ରିତ କରିଥାଏ । ଏହା ହାଟ୍ ଷ୍ଟ୍ରୋକ୍ ଓ ଉଚ୍ଚ ରକ୍ତଚାପର ଆଶଙ୍କାକୁ କମ୍ କରିଥାଏ।

# ୪୦୦ବର୍ଷ ପୁରାତନ ମନ୍ଦିରରେ ରହିଛି ପୁରାତନ ଘିଅ



ପ୍ରାଚୀନ କାଳରେ ନିର୍ମିତ ହୋଇଥିବା ମନ୍ଦିରଗୁଡ଼ିକରେ ଏବେ ମଧ୍ୟ ପରମ୍ପରା ଓ ନୀତିନିୟମ ଅନୁସାରେ ପୂଜା କରାଯାଉଛି। ଗ୍ୱାଲିୟରର ବୁନ୍ଦେଲଖଣ୍ଡସ୍ଥିତ ଦତିୟା ଅଂଚଳରେ ଥିବା ବାଲାଜୀ ମନ୍ଦିରରେ କାହିଁ କେଉଁ କାଳରୁ ଅଖଣ୍ଡ ଜ୍ୟୋତି ପ୍ରଜ୍ୱଳିତ ହୋଇଆସୁଛି। ମନ୍ଦିରର ବୟସ୍କ ପୂଜକଙ୍କ କହିବାନୁସାରେ ୪୦୦ବର୍ଷ ତଳର ତଥ୍ୟ ଏବେ ମଧ୍ୟ ମନ୍ଦିର ପ୍ରାଚୀରରେ ଉଲ୍ଲେଖିତ ହୋଇ ରହିଛି। ସେହିସମୟରୁ ଘିଅରେ ପ୍ରଜ୍ୱଳିତ ଏହି ଅଖଣ୍ଡଜ୍ୟୋତି ପାଇଁ ଦୈନିକ ଶ୍ରଦ୍ଧାଳୁମାନେ ବହୁ ପରିମାଣରେ ଘିଅ ଦାନ କରିଆସୁଛନ୍ତି। ଘିଅ ଭର୍ତ୍ତି ହୋଇ ରହିବା ପାଇଁ ମନ୍ଦିର ପ୍ରଶାସନ ୭ଟି କୂଅ ତଳଭାଗରେ ନନିର୍ମାଣ କରିଛି। ତନ୍ମଧ୍ୟରୁ ୪ଟଠି କୂଅ ୪୦୦ବର୍ଷ ପୁରାତନ। ଦୈନିକ ଶହଶହ ଶ୍ରଦ୍ଧାଳୁ ଆସୁଥିବା ଏହି ମନ୍ଦିରରେ ୧୮ ରୁ ୨୦ କିଲୋ ଘିଅ ଦାନ କରିଥାନ୍ତି। ବିଶେଷ ଉତ୍ସିବରେ ଅଧିକ ପରିମାଣରେ ଘିଅ ଦାନ କରୁଥିବାରା ପ୍ରକାଶ। କିଛି ମାସ ତଳେ ଆୟୁର୍ବେଦ କମ୍ପାନୀ ବୈଦ୍ୟନାଥ ଏହି ମନ୍ଦିରକୁ ପୁରାତନ ଘିଅ କିଣି ନେବାକୁ ପ୍ରସ୍ତାବ ମନ୍ଦିର ପ୍ରଶାସନକୁ ଦେଇଥିଲା। ଏହା ସହ ଶୁଦ୍ଧ ଘିଅ ଦାନ କରିବ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ହେଲେ ମନ୍ଦିରର ବୟସ୍କ ପୂଜକ ଏହି ସର୍ତ୍ତରେ ରାଜି ହୋଇ ନଥିଲେ। ମନ୍ଦିରର ପୁରାତନ ଘିଅ ବିକ୍ରି କଲେ ଅଭିଶାପ ପଡ଼ିବ ବୋଲି କହି ପୂଜକ ଏହି ପ୍ରସ୍ତାବକୁ ଟାଳି ଦେଇଥିଲେ।

# ନିଦ୍ରାରେ ମହିଳାଙ୍କ ଉତ୍ପାଦିକା କ୍ଷମତା ବୃଦ୍ଧି



ମା’ ହେବାକୁ ଇଚ୍ଛୁକ ଥିବା ମହିଳାମାନେ ପ୍ରତିଦିନ ସାତରୁ ଆଠଘଣ୍ଟା ଗାଢ଼ ନିଦ୍ରାଯିବା ଆବଶ୍ୟକ। ଏହାଦ୍ୱାରା ଗର୍ଭଧାରଣା ସମ୍ଭାବନା ବଢ଼ିଥାଏ। ଦକ୍ଷିଣ କୋରିଆ ସ୍ଥିତ ‘ଇର୍ଜ ୟୁନିଭର୍ସିଟି’ର ଗବେଷକମାନେ ଗବେଷଣା କରି ଏହା ପ୍ରକାଶ କରିଛନ୍ତି। ସେମାନଙ୍କ କହିବାନୁଯାୟୀ ସାତରୁ ଆଠଘଣ୍ଟା ଗାଢ଼ ନିଦ୍ରା ଯାଉଥିବା ମହିଳାଙ୍କ ଠାରେ ପ୍ରଜନନ କ୍ଷମତା ଅଧିକ ଥାଏ। ହେଲେ ସାତ ଘଣ୍ଟାରୁ କମ ଓ ନଅଘଣ୍ଟାରୁ ଅଧିକ ନିଦ୍ରା ଯାଉଥିବା ମହିଳାଙ୍କ ଠାରେ ପ୍ରଜନନ କ୍ଷମତା କମ ଦେଖାଯାଏ। ସେମାନେ ଗର୍ଭଧାଣର କରିବାରେ ମଧ୍ୟ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଗବେଷକମାନେ ୬୫୦ଜଣ ମହିଳାଙ୍କୁ ଅଧ୍ୟୟନରେ ସାମିଲ କରିଥିଲେ। ଦେଖାଯାଇଥିଲା ନଅଘଣ୍ଟାରୁ ଅଧିକ ସମୟ ନିଦ୍ରା ଯାଉଥିବା ମହିଳାଙ୍କ ତୁଳନାରେ ସାତରୁ ଆଠଘଣ୍ଟା ନିଦ୍ରା ଯାଉଥିବା ମହିଳାଙ୍କ କ୍ଷେତ୍ରରେ ମା’ ହେବାର ସମ୍ଭାବନା ୧୫ ପ୍ରତିଶତ ଅଧିକ ଥିଲା। ଗବେଷକ ଅନୁସାରେ, ଶରୀର ପାଇଁ ଆବଶ୍ୟକତା ଠାରୁ ଅଧିକ ସମୟ ନିଦ୍ରା ଯାଉଥିବା ମହିଳାଙ୍କ ଠାରେ ପ୍ରୋଲେକ୍ଟିନ ହର୍ମୋନ ବୃଦ୍ଧି ପାଏ। ଫଳରେ ସେମାନଙ୍କ ପ୍ରଜନନ କ୍ଷମତା ହ୍ରାସ ପାଇଥାଏ। ସେହିପରି ଆବଶ୍ୟକତା ଠାରୁ କମ୍ ନିଦ୍ରା ଗଲେ ଗର୍ଭଧାରଣା କ୍ଷମତା ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ଏଥିପାଇଁ ଗବେଷକମାନେ ପ୍ରକାଶ କରିଛନ୍ତି ଯେ ପ୍ରତିଦିନ ଶୋଇବା ଓ ଉଠିବାର ସମୟ ନିୟମିତ ହେବା ଦରକାର।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅବାଞ୍ଛିତ କ୍ଷମତା ଲଢ଼େଇ...

ଏକ ଗଣତନ୍ତ୍ରରେ ଗଣ ବା ଲୋକମାନେ ହିଁ ସର୍ବଶ୍ରେଷ୍ଠ, କିନ୍ତୁ ଏଇ ଲୋକମାନଙ୍କ ଭିତରୁ କେତେଜଣ ଯେତେବେଳେ ଉଚ୍ଚ ପଦ ପଦବୀରେ ଅଧିଷ୍ଠିତ ହୁଅନ୍ତି, ସେମାନେ ନିଜକୁ ସର୍ବେସର୍ବା ଭାବିବା ଆରମ୍ଭ କରି ଦିଅନ୍ତି, ଯାହା ନା ତ ବ୍ୟକ୍ତିଗତ ଭାବରେ ସେମାନଙ୍କ ପାଇଁ ଗୌରବାବହ ହୋଇଥାଏ, ନା ହୋଇଥାଏ ସମାଜ ପାଇଁ । କହିବାର ତାତ୍ପର୍ଯ୍ୟ, ବେଶ୍ କିଛି ବର୍ଷ ହେବ ରାଜ୍ୟପାଳ ପଦର ଯଥାର୍ଥତା ଉପରେ ବିତର୍କ ଚାଲି ଆସିଥିବା ବେଳେ ସାମ୍ପ୍ରତିକ ସମୟରେ କେତେକ ରାଜ୍ୟର ରାଜ୍ୟପାଳଙ୍କ କାର୍ଯ୍ୟ ସମ୍ପୃକ୍ତ ରାଜ୍ୟ ସରକାରମାନଙ୍କୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରରେ କରାଘାତ କରିବାକୁ ବାଧ କରିଛି । ଆଉ ରାଜଭବନ ଏବଂ ନିର୍ବାଚିତ ସରକାରଙ୍କ ମଧ୍ୟରେ ଏଇ ଅବାଞ୍ଛିତ କ୍ଷମତାର ଲଢ଼େଇରେ ଏକ ପୂର୍ଣ୍ଣଚ୍ଛେଦ ପକାଇବାକୁ ଚଳିତ ସପ୍ତାହରେ ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମ୍‌କୋର୍ଟ ଏକ ନୂତନ ଲୋହିତ ରେଖା ଟାଣିଛନ୍ତି। ସୋମବାର ଦିନ ସୁପ୍ରିମ୍‌କୋର୍ଟ ବିଧାନସଭାଗୁଡ଼ିକ ଦ୍ୱାରା ପାରିତ ବିଲ୍‌ଗୁଡ଼ିକ ଉପରେ ରାଜ୍ୟ ପାଳମାନେ ସେମାନଙ୍କର ସ୍ୱାକ୍ଷର ପ୍ରଦାନ କରିବାରେ ଅଯଥା ବିଳମ୍ବ କରିବାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଏବଂ କହିଛନ୍ତି ଯେ ଥରେ ଗୋଟିଏ ବିଲ୍ ରାଜଭବନ ଦ୍ୱାରା ଫେରସ୍ତ ହୋଇ ବିଧାନସଭା ଦ୍ୱାରା ପୁନର୍ବାର ଗୃହୀତ ହୋଇ ରାଜ୍ୟପାଳଙ୍କ ନିକଟକୁ ଅନୁମୋଦନ ନିମନ୍ତେ ପଠାଗଲେ ଏହା ଏକ ମନି ବିଲ୍ ମର୍ଯ୍ୟାଦା ହାସଲ କରିଥାଏ ଯାହା ଉପରେ ରାଜ୍ୟପାଳ ନିଶ୍ଚିତ ଭାବରେ ତାଙ୍କର ସ୍ୱାକ୍ଷର ପ୍ରଦାନ କରିବେ । ସୂଚନାଯୋଗ୍ୟ ଯେ କୋର୍ଟ ପୃଥକ୍ ପୃଥକ୍ ଭାବରେ ତାମିଲନାଡୁ ଏବଂ କେରଳ ସରକାରଙ୍କ ଦ୍ୱାରା କରାଯାଇଥିବା ନିବେଦନଗୁଡ଼ିକର ଶୁଣାଣି କରୁଥିବା ଅବସରରେ ଏହା କହିଛନ୍ତି ଏବଂ ସମ୍ପୃକ୍ତ ରାଜ୍ୟମାନଙ୍କର ରାଜ୍ୟପାଳମାନଙ୍କଠାରୁ ସେମାନଙ୍କର ପ୍ରତିକ୍ରିୟା ମଗାଇ ଥିଲେ । ଏ ସମ୍ପର୍କିତ ମାମଲାଗୁଡ଼ିକର ଶୁଣାଣି କରୁଥିବା ଖଣ୍ଡପୀଠ ବିଶେଷକରି ତାମିଲନାଡୁ ମାମଲା ଉପରେ ଧ୍ୟାନ ଦେଇଥିଲେ, ଯେଉଁଠି ରାଜ୍ୟପାଳ ଆର୍‌ଏନ୍ ରବି ଶୀର୍ଷ ଅଦାଲତଙ୍କ ଶୁଣାଣି ପୂର୍ବରୁ ବିଧାନସଭା ଅଧିବେଶନ କାଳରେ ୧୦ଟି ବିଲ୍ ସେଠାକୁ ଫେରାଇ ଦେଇଥିଲେ । ରାଜ୍ୟପାଳ କାହିଁକି ଆମ ଆଦେଶନାମାକୁ ଅପେକ୍ଷା କରିବେ ?'- ପଚାରି ଥିଲେ ଖଣ୍ଡପୀଠ ? ଉତ୍ତର ଅତି ସ୍ପଷ୍ଟ । ଏକଥା ଆଦୌ କାକତାଳୀୟ ନୁହେଁ ଯେ କେନ୍ଦ୍ର ସରକାରଙ୍କ ବିରୋଧୀ ଦଳମାନଙ୍କ ଦ୍ୱାରା ଶାସିତ ରାଜ୍ୟମାନଙ୍କରେ ରାଜଭବନ ଏବଂ ନିର୍ବାଚିତ ସରକାରମାନଙ୍କ ମଧ୍ୟରେ ମୁହାଁମୁହିଁ ହେବା ଅଧିକ ଅନିୟନ୍ତ୍ରିତ ହୋଇ ପଡୁଥିବା ଦେଖା ଯାଉଛି । ଏହାଦ୍ୱାରା କୋର୍ଟ ରାଜ୍ୟପାଳମାନଙ୍କ ପ୍ରତି ଏକ ଶକ୍ତ ଆଘାତ ପ୍ରଦାନ କରିଛନ୍ତି, ଯେଉଁମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ବିଧାନସଭା ଦ୍ୱାରା ପାରିତ ବିଲ୍‌କୁ ଅଟକାଇ ତା'ର ଅନ୍ତ ଘଟାଇବେ ବୋଲି ଚିନ୍ତା କରନ୍ତି । କୋର୍ଟ ଏହାକୁ ଏକ ଗମ୍ଭୀର ସମସ୍ୟା ଭାବରେ ଘୋଷଣା କରିଛନ୍ତି ଏବଂ କହିଛନ୍ତି ଯେ ଏହାଦ୍ୱାରା ରାଜ୍ୟପାଳମାନେ ନିଆଁ ସହିତ ଖେଳ ଖେଳୁଛନ୍ତି । କୋର୍ଟ ରାଜ୍ୟପାଳମାନେ ପ୍ରଦାନ କରିଥିବା ବାହାନାବାଜିକୁ ଗ୍ରହଣ କରିବାକୁ ମନା କରି ଦେଇଛନ୍ତି। ଏହାପରେ ମଧ କୋର୍ଟରେ ତଥାପି ଦୁଇଗୋଟି ପ୍ରସଙ୍ଗ ବିଚାର ଅପେକ୍ଷାରେ ରହିଛି । ଗୋଟିଏ ହେଉଛି, ଆଟର୍ନି ଜେନେରାଲଙ୍କ ଦ୍ୱାରା ଉତ୍‌ଥାପିତ ପ୍ରସଙ୍ଗ- ବିଲ୍‌ଗୁଡ଼ିକୁ ପରୀକ୍ଷା ନିରୀକ୍ଷା କରି ଦେଖିବା କ୍ଷେତ୍ରରେ ରାଜ୍ୟପାଳମାନଙ୍କର କ୍ଷମତା, ଯାହାର ସମାଧାନ କରାଯିବା ଅନେକଗୁଡ଼ିଏ 'ଜଟିଳ ପ୍ରସଙ୍ଗ'କୁ ଏଥି ସହିତ ସାମିଲ କରିଥାଏ । ଆହୁରି ମଧ ଭାରତର ମାନ୍ୟବର ପ୍ରଧାନ ବିଚାରପତି ପଚାରି ଥିବା ପ୍ରଶ୍ନ ରହିଛି, ଯାହା ହେଉଛି– ରାଜ୍ୟପାଳ ନିଜର ସ୍ୱାକ୍ଷର ପ୍ରଦାନରୁ ନିଜକୁ ଅଟକାଇବା ପାଇଁ ପସନ୍ଦ କରିବା ପରେ ବିଲ୍‌କୁ ପୁନର୍ବାର ଗୃହକୁ ଫେରାଇ ଦେବା ବାଧ୍ୟତାମୂଳକ କି ! ଏକ ଗଣତାନ୍ତ୍ରିକ ସାଧାରଣତନ୍ତ୍ରର ସମ୍ବିଧାନର ପ୍ରକୃତ ଭାବନା ଆଧାରରେ ଯଦି ଏବଂ ଯେତେବେଳେ ଏଇ ପ୍ରଶ୍ନଗୁଡ଼ିକର ଉତ୍ତର ଖୋଜାଯିବ, ସେତେବେଳେ ତାହା ପାଇବା ସେତେ କଷ୍ଟକର ହେବନାହିଁ । ଏହା ହେଉଛି ସେଇ ଲୋକମାନଙ୍କର ଇଚ୍ଛା, ଯେଉଁମାନେ ଧାଡ଼ିରେ ଠିଆହୋଇ ଭୋଟ୍ ଦେଇଥାନ୍ତି ଏବଂ ସେମାନଙ୍କର ପ୍ରତିନିଧିମାନଙ୍କୁ ସେମାନେ ପଠାଇଥାନ୍ତି ସେମାନଙ୍କୁ ଶାସନ କରିବାକୁ, ଯାହା ସର୍ବୋପରି କାଏମ୍ ରହିବା ଆବଶ୍ୟକ । ଏହା ବାଦ୍ ଅନ୍ୟ ଏକ କଥା ମଧ ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏକ ରାଜ୍ୟ ସରକାର ତାଙ୍କ ରାଜ୍ୟର ଜନତାଙ୍କ ପାଖରେ ଉତ୍ତରଦାୟୀ ଏବଂ ଜନତାଙ୍କ ମଙ୍ଗଳ ପାଇଁ ସବୁକିଛି କରିବା ଉଚିତ । ତେବେ ଏହାକୁ ମଧ ଏଡ଼ାଇ ଦିଆଯାଇ ପାରିବ ନାହିଁ କି ରାଜ୍ୟ ସରକାରମାନେ ଯେତେବେଳେ ଏଇସବୁ ଉଚ୍ଚ କାର୍ଯ୍ୟାଳୟଗୁଡ଼ିକ ପ୍ରତି ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରିବା ଉଚିତ, ରାଜ୍ୟପାଳମାନେ ମଧ ସେମାନଙ୍କୁ ସମ୍ବିଧାନ ପ୍ରଦାନ କରିଥିବା ସୀମା ମଧ୍ୟରେ ରହି ସେମାନଙ୍କର କାର୍ଯ୍ୟ କରିବା ଉଚିତ।

# ପରାଜୟ ଗ୍ଲାନି ଓ ଭାରତୀୟ ପ୍ରଶଂସକ



### ମହେଶ୍ୱର ପାତ୍ର

ଗତ ରବିବାର ମଧ୍ୟାହ୍ନରେ ଯେଉଁ ଉତ୍ସାହ ଓ ଉଦ୍ଦୀପନା ଭାରତ-ଅଷ୍ଟ୍ରେଲିଆ କ୍ରିକେଟ ବିଶ୍ୱ କପ୍ ଫାଇନାଲକୁ ନେଇ ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ରହିଥିଲା, ସନ୍ଧ୍ୟା ହେବା ସହ ସେଥିରେ କ୍ରମଶଃ ଶିଥିଳତା ପରିଲିକ୍ଷିତ ହେଲା। ରାତି ଯେତିକି ଆଗକୁ ଆଗକୁ ବଢୁଥିଲା, ଭାରତ ତୃତୀୟ ଥର ପାଇଁ ବିଶ୍ୱ ବିଜେତା ହେବାର ସ୍ୱପ୍ନ ସେତିକି ଦୂରକୁ ଦୂରକୁ ଚାଲିଯାଉଥିଲା। ଶେଷରେ, କଙ୍ଗାରୁ ଦଳ ସର୍ବାଧିକ ପଞ୍ଚମ ଥର ପାଇଁ କ୍ରିକେଟ ବିଶ୍ୱ କପ୍ ବିଜେତା ହେବାର ସୌଭାଗ୍ୟ ଲାଭ କଲା। ଏପଟେ କୋଟି କୋଟି ଭାରତୀୟଙ୍କ ସ୍ୱପ୍ନ ଭାଙ୍ଗି ରୁଜି ଚୁରମାର ହୋଇଗଲା। ଅସଂଖ୍ୟ ଦର୍ଶକଙ୍କ ଆଖିରୁ ନିଦ ହଜିଗଲା। କିଛି କିଛି ସ୍ଥାନରୁ ତ ଆତ୍ମହତ୍ୟା ପରି ଚରମ ପଦକ୍ଷେପ ମାନ ଗ୍ରହଣ କରିଥିବାର ଖବର ସାମ୍ନାକୁ ଆସିଲା, କୌଣସି ଭାରତୀୟ ପ୍ରଶଂସକ କେବେ କଳ୍ପନା ମଧ କରିନଥିଲେ ଯେ, ଫାଇନାଲ ମ୍ୟାଚର ଫଳାଫଳ ଏତେ ନୈରାଶଜନକ ହେବ। ଏହା ସ୍ୱାଭାବିକ ମଧ, କାରଣ ଏହି ମ୍ୟାଚ୍ ପୂର୍ବରୁ ଭାରତ ଚଳିତ ବିଶ୍ୱ କପ୍ ରେ ଖେଳିଥିବା ସମସ୍ତ ଦଶଟି ଯାକ ମ୍ୟାଚ୍ ଜିତିଥିଲା। ଏପରିକି ଗତ ନିଉଜିଲ୍ୟାଣ୍ଡ ବିପକ୍ଷ ସେମି ଫାଇନାଲ ମ୍ୟାଚ ରେ ଭାରତ ପ୍ରଥମେ ବ୍ୟାଟିଂ କରି ରେକର୍ଡ ସଂଖ୍ୟକ ରନ ସଂଗ୍ରହ (୩୯୭) କରିଥିଲା। ତେଣୁ, ଫାଇନାଲ ମ୍ୟାଚ ରେ ମଧ ସେହି ଭଳି କିଛି କରିଶ୍ମା ଭାରତୀୟ ଖେଳାଳୀ ଦେଖେଇବେ ଏବଂ ୨୦୦୩ ବିଶ୍ୱ କପ୍ ଫାଇନାଲର ମଧୁର ପ୍ରତିଶୋଧ ନେବେ, ଏମିତି କିଛି ଭାବନାରେ ପ୍ରତ୍ୟେକ ଭାରତୀୟ ବୁଡ଼ି ରହିଥିଲେ। କିନ୍ତୁ, ଫଳାଫଳ ସମ୍ପୂର୍ଣ୍ଣ ଓଲଟା ହୋଇଥିଲା। ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଉପସ୍ଥିତ ପ୍ରାୟ ୧୩୦୦୦୦ ଦର୍ଶକ ସତେ ଯେମିତି ମୂକ ପାଲଟି ଯାଇଥିଲେ। ଟିଭି ପରଦାରେ ମ୍ୟାଚକୁ ଉପଭୋଗ କରୁଥିବା ଅସଂଖ୍ୟ ଭାରତୀୟ, ଫଳାଫଳ ପୂର୍ବରୁ ଟିଭି ସ୍ୱିଚ ଅଫ କରିଦେଲେ। କିନ୍ତୁ ସଭିଙ୍କ ମନରେ ଏକ ବିରାଟ ଅବଶୋଷ ରହିଗଲା, ଯେ ଭାରତ ଏଥର ମଧ ଆଇସିସି ଟ୍ରଫି ହାତେଇବାରୁ ବଞ୍ଚିତ ରହିଲା।

ଭାରତ ଶେଷ ଥର ପାଇଁ ୨୦୧୩ ମସିହାରେ ମହେନ୍ଦ୍ର ସିଂହ ଧୋନିଙ୍କ ନେତୃତ୍ୱରେ ଇଂଲଣ୍ଡରେ ଆୟୋଜିତ ହୋଇଥିବା ଚାମ୍ପିୟନସ ଟ୍ରଫି ରେ ବିଜେତା ହୋଇଥିଲା। ଏହା ପରେ ଦୀର୍ଘ ଦଶ ବର୍ଷ ହେଲା ଭାରତ ଆଇସିସି ଦ୍ୱାରା ଅନୁଷ୍ଠିତ କୌଣସି ବହୁ ରାଷ୍ଟ୍ରୀୟ ପ୍ରତିଯୋଗିତାରେ ବିଜେତା ହେବାର ସୌଭାଗ୍ୟ ଅର୍ଜନ କରି ପାରିନାହିଁ। ଏଥର କିନ୍ତୁ ଏକ ଭଲ ସୁଯୋଗ ଥିଲା, ଯେ ହେତୁ ଗତ ତିନୋଟି ବିଶ୍ୱ କପ୍ (୨୦୧୧ରେ ଭାରତ, ୨୦୧୫ ଅଷ୍ଟ୍ରେଲିଆ ଏବଂ ୨୦୧୯ ଇଂଲଣ୍ଡ) ଆୟୋଜକ ଦେଶ ହିଁ ଜିତିଥିଲା ତେଣୁ ଏଥର ମଧ ସମସ୍ତ କ୍ରିକେଟ ବିଶେଷଜ୍ଞ ଓ ପ୍ରଂଶସକ ଘରୋଇ ପରିବେଶରେ ଭାରତ ତୃତୀୟ ଥର ପାଇଁ ବିଶ୍ୱ ଚାମ୍ପିଅନ ହେବ ବୋଲି ଆଶା ବାନ୍ଧିଥିଲେ। ସମସ୍ତ ଭାରତୀୟ ଖେଳାଳୀ ମଧ ପ୍ରତ୍ୟେକ ମ୍ୟାଚ୍‌ରେ ନିଜର ଶହେ ପ୍ରତିଶତ ଦେବାକୁ ଚେଷ୍ଟା କରିଥିଲେ। ଯେଉଁଥି ପାଇଁ ଫାଇନାଲ ପୂର୍ବ ମ୍ୟାଚ୍ ପର୍ଯ୍ୟନ୍ତ ଭାରତ ଅପରାଜୟ ରହିଥିଲା। ଉଭୟ ବୋଲିଂ, ବ୍ୟାଟିଂ ଓ ଫିଲ୍ଡିଂକୁ ନେଇ ଭାରତ ଏକ ଶକ୍ତିଶାଳୀ ଓ ସନ୍ତୁଳିତ ଦଳ ସହ ଚଳିତ ବିଶ୍ୱ କପ୍ ମଇଦାନକୁ ଓହ୍ଲାଇଥିଲା ଏବଂ ପ୍ରଥମ ମ୍ୟାଚ୍‌ରେ ହିଁ ଅଷ୍ଟ୍ରେଲିଆକୁ ମାତ୍ ଦେଇଥିଲା।

ଫାଇନାଲରେ କଙ୍ଗାରୁ ଦଳ ଅଧିନାୟକ ପ୍ୟାଟ କମିନ୍ସ ଟସ୍ ଜିତି ବୋଲିଂ କରିବାର ନିଷ୍ପତି ନେଇଥିଲେ। କିନ୍ତୁ ରୋହିତ ଶର୍ମାଙ୍କ ଧୂଆଁଧାର ଆରମ୍ଭ ଯୋଗୁଁ ଭାରତ ଅନାୟସରେ ପାୱାର ପ୍ଲେ ରେ ପ୍ରାୟ ୮୦ ରନ୍ ସଂଗ୍ରହ କରି ନେଇଥିଲା। କିନ୍ତୁ ପାୱାର ପ୍ଲେ ର ଅନ୍ତିମ୍ ଓଭରରେ କମିନ୍ସ ଚାଲାକି କରି ମ୍ୟାକ୍ସୱେଲଙ୍କୁ ବଲ୍ ଦେଇଥିଲେ, ରୋହିତ ଏହି ଓଭରର ପ୍ରଥମ ତିନୋଟି ବଲରୁ ଗୋଟିଏ ଲେଖାଏଁ ଛକା ଓ ଚୌକା ସହ ଦଶ ରନ ସଂଗ୍ରହ କରି ନେଇଥିଲେ ସୁଦ୍ଧା ପାୱାର ପ୍ଲେ ରେ ଅଧିକ ରନ ସଂଗ୍ରହ କରିବା ଚକରରେରେ ନିଜର ବହୁମୂଲ୍ୟ ୱିକେଟଟି ଫିଙ୍ଗି ଦେଇଥିଲେ। ପରବର୍ତ୍ତୀ ସମୟରେ କୋହଲି ଓ ରାହୁଲ ଦଳକୁ ଆଗକୁ ନେଉଥିଲେ କିନ୍ତୁ ଅତ୍ୟନ୍ତ ଧିମା ବ୍ୟାଟିଂ ଓ ଫାଇନାଲ ମ୍ୟାଚର ଚାପକୁ ଠିକ୍ ରୂପେ ସମ୍ଭାଳି ନପାରିବାରୁ ସେମାନେ ମଧ ଅର୍ଦ୍ଧଶତକ ହାସଲ ପରେ ପରେ ବିଦାୟ ନେଲେ। ଏହା ପରେ କୌଣସି ବ୍ୟାଟ୍ସମ୍ୟାନ ଅଷ୍ଟ୍ରେଲିଆ ବୋଲରଙ୍କୁ ଆତ୍ମବିଶ୍ୱାସର ସହ ସାମ୍ନା କରି ନପାରି ନିଜ ନିଜ ୱିକେଟ ହରେଇଲେ ଏବଂ ଭାରତ ମାତ୍ର ୨୪୦ ରନ୍‌ରେ ସୀମିତ ରହିଲା। ଜବାବ ରେ ଅଷ୍ଟ୍ରେଲିଆ ଆରମ୍ଭରୁ ତିନୋଟି ୱିକେଟ ହରାଇ ସଙ୍କଟରେ ପଡ଼ିଥିଲେ ସୁଦ୍ଧା ହେଡ ଓ ଲବୁଶାନ ଚମତ୍କାର ଖେଳି ଦଳକୁ ବିଜୟ ଭେଟି ଦେଇଥିଲେ। ଏଠାରେ ସୂଚନା ଯୋଗ୍ୟ, ମ୍ୟାଚ୍ ପୂର୍ବ ସାମ୍ବାଦିକ ସମ୍ମିଳନୀରେ ପ୍ୟାଟ୍ କମିନସ ଯାହା କହିଁଥିଲେ, ଯେ 'ଅସଂଖ୍ୟ ଘରୋଇ ଦର୍ଶକଙ୍କ ପାଟି ଚୁପ୍ କରିବାଠାରୁ ସନ୍ତୋଷଜନକ କିଛି ହୋଇ ନ ପାରେ'ନିଜ କଥା ରଖିବାରେ ସଫଳ ହୋଇଥିଲେ। ଏମିତିକି ଭାରତ ବ୍ୟାଟିଂ କରୁଥିବା ସମୟରେ ଗୋଟେ ଗୋଟେ ବାଉଣ୍ଡରି ପାଇଁ ଭାରତୀୟ ଦର୍ଶକଙ୍କୁ ୧୦ ରୁ ୧୫ ଓଭର ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଥିଲା। ଯେଉଁଥି ପାଇଁ ବିଶ୍ୱର ସର୍ବ ବୃହତ୍ତ କ୍ରିକେଟ ଷ୍ଟାଡିୟମ୍ ରୁପେ ଅଭିହିତ ଏବଂ ଲକ୍ଷାଧିକ ଦର୍ଶକ ବସିଥିବା ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଭାରତ ପାଳି ସମୟରେ ନୀରବତା ଛାଇ ଯାଇଥିଲା।

ପରାଜୟ ଗ୍ଲାନିର ଅସଲ ଚିତ୍ର ସାମ୍ନାକୁ ଆସିଲା ଫାଇନାଲ ପର ଦିନ ଅର୍ଥାତ ସୋମବାର। ଯେବେ ଅସଂଖ୍ୟ ଭାରତୀୟ, ସେ ସରକାରୀ ଚାକିରିଆ ହେଉ ଅବା ବେସରକାରୀ, କର୍ମଜୀବୀ ମହିଳା ବା ପୁରୁଷ, ସାଧାରଣ ଦୋକାନୀ ବା ବ୍ୟବସାୟୀ, ଏପରିକି ସ୍କୁଲ କଲେଜ ପଢୁଆ ଛାତ୍ର ଛାତ୍ରୀ ସମସ୍ତଙ୍କ ମୁହଁରେ ସେଇ ଗୋଟିଏ କଥା...। ଭାରତୀୟ ଦଳର ପ୍ରଦର୍ଶନ ଏତେ ନିରାଶାଜନକ ହେଲା କିପରି ? କେହି କେହି ତ ପରାଜୟର ଗ୍ଲାନିରେ ନିଜ କାମରେ ମଧ ମନୋନିବେଶ କରି ପାରିନଥିଲେ। ଅବଶ୍ୟ ଭାରତ ପରି ଏକ କ୍ରିକେଟ ପାଗଳ ଦେଶରେ ଏହି ସବୁ କଥା ଅତି ସାଧାରଣ। କିନ୍ତୁ ଏହି ପରାଜୟ ପରେ ଆମ ପରି ପ୍ରଶଂସକ ମାନଙ୍କୁ ବହୁତ କିଛି କଥା ପ୍ରତି ଯତ୍ନବାନ ହେବାର ଅଛି, ଯଥା - ଭାରତୀୟ କ୍ରିକେଟ ଖେଳାଳୀଙ୍କ ଠାରୁ ସର୍ବଦା ଭଲ ପ୍ରଦର୍ଶନର ଆଶା । ଏହା ଅଯଥାରେ ଖେଳାଳୀଙ୍କ ଉପରେ ମାନସିକ ଚାପ ସୃଷ୍ଟି କରେ, ଯାହାର ପ୍ରଭାବ ଖେଳ ଉପରେ ପଡ଼ିଥାଏ, ଭାରତରେ କ୍ରିକେଟ କେବଳ ଏକ ମାତ୍ର ଖେଳ ନୁହେଁ। ଆହୁରି ଅନେକ ପ୍ରକାର କ୍ରୀଡ଼ା ରହିଛି ସେଗୁଡିକ ଦେଖିବା ଏବଂ ଉତ୍ସାହିତ କରିବା। ଅଷ୍ଟ୍ରେଲିଆ ବିଶ୍ୱ ଚାମ୍ପିଅନ ହୋଇ ଯେବେ ନିଜ ଦେଶକୁ ପ୍ରତ୍ୟାବର୍ତ୍ତନ କଲା, ତାଙ୍କୁ ବିମାନ ବନ୍ଦରରେ ସ୍ୱାଗତ ସମ୍ବର୍ଦ୍ଧନା ଦେବା ପାଇଁ ସୁଦ୍ଧା କେହି ନଥିଲେ। ଏଥିରୁ ସ୍ପଷ୍ଟ ଯେ, ସେ ଦେଶରେ କ୍ରିକେଟକୁ ନେଇ ଏତେ ପାଗଳାମି ନାହିଁ। ସେମାନେ, ସବୁ ଖେଳ ଓ ଖେଳାଳୀଙ୍କୁ ସମାନ ରୁପେ ପ୍ରାଧାନ୍ୟ ଦେଇଥାନ୍ତି। ଯାହାର ଫଳ ସ୍ୱରୂପ ଏତେ ଛୋଟ ଦେଶ ଟିଏ ହେଲେ ସୁଦ୍ଧା ଅଷ୍ଟ୍ରେଲିଆ ଆଜି ବିଶ୍ୱ କ୍ରୀଡା ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଦଖଲ କରିଛି। ତେଣୁ, ଏହି ଅବସରରେ ଆମେ ସମସ୍ତ ଭାରତୀୟ, ଏହି କଥାକୁ ହୃଦୟଙ୍ଗମ କରିବା ଉଚିତ୍ ଯେ,

ଖେଳକୁ ସର୍ବଦା ଖେଳ ହିସାବରେ ହିଁ ଗ୍ରହଣ କରିବା ଏବଂ ଏହାକୁ କେବଳ ଏକ ମନୋରଞ୍ଜନର ମାଧ୍ୟମ ବୋଲି ଭାବିବା । କ୍ରୀଡ଼ା ହୃଦୟ ଭାଙ୍ଗେ ନାହିଁ ବରଂ ଯୋଡେ... ଏହି ଭାବନାରେ ବ୍ରତୀ ହେବା।


+ଅଧାପକ, କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟ, କେନ୍ଦୁଝର
ମୋ: ୭୦୦୮୦୬୫୮୭୫


# ପୃଥିବୀର ସର୍ବ ବୃହତ କାର୍ତ୍ତିକେଶ୍ୱର (ମୁରୁଗନ) ମୂର୍ତ୍ତି



### ବିଷ୍ଣୁ ପ୍ରସାଦ ଦାସ

ବର୍ଷକ ବାର ମାସ ମଧ୍ୟରୁ କାର୍ତ୍ତିକ ମାସର ସ୍ୱତନ୍ତତା ହେଲା ଯେ, ଏହି ମାସଟିକୁ ହିନ୍ଦୁ ଧର୍ମାବଲମ୍ବୀ ମାନେ ଖୁବ ଧାର୍ମିକ ମାସ ରୂପେ ପାଳନ କରିଥାନ୍ତି । ଅଧିକାଂଶ ହିନ୍ଦୁ କାର୍ତ୍ତିକ ମାସ ସାରା ସାକାହାରୀ ହୋଇ ଅନେକ ଆଧାତ୍ମିକ କାର୍ଯ୍ୟକଳାପରେ ଲିପ୍ତ ରହି ଥାନ୍ତି, ଏହା ତାଙ୍କ ପାଇଁ ଶୁଦ୍ଧତା ଏବଂ ଭଗବତ ଜ୍ଞାନର ମାସ ବୋଲି ଅନେକେ ବିବେଚନା କରିଥାନ୍ତି । ସେମାନେ କାର୍ତ୍ତିକ ମାସରେ ଭଗବାନ ବିଷ୍ଣୁ, ରାଧା କୃଷ୍ଣଙ୍କୁ ଆରାଧନା କରିଥାନ୍ତି । ଅନେକ ବୃଦ୍ଧ, ବୃଦ୍ଧା ଶ୍ରଦ୍ଧାଳୁ ନିଜ ଗୃହ ତ୍ୟାଗ କରି ନିଷ୍ଠାର ସହିତ ତାଙ୍କର ମନ ପସନ୍ଦ ଦେବାଳୟ, ତୀର୍ଥ ସ୍ଥାନ ରେ କାର୍ତ୍ତିକ ମାସ ବ୍ରତ ପାଳନ କରି କାର୍ତ୍ତିକ ପୂର୍ଣ୍ଣିମା ପରେ ସ୍ୱସ୍ଥାନକୁ ବାହୁଡ଼ି ଆସିଥାନ୍ତି । ଆଧାତ୍ମିକ ଭାବନା, ବିଶ୍ୱାସ, ଇଛା ଶକ୍ତି ଭକ୍ତଙ୍କୁ ଆଜି ଭଗବତ୍ ପ୍ରେମ ସହିତ ବାନ୍ଧି ରଖିଛି ଏହାହିଁ ସନାତନ ଧର୍ମର ମହତ୍ୱ । ତେବେ କାର୍ତ୍ତିକ ପୂର୍ଣ୍ଣମା ଦିନ ଶ୍ରୀ ଶ୍ରୀ କାର୍ତ୍ତିକେଶ୍ୱରଙ୍କ ପୂଜା କରାଯାଏ, ପୁରାଣ, ଧର୍ମ ଗ୍ରନ୍ଥ ଆଧାରରେ କାର୍ତ୍ତିକେଶ୍ୱର ହେଉଛନ୍ତି ଭଗବାନ ଶିବ ଏବଂ ମା' ପାର୍ବତୀଙ୍କ ସନ୍ତାନ ତଥା କାର୍ତ୍ତିକ ପୂର୍ଣ୍ଣିମା ଦିନ ତାଙ୍କର ଜନ୍ମ ତେଣୁ ସେହିଦିନ ତାଙ୍କର ପୂଜାର୍ଚ୍ଚନା ଅନୁଷ୍ଠିତ ହୁଏ । ଉତ୍ତର ଭାରତରେ କାର୍ତ୍ତିକେଶ୍ୱରଙ୍କ ମନ୍ଦିର ଏତେଟା ଦେଖିବାକୁ ମିଳୁ ନ'ଥିବା ସମୟରେ ଦକ୍ଷିଣ ଭାରତରେ କାର୍ତ୍ତିକେଶ୍ୱରଙ୍କର ଅନେକ ମନ୍ଦିର ଅନେକ ନାମରେ ରହି ଅଛି। ଦକ୍ଷିଣ ଭାରତରେ ମୁରୁଗନ, କୁମାର ସ୍ୱାମୀ, ଦେବ ସେନାପତି, ସ୍ୱମୀନାଥ, ଭେଲାୟୁଦା ଇତ୍ୟାଦି ନାମରେ ଚିରକୁମାର କାର୍ତ୍ତିକେଶ୍ୱରଙ୍କୁ ଅତ୍ୟନ୍ତ ଭକ୍ତିର ସହ ପୂଜାର୍ଚ୍ଚନା କରାଯାଏ।

ପୃଥିବୀର ସବୁଠାରୁ ବଡ଼ ମୁରୁଗନ ଙ୍କ ମୂର୍ତ୍ତି କିନ୍ତୁ ଭାରତ ମାଟିରେ ନାହିଁ ଏହି ମୂର୍ତ୍ତି ମାଲେସିଆର କୁଆଲଲୁମପୁର ସହର ଠାରୁ ୧୬ କିଲୋମିଟର ଦୂରରେ ବାଟୁକେଭ୍‌ଠାରେ ଅବସ୍ଥିତ ବାଟୁ କେଭ୍‌ର ପାଦଦେଶରେ ୧୪୦ ଫୁଟ ଉଚ୍ଚତା ବିଶିଷ୍ଟ ମୁରୁଗନ ବା କାର୍ତ୍ତିକେଶ୍ୱରଙ୍କ ମୂର୍ତ୍ତି ସଗର୍ବେ ସନାତନ ଧର୍ମକୁ ବିଦେଶ ମାଟିରେ ଉଦ୍ଜୀବିତ କରି ରଖିଛି ଏହା ଭାରତୀୟ ମାନଙ୍କ ପାଇଁ ଏକ ଗର୍ବର ବିଷୟ ଛଡା ଆଉ କିଛି ନୁହେଁ । ତେବେ ଏହି ମୂର୍ତ୍ତି ବିଦେଶ ମାଟିରେ କିଏ ସ୍ଥାପନ କରିଛନ୍ତି ? ତାଙ୍କର କ'ଣ ଉଦେଶ୍ୟ ? ଆସନ୍ତୁ ଏହି ବିଷୟରେ କିଛି ଜାଣି ନେବା । ବାଟୁ ଗୁମ୍ଫା ଏକ ସୁଉଚ୍ଚ ଚୁନପଥର ପାହାଡ଼, ଏହା ମାଲେସିଆର ଗମ୍ବୁକ ଜିଲ୍ଲାରେ ଅବସ୍ଥିତ, ଜଣାଯାଏ ଯେ ଏହି ପାହାଡ଼ ଟି ପ୍ରାୟ ୪୦୦ ନିୟୁତ ବର୍ଷର ପୁରୁଣା । ଏଠାରେ ଆଗରୁ ମାଲେସିଆ ଦେଶର ଆଦିବାସୀ ମାନେ ବସବାସ କରୁଥିଲେ ଜଣେ ଦକ୍ଷିଣ ଭାରତୀୟ ବ୍ୟବସାୟୀ ଶ୍ରୀଯୁକ୍ତ କେ :ଟି :ପିଲ୍ଲାଇ ୧୮୯୦ ମସିହାରେ ଏହି ବାଟୁ ଗୁମ୍ଫାକୁ ଦେଖି ଏବଂ ଏହାର ସୌନ୍ଦର୍ଯ୍ୟରେ ଅନୁପ୍ରାଣିତ ହୋଇ ପ୍ରାର୍ଥନା କରିବା ଉଦେଶ୍ୟରେ ଏହିଠାରେ ଏକ ମୂର୍ତ୍ତି ନିର୍ମାଣ କରିବାକୁ ଇଛା କରିଥିଲେ। ଯେହେତୁ ସେ ଜଣେ ଦକ୍ଷିଣ ଭାରତୀୟ ଥିଲେ ଏବଂ ମାଲେସିଆ ଦେଶରେ ଅନେକ ଦକ୍ଷିଣ ଭାରତୀୟ ଶ୍ରମିକ ଭାବେ ଯାଇ ସେଠାକାର ସ୍ଥାୟୀ ବାସିନ୍ଦା ପାଲଟି ଯାଇଥିଲେ ତେଣୁ ସେମାନଙ୍କ ପୂଜାର୍ଚ୍ଚନା ପାଇଁ ସେ ଦକ୍ଷିଣ ଭାରତରେ ବହୁଳ ଭାବେ ପୂଜା ପାଉଥିବା କାର୍ତ୍ତିକେଶ୍ୱର ବା ମୁରୁଗନଙ୍କ ମୂର୍ତ୍ତିଟିଏ ନିର୍ମାଣ କରାଇ ଥିଲେ। ବାଟୁ ଗୁମ୍ଫାର ପ୍ରଧାନ ଆକର୍ଷଣ ହେଲା ପଥରର ଗୁମ୍ଫା ଓ ମନ୍ଦିର ତଥା ପାହାଡ଼ର ପାଦ ଦେଶରେ ଦଣ୍ଡାୟମାନ ବିରାଟ ମୁରୁଗନ / କାର୍ତ୍ତିକେୟଙ୍କ ପ୍ରତିମୂର୍ତ୍ତି । ଭଗବାନ ମୁରୁଗନ (କାର୍ତ୍ତିକେଶ୍ୱର )ଙ୍କ ପ୍ରତିମୂର୍ତ୍ତି ପୃଥିବୀର ସବୁଠାରୁ ଉଚ୍ଚତମ କାର୍ତ୍ତିକ ମୂର୍ତ୍ତି ବୋଲି ଇତିହାସ କୁହେ । ଏହାର ଉଚ୍ଚତା ୧୪୦ ଫୁଟ ଏହାକୁ ତିଆରି କରିବାକୁ ସେତେବେଳେ ୨୪୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା, ଏଥିରେ ୧୫୫୦ ବର୍ଗ ମିଟର କଂକ୍ରିଟ ବ୍ୟବହୃତ ହୋଇଥିଲା, ୨୫୦ ଟନ ଇସ୍ପାତ ଦ୍ୱାରା ଏହାକୁ ଶକ୍ତ ଭାବେ ଦଣ୍ଡାୟମାନ ଅବସ୍ଥାରେ ସ୍ଥାପିତ କରା ଯାଇଛି, ମୁରୁଗନଙ୍କ ମୂର୍ତ୍ତିରେ ୩୦୦ ଲିଟର ସୁନେଲି ରଙ୍ଗ ଲାଗିଥିଲା। ମାଲେସିଆ ଦେଶରେ ଏହାର ନିର୍ମାଣ ସମ୍ଭବ ନ' ହେବାରୁ ପଡୋଶୀ ଦେଶ ଥାଇଲାଣ୍ଡରୁ ମୁରୁଗନଙ୍କ ମୂର୍ତ୍ତି ତିଆରି ହୋଇ ବାଟୁ ଗୁମ୍ଫା ପର୍ଯ୍ୟନ୍ତ ଆସିଥିଲା, ବାଟୁ ଗୁମ୍ଫା ମାଲେସିଆରେ ରହୁଥିବା ହିନ୍ଦୁ ମାନଙ୍କର ଏକ ପବିତ୍ର ସ୍ଥାନ।

ପାହାଡ଼ର ପାଦ ଦେଶରୁ ଗୁମ୍ଫା ଉପରକୁ ଯିବାକୁ ହେଲେ ୨୭୨ଟି ସୀଢୀ ଚଢ଼ିବାକୁ ହେବ, ସୀଢୀ ଗୁଡିକ ସାମାନ୍ୟ ଉଚ୍ଚ ତେବେବି ଚେଷ୍ଟା କଲେ ଜଣେ ଚଢି ପାରିବ ଏବଂ ଗୁମ୍ଫାର ମନୋରମ ଦୃଶ୍ୟ ତଥା ଗୁମ୍ଫା ଭିତରେ ଥିବା ଏକ ସୁ ସଜ୍ଜିତ ମନ୍ଦିର ମଧ୍ୟରେ ମୁରୁଗନଙ୍କ ମୂର୍ତ୍ତିଙ୍କୁ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରି ପାରିବେ। ସ୍ୱଚକ୍ଷୁରେ ନ'ଦେଖିଲେ କେହି ଏତେ ସୁନ୍ଦର ଦୃଶ୍ୟକୁ ବର୍ଣ୍ଣନା କରିବା କଷ୍ଟକର ବ୍ୟାପାର। ହଜାର ହଜାର ବର୍ଷଧରି ଜଳକଣା ଚୂନ ପଥରକୁ ନୂତନ ରୂପ ରେ ରୂପାୟିତ କରିଛି, ଅତୀବ ମନୋରମ ସେ ଦୃଶ୍ୟ ସତେ ଯେପରି ଝୁମର ଗୁଡିକ ତଳକୁ ଝୁଲି ରହିଛି ଜଳକଣା ଚୂନ ପଥରର ଏକ ସୁନ୍ଦର କଠିନ ରୂପ। ଭିତରକୁ ପ୍ରବେଶ ମାତ୍ରେ ଥଣ୍ଡା ଅନୁଭୂତ ହୁଏ କିଛି ସୀଢୀରେ ତଳକୁ ପ୍ରାୟ ୧୦ଫୁଟ ଓଲ୍‌ହାଇଲା ପରେ ସୁଦୃଶ୍ୟ ମନ୍ଦିର, ସୁନ୍ଦର କାରୁକାର୍ଯ୍ୟ ପରିପୂର୍ଣ୍ଣ ତଥା ଭଗବାନ ମୁରୁଗାନଙ୍କ ଜୀବନ୍ତ ପ୍ରାୟ ମୂର୍ତ୍ତି ଚକିତ କରିଦେବ । ଆଃ ! ଶିଳ୍ପୀର କି ନିଖୁଣ କାରିଗରୀ କୌଶଳ, ଯେ କୌଣସି ବ୍ୟକ୍ତିଙ୍କ ଭକ୍ତି ଭାବନା ସ୍ୱତପ୍ରବୃତ ଆସିଯିବ, ମୁରୁଗାନଙ୍କ ମୂର୍ତ୍ତି ସହିତ ଅନେକ ପାର୍ଶ୍ୱ ଦେବଦେବୀ, ମୟୁର ମୂର୍ତ୍ତି ବି ଆକର୍ଷଣର କେନ୍ଦ୍ରବିନ୍ଦୁ। ପ୍ରତିବର୍ଷ ଏଠାରେ ହିନ୍ଦୁ ମାନଙ୍କର 'ଥାଇପୁସମ' ଭଗବାନ ମୁରୁଗାନଙ୍କ ପର୍ବ ମହା ଆଡମ୍ବରରେ ପାଳନ କରାଯାଏ । ହଜାର ହଜାର ଭକ୍ତଙ୍କ ସମାବେଶରେ ବାଟୁଗୁମ୍ଫାର ପରିବେଶକୁ ଆହୁରି ଆକର୍ଷିତ କରିଦିଏ। ଥାଇ ପୁସମ୍ ପର୍ବ ସାଧାରଣତଃ ଜାନୁଆରୀ -ଫେବୃଆରୀ ମାସରେ ପୁଷ୍ୟା ନକ୍ଷତ୍ର / ପୌଷ ପୂର୍ଣ୍ଣିମା ରେ ପାଳିତ ହୁଏ, ଦକ୍ଷିଣ ଭାରତୀୟ ମାନଙ୍କ ପାଇଁ ଏହା ଖୁବ ମହତ୍ୱ ରଖି ପାରିଛି, ସେମାନଙ୍କର ଆରାଧ ଦେବତା ମା' ପାର୍ବତୀଙ୍କ ପୁତ୍ର ମୁରୁଗନ ସେମାନଙ୍କର ସୁଖ, ସମୃଦ୍ଧି ର ପ୍ରତୀକ । ମା' ପାର୍ବତୀ ବା ମାରୀୟମାନ ଦକ୍ଷିଣ ଭାରତୀୟ ମାନଙ୍କୁ ସବୁ ପ୍ରକାର ବିପଦରୁ ସହାୟତା ଦେଇ ଆସୁଛନ୍ତି ବୋଲି ସେମାନଙ୍କର ବିଶ୍ୱାସ । 'ଥାଇପୁସମ ଓ ଦୀପାବଳି' ପର୍ବକୁ ଇସଲାମୀକ ଦେଶ ମାଲେସିଆ ସରକାରୀ ଛୁଟି ଘୋଷଣା କରିଛନ୍ତି। ଏଥିରୁ ଜଣାପଡେ ହିନ୍ଦୁତ୍ୱ ଏବେବି ବିଦେଶ ମାଟିରେ ଜୀବିତ, ଏହା ଆମ ପାଇଁ ଗର୍ବର ବିଷୟ । ଦେଶ ବିଦେଶରୁ ଅନେକ ପର୍ଯ୍ୟଟକ ବାଟୁ ଗୁମ୍ଫା ଦର୍ଶନ କରି ହୃଦୟରେ ନିଜ ଅନୁଭୂତିକୁ ସାଇତି ରଖନ୍ତି । ଲେଖକ ଦୁଇଥର ବାଟୁ ଗୁମ୍ଫା ଦେଖିବାର ସୁଯୋଗ ପାଇ ଥିବାରୁ ନିଜକୁ ଧନ୍ୟ ମନେ କରୁଛି।


ସମ୍ମାନ ସହ।
(ବରିଷ୍ଠ ନାଗରିକ)
ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳା
କଟକ ୭୫୩୦୦୯
ମୋ:୯୯୩୭୧୭୪୦୯୭


## କବିତା କୋଣାର୍କ

### ପଞ୍ଚୁକ ଆଗମନେ...
### ରାମଚନ୍ଦ୍ର ବେହେରା



ମହା କାର୍ତ୍ତିକର ପବିତ୍ର ପଂଚୁକ
ମରତେ ଆସିଛି ଧାଇଁ
ପ୍ରଭାତ ହୁଅନ୍ତେ ଶ୍ରଦ୍ଧାଳୁ ଓଳାନ୍ତି
ଗାଆଁ ଦାଣ୍ଡ ମେଳ ହୋଇ
ଶୁଭେ ଘଣ୍ଟର ଶବଦ
ଗାଆଁ ପରିକ୍ରମା କରନ୍ତି ଭକତେ
ଗାଇ ରାଧାକୃଷ୍ଣ ଗୀତ।
ପଂଚ ମୁରୁଜର ଅପୂର୍ବ ଝଲକ
ଶୋଭଇ ଚଉରା ମୂଳେ
ସଂଜ ନଇଁଗଲେ ଶ୍ରଦ୍ଧାର ପ୍ରତୀକ
ଆକାଶ ପ୍ରଦୀପ ଜଳେ
ହୁଅଇ ରାହାସ ଯାତ
ରାଧାଗୋବିନ୍ଦଂକ ହୁଏ ସଂକୀର୍ତ୍ତନ
ହସଇ ଧର୍ମ ଜଗତ।
ପୁରୀ ଶ୍ରୀମନ୍ଦିରେ କାଳିଆ ଦିଅଁକ
ହୁଅଇ ପଂଚୁକ ବେଶ
ଏକାଦଶୀ ଦିନ ଠିଆକିଆ ବେଶ
ବାଣ୍ଟଇ ଖୁସି ଅଶେଷ
ଦ୍ୱାଦଶୀ ପୁଣ୍ୟ ତିଥିରେ
ବାଂକଚୂଡା ବେଶ ହୁଏ ପ୍ରଭୁଂକର
ସଭିଂକ ମନକୁ ହରେ।
ତ୍ରୟୋଦଶୀ ଦିନ ଆଡକିଆ ବେଶେ
ଦିଅନ୍ତି ପ୍ରଭୁ ଦର୍ଶନ
ଡାଳିକିଆ ବେଶ ହୁଏ ସାଆନ୍ତଂକ
ପୁଣ୍ୟ ଚତୁର୍ଦ୍ଦଶୀ ଦିନ
ପବିତ୍ର ପୁନେଇଁ ଦିନ
ଅତୀବ ଦୁର୍ଲଭ ଦିବ୍ୟ ସୁନାବେଶେ
ହସନ୍ତି ଚକାନୟନ।
ମହା ପଂଚୁକରେ କାଳିଆ ସାଆନ୍ତ
ଭିନ୍ନ ଭିନ୍ନ ବେଶ ଧରି
ସାରା ବ୍ରହ୍ମାଣ୍ଡର ସୁଖ ଶାନ୍ତି ପାଇଁ
ବରଷନ୍ତି କୃପା ବାରି
ହିଂସା ଦ୍ୱେଷ ତେଜି ଜନେ
ପଂଚୁକ ପାଳନ୍ତି ଖୁସି ମନାସନ୍ତି
ଶ୍ରଦ୍ଧାଭାବ ରଖି ମନେ।


+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬


### ତୁଠ ପଥର
### ରାମ ଚନ୍ଦ୍ର ପ୍ରଧାନ



ଏ ସଭ୍ୟ ସମାଜେ ନାହିଁ ମୋ ଆଦର
ମୁଁ ଯେ' ତୁଠ ପଥରଟେ
ଅଲୋଡ଼ା ଜୀବନେ ପଡ଼ି ରହିଥାଏ
ପୋଖରୀ ତୁଠ ନିକଟେ ।
କଚାକଚି ସାଥେ ଘଷାମଜା ସହି
ଧୈର୍ଯ୍ୟକୁ ଦିଏ ଅଜାଡ଼ି
ପାଷାଣ ଦେହରେ କୋହ ଚାପି ମୁହିଁ
ତୁଠେ ରହିଥାଏ ପଡ଼ି ।
ମାନ ସନମାନ ଖୋଜେନି ମୁଁ କେବେ
କରମକୁ ନିନ୍ଦା କରି
ଅନାବିଳ ପ୍ରେମେ ସମସ୍ତଙ୍କୁ ବାନ୍ଧି
ନେଉଥାଏ ମନ ହରି ।
ତଥାପି ମିଳଇ ଲାଂଛନା, ଭର୍ତ୍ସନା
ଘୃଣାର ପ୍ରାଚୀର ମୋତେ
କପାଳେ ନାହିଁ ମୋ ସୁଖ
ଭାଗ୍ୟରେଖା
କି' ନିଲଠା ଜୀବନ ସତେ ।
ଶିଉଳି ତୁଠର ପଥରଟେ ହୋଇ
ଲଙ୍ଘିବି ଧୈର୍ଯ୍ୟର ସୀମା
ଜାଣିଛି କେବେ ମୁଁ ହୋଇ ପାରିବିନି
ଦେବାଦେବୀଙ୍କ ପ୍ରତିମା ।
କରମ ଆଦରି ସବୁ ସହିଯିବି
ମୋ ଛାତିକୁ କରି ମୋଟ
ତୁଠ ପଥରଟେ ହୋଇ ସବୁ ଯୁଗେ
ଜଗିବି ପୋଖରୀ ବାଟ ।


+ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ:୯୮୬୧୬୩୮୭୩୭୬


### ପ୍ରିୟା ଭାରି ଅଭିମାନିନୀ
### ନିରଞ୍ଜନ ସାହୁ


ଫୁଲେଇ ପ୍ରିୟାର ଅଭିମାନ
ଯେବେ
ବୁଝିବାକୁ ନାହିଁ ବେଳ
କେମିତି ଚାଲିବ ପ୍ରିୟାର ସାଥିରେ
ଚୋରିଚୋରି ପ୍ରୀତି ଖେଳ ?

ନବ ଯଉବନୀ ସେ ଅଭିମାନିନୀ
କ୍ଷଣିକ ତା ରାଗରୁଷା
ଅଭିମାନେ ରାଗ ପଞ୍ଚମକୁ ଗଲେ
ଅସଜ୍ଜିତ ବେଶଭୂଷା
ଉପରକୁ ଟାଣ ଭିତରେ ନରମ
ଯେଉଁପରି ନାରିକେଳ ।

ପ୍ରିୟା ମନରଖି ଚଳିବାକୁ ପଛେ
ହୋଇଥାଉ ଭାରି କଷ୍ଟ
ତଥାପି ପ୍ରିୟାକୁ ବୁଝିବାକୁ ହେବ
ଭବିଷ୍ୟ ନ କରି ନଷ୍ଟ
ଅଭିମାନିନୀର ମାନ ଭାଙ୍ଗିବାକୁ
ଭୁଲିଯାଅ ବନ୍ଧୁ ମେଳ ।


+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ: ୭୫୯୦୧୬
ମୋ : ୯୯୩୮୭୪୧୫୮୩


### ଶୀତ ତ ମିତ
### ସୁଧାକର ରାଉତ



ଆସିଛି ଶୀତ
ଏ ଧରାକୁ ତ
ଆସ ତାହାକୁ କରିବା ସ୍ୱାଗତ ।
ହେନା, ଟଗର
ମଲ୍ଲୀ, ମନ୍ଦାର
ତରାଟ ଖୋଲିଛି ଶୋଭା ଭଣ୍ଡାର ।
ନାନା ଜାତିର
ଗେଣ୍ଡୁ ଫୁଲର
ହାର ପିନ୍ଧି ଶୀତ ଦିଶେ ସୁନ୍ଦର ।
ଉତ୍ତରା ବାୟୁ
ଶୀତର ଆୟୁ
ବଢାଇ ଦିଏଟି ତାହାର ଭାଉ ।
ରାତିଟି ବଡ
ଦିନଟି ସାନ
ଶେଯ ଛାଡିବାକୁ ନହୁଏ ମନ ।
କଅଁଳ ଖରା
କାକରେ ପରା
ପଡି ସୃଷ୍ଟି କରେ ଅସଂଖ୍ୟ ହୀରା ।
ଶୀତ ପୋଷାକ
ଉଷ୍ମ ଦାୟକ
ନାନା ରଙ୍ଗରେ ଦେଖାନ୍ତି ଝଲକ ।
କୁହୁଡି ଘେରି
ଚାଦର ପରି
ପକାଇ ଦେଖାଏ ଚାତର ଭାରି ।
ଉଠି ସଅଳ
କରେ ଅମଳ
ଶୀତରେ ଚାଷୀଟି ତା'ର ଫସଲ ।
ଶୀତେ ନ ଡରେ
ତା କାମ କରେ
ପରିଶ୍ରମ ପାଖେ ଶୀତ ବି ହାରେ ।
ଶୀତର ଛୁଆଁ
ଲଗାଏ ନିଆଁ
ପାଣିକୁ ଛୁଇଁଲେ ଦିଏ ସେ ଚିଆଁ ।
କି ଦିନ ତାତି
ବଢିଲେ ତାତି
ମନେ ଆସେ ବିଶ୍ୱତାପନ ଭୀତି ।
ଗାଇଣ ଗୀତ
ପ୍ରବେଶି ଶୀତ
କହେ ସୁସ୍ଥ ପରିବେଶେ ମୁଁ ମିତ ।



+ପ୍ରତାପ ନଗରୀ, କଟକ
ମୋ-୮୨୪୯୯୩୨୭୯୨

# ସ୍ୱୟଂବର କରୁଛନ୍ତି କି 'ଦ କେରଳ ଷ୍ଟୋରି' ଅଭିନେତ୍ରୀ ଅଦା ଶର୍ମା: ସେୟାର କଲେ ଭିଡିଓ



ଅଦା ଶର୍ମା ତାଙ୍କ ବ୍ଲକବଷ୍ଟର ହିଟ୍ ଫିଲ୍ମ 'ଦ କେରଳ ଷ୍ଟୋରି' ପାଇଁ ବେଶ୍ ଜଣାଶୁଣା। ଏହା ହେଉଛି ସର୍ବାଧିକ ଆୟ କରିଥିବା ନାରୀକୈନ୍ଦ୍ରିକ ଏକ ଚଳଚ୍ଚିତ୍ର। କମାଣ୍ଡୋ ଫ୍ରାଞ୍ଚାଇଜରୁ ନିଜର ଆକ୍ସନ୍ ଦକ୍ଷତା ପାଇଁ ଜଣାଶୁଣା ଅଦା ପରବର୍ତ୍ତୀ ସମୟରେ ଏକ ଆନ୍ତର୍ଜାତୀୟ ପ୍ରୋଜେକ୍ଟରେ ମହିଳା ସୁପରଷ୍ଟାର ଭୂମିକାରେ ନଜର ଆସିବେ। ସେ ଏବେ ଏକ ଲୋକପ୍ରିୟ ୱେବ୍ ସିରିଜ୍‌ର ସିଜନ୍ ୨ରେ ମୁଖ୍ୟ ଭୂମିକାରେ ଏବଂ ଖୁବ ଶୀଘ୍ର ଘୋଷଣା ହେବାକୁ ଥିବା ଆଉ ଦୁଇଟି ବଡ଼ ଚଳଚ୍ଚିତ୍ରରେ ମଧ୍ୟ ନଜର ଆସିବେ। ଅଦା ବର୍ତ୍ତମାନ 'ଦ କେରଳ ଷ୍ଟୋରି' ନିର୍ଦ୍ଦେଶକ ସୁଦୀପ୍ତ ସେନ୍ ଏବଂ ନିର୍ମାତା ବିପୁଲ ଅମୃତଲାଲ ଶାହାଙ୍କ ସହ ତାଙ୍କର ପରବର୍ତ୍ତୀ ପ୍ରୋଜେକ୍ଟ 'ବସ୍ତର'ର ସୁଟିଂ କରୁଛନ୍ତି। ସେ ଆକ୍ସନ୍ ନିର୍ଦ୍ଦେଶକ ଏଣ୍ଡି ଲଙ୍ଗ (ଜ୍ୟାକି ଖାନଙ୍କ ଆକ୍ସନ୍ ଡାଇରେକ୍ଟର)ଙ୍କ ସହ ନିଜର ଅସ୍ତ୍ର ପ୍ରଦର୍ଶନ କରୁଥିବାର ଏକ ଭିଡିଓ ସାମ୍ନାକୁ ଆସିଛି। ଅଦା ତାଙ୍କର ଶବ୍ଦ ଚାତୁରୀରେ ଏହାକୁ 'ଅଦା କା ସ୍ୱୟଂବର' ଲେଖିଛନ୍ତି, ଯାହାକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି। ସେ ତାଙ୍କର ବଲିଉଡ ଡେବ୍ୟୁ '୧୯୨୦'ରୁ ନେଇ ଅନେକ ଦକ୍ଷିଣ ଭାରତୀୟ ପ୍ରୋଜେକ୍ଟରେ କାମ କରି ସାରିଛନ୍ତି। ପ୍ରତ୍ୟେକ ଚଳଚ୍ଚିତ୍ରରେ ଏକ ଭିନ୍ନ ଅବତାର ସହିତ ଦର୍ଶକଙ୍କୁ ଆଶ୍ଚର୍ଯ୍ୟ କରିଥାନ୍ତି। ଏବେ ଆମକୁ ଅଦାଙ୍କୁ 'ବସ୍ତର'ରେ ଦେଖିବାକୁ ଅପେକ୍ଷା କରିବାକୁ ପଡ଼ିବ, ଯାହାକି ଏକ ପ୍ରକୃତ ଘଟଣା ଉପରେ ଆଧାରିତ ଚଳଚ୍ଚିତ୍ର। ଏହାର ପ୍ରଥମ ଲୁକ୍ ସମସ୍ତଙ୍କୁ ଉତ୍ସାହିତ କରିଛି।

# ଫିଲ୍ମ 'ଡଙ୍କି' ପାଇବା ପାଇଁ ରାଜକୁମାର ହିରାନୀଙ୍କ ଘର ଆଗରେ ବସିଥିଲେ ଶାହରୁଖ




ବଲିଉଡର କିଙ୍ଗ୍ ଶାହାରୁଖ ଖାନ ନିଜର ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ଡଙ୍କି' ପାଇଁ ଚର୍ଚ୍ଚାରେ ଅଛନ୍ତି। ଏହି ଫିଲ୍ମ ଡିସେମ୍ବର ୨୨ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ। ଫିଲ୍ମର ଟିଜର ରିଲିଜ୍ ପରେ ଏହାକୁ ନେଇ ଦର୍ଶକ ଉତ୍ସାହିତ ଅଛନ୍ତି। ଫିଲ୍ମ 'ଯବାନ'ର ସଫଳତା ପରେ ଏବେ 'ଡଙ୍କି' ଉପରେ ରହିଛି ସମସ୍ତଙ୍କ ନଜର। ବର୍ଷ ଆରମ୍ଭରୁ ବଲିଉଡର କିଙ୍ଗ ଶାହରୁଖ ଖାନ୍ 'ପଠାନ' ଓ 'ଯବାନ' ଭଳି ବ୍ଲକବଷ୍ଟର ଫିଲ୍ମ ଦେଇଥିବା ବେଳେ ଏବେ 'ଡଙ୍କି'ର ରିଲିଜକୁ ଉତ୍ସାହର ସହ ଅପେକ୍ଷା କରିଛନ୍ତି ଦର୍ଶକ। ତେବେ ଶାହରୁଖଙ୍କୁ ଏହି ଫିଲ୍ମ କିଭଳି ମିଳିଥିଲା ତାହା ଜଣାଇଛନ୍ତି ଅଭିନେତା। ଏକ୍ସରେ 'ଆସ୍କଏସଆରକେ ସେସନ' ସମୟରେ ଜଣେ ପ୍ରଶଂସକ ତାଙ୍କୁ ପ୍ରଶ୍ନ କରିଥିଲେ ଯେ, ଏଥର ରାଜକୁମାର ହିରାନୀ ସାର୍ ଆପଣଙ୍କୁ ଫିଲ୍ମ ଦେଇଥିଲେ ନା ଆପଣ ତାଙ୍କୁ ଫିଲ୍ମ ମାଗିଥିଲେ। ଉତ୍ତରରେ ଶାହରୁଖ କହିଥିଲେ, ମୁଁ ରାଜକୁମାର ହିରାନୀଙ୍କ ଘର ସାମ୍ନାରେ ଏକ ଟେଣ୍ଟ କରି ରହିଥିଲି। ସେଠାରେ କାହାଣୀ ଶୁଣିବା ସହ ଫିଲ୍ମ ଗ୍ରହଣ କରିଥିଲି। ଏବେ ଫିଲ୍ମର ଏଡିଟିଂ ବି ସେଠି ହେଉଛି।

# ବିକି ଭଲ ଖେଳୁଛନ୍ତି, ହେଲେ ଅଙ୍କିତା ବିରକ୍ତ କରୁଛନ୍ତି: ଫାରହା ଖାନ୍

ବିଗ୍ ବସ୍ ୧୭ ପ୍ରଥମ ସପ୍ତାହରୁ ହିଁ ଚର୍ଚ୍ଚାକୁ ଆସିଛି। ସୋ' ଆରମ୍ଭରୁ ଘରଲୋକଙ୍କ ମଧ୍ୟରେ ଝଗଡା ହେଉଥିବା ଦେଖିବାକୁ ମିଳିଛି। ଏଥର ଟିଭି ସେଲିବ୍ରିଟିମାନଙ୍କ ସହିତ କଣ୍ଟେଣ୍ଟ କ୍ରିଏଟରମାନେ ମଧ୍ୟ ସୋ'ରେ ପ୍ରବେଶ କରିଛନ୍ତି। ପ୍ରଥମ ସପ୍ତାହରୁ ହିଁ ଲୋକପ୍ରିୟ ଟିଭି ଅଭିନେତ୍ରୀ ଅଙ୍କିତା ଲୋଖଣ୍ଡେଙ୍କର ତାଙ୍କ ସ୍ୱାମୀ ଭିକି ଜୈନଙ୍କ ସହ ଅନେକ ଥର ଝଗଡ଼ା ହୋଇଥିବା ଦର୍ଶକ ଦେଖିଛନ୍ତି। ଅଙ୍କିତା ସବୁଠୁ ଅଧିକ ପାରିଶ୍ରମିକ ନେଇଥିବା ପ୍ରତିଯୋଗୀ ହୋଇଥିବା ବେଳେ ବିଗ୍ ବସ୍ ପାଇଁ ତାଙ୍କର ଅବଦାନ ସେତେଟା ଦେଖିବାକୁ ମିଳିନାହିଁ। ଅନେକ ସମୟରେ ସେ ନିଜ ସ୍ୱାମୀଙ୍କ ସହ ହିଁ ଝଗଡ଼ା କରୁଥିବାର ନଜର ଆସିଛନ୍ତି। ବାରମ୍ବାର ସ୍ୱାମୀଙ୍କ ସହ ଝଗଡ଼ା କରିବା ସହ କାନ୍ଦୁଥିବାରୁ ବିରକ୍ତ ଲାଗୁଥିବା କହିଛନ୍ତି ବଲିଉଡର ଲୋକପ୍ରିୟ କୋରିଓଗ୍ରାଫର ଓ ଫିଲ୍ମ ନିର୍ମାତା ଫାରହା ଖାନ୍। ଏକ ସାକ୍ଷାତକାରରେ ଫାରହା କହିଛନ୍ତି, ମୋତେ ବିକି ବହୁତ ପସନ୍ଦ। ସେ ଭଲ ଖେଳୁଛନ୍ତି। ହେଲେ ଅଙ୍କିତା ବିରକ୍ତ କରୁଛନ୍ତି। ସେ ଘରର ନିରୂପା ରଏ ହୋଇସାରିଛନ୍ତି। ଏହା ସହ ଅଭିଷେକଙ୍କ ପ୍ରଶଂସା କରି ଫାରହା କହିଥିଲେ, 'ମୁଁ ଏହି ସିଜିନ୍



ଦେଖୁଛି। ଅଭିଷେକ କୁମାର ମୋତେ ବହୁତ ପସନ୍ଦ। ପୂର୍ବରୁ ସେ ଅଧିକ ରାଗିଯାଉଥିଲେ, ଏବେ ସେ ଭଲ ଖେଳୁଛନ୍ତି। ଆରମ୍ଭରୁ ସେ ଦିବଂଗତ ଅଭିନେତା ସିଦ୍ଧାର୍ଥ ଶୁକ୍ଳା ଏବଂ ଅସୀମ ରିଆଜଙ୍କୁ କପି କରୁଥିଲେ। ବର୍ତ୍ତମାନ ଟିକିଏ ସୁଧୁରିଛନ୍ତି। ସେ ସୁନ୍ଦର ।

# ଫିଲ୍ମ ସୁଟିଂ ବେଳେ ଶ୍ରୀତମ ଆହତ: ହାତ ଭାଙ୍ଗିଗଲା





ବାଙ୍କୀରେ ଆଜି 'ନବ କଳେବର' ଫିଲ୍ମ ସୁଟିଂ ଚାଲିଥିବା ବେଳେ ସୁଟିଂସେଟ୍‌ରେ ଆହତ ହୋଇଛନ୍ତି ଅଭିନେତା ଶ୍ରୀତମ ଦାସ। ସୂଚନା ଅନୁଯାୟୀ ଶ୍ରୀତମ ସୁଟିଂ କରୁଥିବା ବେଳେ ଏକ ଘୋଡ଼ାରୁ ଖସି ପଡ଼ିଥିଲେ। ସେଥିରେ ତାଙ୍କର ଡାହାଣ ହାତରେ ଆଘାତ ଲାଗିଥିଲା। ସେଠାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ପରୀକ୍ଷା ପରେ ତାଙ୍କର ଡାହାଣ ହାତ ଭାଙ୍ଗି ଯାଇଥିବା ସୂଚନା ମିଳିଛି। ଗତକାଲି ତାଙ୍କ ହାତର ପ୍ଲାଷ୍ଟର ହୋଇଥିବା ବେଳେ ଆଜି ହୁଏତ ହାତରେ ଅସ୍ତ୍ରୋପଚାର ହୋଇପାରେ। ତାଙ୍କ ଶରୀରର ଅନ୍ୟ ଅଙ୍ଗରେ ଆଘାତ ଲାଗି ଥିଲେ ବି ସେ ବିପଦମୁକ୍ତ ଥିବା କୁହାଯାଉଛି। ଶ୍ରୀତମଙ୍କ ଅନେକ ଶୁଭେଚ୍ଛୁ ଓ ପ୍ରଶଂସକ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

# 'ଡନ୍-୩'ରେ ଶୋଭିତାଙ୍କ ଏଣ୍ଟ୍ରି, ପ୍ରିୟଙ୍କାଙ୍କ ସ୍ଥାନରେ ଆସିବେ ନଜର





ନିକଟରେ ଫିଲ୍ମ 'ଡନ୍-୩'ର ୩ୟ ସଂସ୍କରଣ ବିଷୟରେ ଘୋଷଣା କରିଛନ୍ତି ଫରହାନ ଅଖତର । ଏଥର ଶାହରୁଖ୍‌ଙ୍କ ପରିବର୍ତ୍ତେ ଡନ୍ ଚରିତ୍ରରେ ନଜର ଆସିବେ ରଣବୀର ସିଂହ । ଏହି ଖବର ପ୍ରଚାର ହେବା ପରଠୁ ଫିଲ୍ମରେ ପ୍ରିୟଙ୍କା ଚୋପ୍ରାଙ୍କ ରୋମା ଚରିତ୍ର କିଏ ନିର୍ବାହ କରିବ, ତାକୁ ନେଇ ଚର୍ଚ୍ଚା ଚାଲିଛି । 'ଦ ନାଇଟ୍ ମ୍ୟାନେଜର' ସିରିଜ୍ ଫେମ୍ ଶୋଭିତା ଧୂଲିପାଲା 'ଡନ୍-୩'ରେ ପ୍ରିୟଙ୍କାଙ୍କ ସ୍ଥାନ ନେବେ ବୋଲି ଚର୍ଚ୍ଚା ଜୋର ଧରିଛି । ଏକ ସାକ୍ଷାତକାରରେ ଶୋଭିତା ଏ ବିଷୟରେ ପ୍ରତିକ୍ରିୟା ଦେଇଛନ୍ତି । କହିଛନ୍ତି, ଯଦି ସେ 'ଡନ୍-୩'ରେ ରୋମା ଚରିତ୍ର ନିର୍ବାହ କରିବାର ସୁଯୋଗ ପାଆନ୍ତି, ତାହା ଅତ୍ୟନ୍ତ ରୋମାଞ୍ଚକର ହେବ । କାରଣ ପ୍ରିୟଙ୍କାଙ୍କ କାମର ସେ ଜଣେ ଫ୍ୟାନ୍ । ତାଙ୍କ ବ୍ୟକ୍ତିତ୍ୱର ମଧ୍ୟ ଜଣେ ପ୍ରଶଂସକ । ରୋମା ଚରିତ୍ରକୁ ପ୍ରିୟଙ୍କା ପରଦାରେ ଜୀବନ୍ତ ଫୁଟାଇଛନ୍ତି ବୋଲି ଶୋଭିତା କହନ୍ତି । 'ଡନ୍' ଫିଲ୍ମ, ତା'ର ମ୍ୟୁଜିକ୍ ଓ ଏନର୍ଜିକୁ ଶୋଭିତା ଖୁବ୍ ଭଲପାଆନ୍ତି ବୋଲି କହିଛନ୍ତି । ତା' ଛଡ଼ା ଆକ୍ସନ୍ ଫିଲ୍ମରେ କାମ କରିବା ତାଙ୍କର ଖୁବ୍ ପସନ୍ଦ ବୋଲି ମଧ୍ୟ କହିଛନ୍ତି । ନିକଟରେ 'ଦ ନାଇଟ୍ ମ୍ୟାନେଜର'ର ସିଜନ୍-୨ରେ ନଜର ଆସିଥିଲେ ଶୋଭିତା । ମଣି ରତ୍ନମ୍‌ଙ୍କ ନିର୍ଦ୍ଦେଶିତ 'ପୋନ୍ନିୟିନ୍ ସେଲଭନ୍-୨'ରେ ଶେଷ ଥର ତାଙ୍କୁ ବଡ଼ ପରଦାରେ ଦେଖିବାକୁ ମିଳିଥିଲା । ତାଙ୍କ ଅପ୍‌କମିଙ୍ଗ ହିନ୍ଦୀ ଫିଲ୍ମରେ ଅଛି 'ସୀତାରା' । ଏକ ଆମେରିକୀୟ ପ୍ରୋଜେକ୍ଟ 'ମଙ୍କି ମ୍ୟାନ୍'ରେ ବି ସେ ନଜର ଆସିବେ ।

# ଆଦାୟ ହେବ ୩୦୦ କୋଟି: ଇଓଡବ୍ଲ୍ୟୁ ନିଲାମ କରିବ ସୁକେଶଙ୍କ ୧୨ଟି ବିଳାଶପୂର୍ଣ୍ଣ କାର

ଗ୍ୟାଙ୍ଗଷ୍ଟର ତଥା ମହାଠକ ସୁକେଶ ଚନ୍ଦ୍ରଶେଖର। ବର୍ତ୍ତମାନ ସେ ଜେଲ୍‌ରେ ଅଛନ୍ତି। ତାଙ୍କ ନିକଟରୁ ଜବତ ହୋଇଥିବା ୧୨ ଟି ବିଳାସପୂର୍ଣ୍ଣ କାରକୁ ନଭେମ୍ବର ୨୮ ବେଙ୍ଗାଲୁରୁରେ ନିଲାମ କରାଯିବ। ଅନୁସନ୍ଧାନକାରୀ ସଂସ୍ଥା ଏହି ନିଲାମ ମାଧ୍ୟମରେ ପ୍ରାପ୍ତ ରାଶିରୁ ବିଭିନ୍ନ ଅନୁଷ୍ଠାନକୁ ଦେୟ ପ୍ରଦାନ କରିବେ । ସୁକେଶ, ଆଇପିସିର ଆର୍ଥିକ କାରବାରର ଅନୁସନ୍ଧାନ କରୁଥିବା ଆୟକର ବିଭାଗ ଅଧିକାରୀମାନେ ୨୦୧୮ରେ ତାମିଲନାଡୁ ଏବଂ କେରଳ ସମେତ ଦେଶର ବିଭିନ୍ନ ସ୍ଥାନରୁ ଏହି ଗାଡିଗୁଡ଼ିକୁ ଜବତ କରିଥିଲେ। ବେଙ୍ଗାଲୁରୁରେ ନିଲାମ ହେବାକୁ ଥିବା ସୁକେଶଙ୍କ ଗାଡିରେ ୧୧ ଚାରି ଚକିଆ ଯାନ ଅଛି। ଏଥିରେ ରୋଲ୍ସ ରୋଏସ୍, ବିଏମଡବ୍ଲୁ, ପୋର୍ଶ, ଜାଗୁଆର ଭଳି ହାଇ ଏଣ୍ଡ କାର ସାମିଲ୍। ଏହି ଯାନଗୁଡିକର ଅବସ୍ଥା ଭଲ ଅଛି । ଏଥିମଧ୍ୟରେ ବିଏମଡବ୍ଲୁ ଏମ- ,, ରେଞ୍ଜ ରୋଭର, ଜାଗୁଆର ଏକ୍ସକେଆର କୁପ, ଇନୋଭା କ୍ରିଷ୍ଟା, ନିସାନ ଟିନା, ପୋର୍ଶ, ଟୟୋଟା ଫର୍ଚୁନର, ବେଣ୍ଟଲି, ରୋଲ୍ସ ରୋଏସ୍, ଲମ୍ବୋର୍ଗିନି ଏବଂ ଟୟୋଟା ପ୍ରଡୋ ଭଳି କାର ଅନ୍ତର୍ଭୁକ୍ତ। ଏହା ବ୍ୟତୀତ ସୁକେଶଙ୍କ 'ଡୁକାଟୀ ଡାଏଭେଲ' ବାଇକକୁ ମଧ୍ୟ ନିଲାମ କରାଯିବ।

# ଶେହଜାଦାଙ୍କ ଜୀବନରେ ଅପୂର୍ବାଙ୍କ ଏଣ୍ଟ୍ରି : ରୋମାଣ୍ଟିକ୍ ଅନ୍ଦାଜ୍‌ରେ କାର୍ତ୍ତିକ୍‌ଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ ତାରା





ବଲିଉଡ ଅଭିନେତା କାର୍ତ୍ତିକ ଆର୍ଯ୍ୟନ । ଗତକାଲି ସେ ତାଙ୍କର ୩୩ ତମ ଜନ୍ମଦିନ ପାଳନ କରିଥିଲେ। ଏହି ବିଶେଷ ଉତ୍ସବରେ ସେ ତାଙ୍କ ପ୍ରଶଂସକଙ୍କୁ ଅପକମିଂ ଚଳଚ୍ଚିତ୍ର ବିଷୟରେ ଉପହାର ଦେଇଥିଲେ। କାର୍ତ୍ତିକଙ୍କ ଆଗାମୀ ଚଳଚ୍ଚିତ୍ର ମଧ୍ୟରେ କରଣ ଜୋହର-ବାଲାଜୀ ଫିଲ୍ମ ସହିତ ଜଡିତ ଅଛି । ତେବେ କାର୍ତ୍ତିକ କେବଳ ବୃତ୍ତିଗତ ନୁହେଁ ବ୍ୟକ୍ତିଗତ କାରଣ ପାଇଁ ମଧ୍ୟ ଚର୍ଚ୍ଚାରେ ଅଛନ୍ତି । କାର୍ତ୍ତିକଙ୍କ ଆଲୋଚନାର କାରଣ ହେଉଛି ତାରା ସିତାରିଆଙ୍କ ଇନଷ୍ଟାଗ୍ରାମ ଷ୍ଟୋରୀ। ଯେଉଁଠାରେ ସେ ଅଭିନେତାଙ୍କ ସହ ଏକ ଫଟୋ ସେୟାର କରିଥିଲେ ଏବଂ ତାଙ୍କୁ ଜନ୍ମଦିନରେ ଶୁଭେଚ୍ଛା ଜଣାଇଥିଲେ। ବର୍ତ୍ତମାନ ଚର୍ଚ୍ଚାରେ କାର୍ତ୍ତିକ ଏବଂ ତାରାଙ୍କ ସଂପର୍କରେ । ହେଲେ ଏହା ଉପରେ ଦୁହେଁ କିଛି କହି ନାହାନ୍ତି । ଏପରି ପରିସ୍ଥିତିରେ, କାର୍ତ୍ତିକଙ୍କ ଜନ୍ମଦିନରେ ଇନଷ୍ଟା ଷ୍ଟୋରୀରେ ଏକ ଫଟୋ ସେୟାର କରିଥିଲେ । ଏହି ଫଟୋରେ ଦୁହେଁ କଳା ପୋଷାକରେ ଚମତ୍କାର ଦେଖାଯାଉଥିବା ବେଳେ ତାରା କ୍ୟାପସନରେ ଲେଖିଛନ୍ତି, 'ଜନ୍ମଦିନର ଶୁଭେଚ୍ଛା .. ପ୍ରାର୍ଥନା କରନ୍ତୁ ଯେ ଆମର ସ୍କର୍ପିଓ ଏନର୍ଜି ସବୁବେଳେ ବ୍ରାଣ୍ଡ ସୁଟକୁ ଏପରି ଧମାଲ କରୁ । କହିବାକୁ ଗଲେ ଯେ କିଛି ସମୟ ପୂର୍ବରୁ କୁହାଯାଉଥିଲା ଯେ ତାରା କାର୍ତ୍ତିକଙ୍କ ସହ ଆଶିକ୍-୩ ଚଳଚ୍ଚିତ୍ରରେ ନଜର ଆସିବେ। ହେଲେ ଆଶିକୀ-୩ ନିର୍ମାତା ସ୍ପଷ୍ଟ କରିଛନ୍ତି ଯେ ଫିଲ୍ମ ପାଇଁ ଅଭିନେତ୍ରୀଙ୍କ ଅଡିସନ ଜାରି ରହିଛି ।

# ତ୍ରିଷା କ୍ରିଷ୍ଣନଙ୍କ ଉପରେ ବୟାନବାଜି କରି ଅଡୁଆରେ ଅଭିନେତା: ରୁଜୁ ହେଲା ମାମଲା



ଅଭିନେତ୍ରୀ ତ୍ରିଷା କ୍ରିଷ୍ଣନଙ୍କ ବିରୋଧରେ ଆପତ୍ତିଜନକ ବୟାନ ଦେଇ ବେଶ୍ ବିବାଦରେ ଅଭିନେତା ମନସୁର ଅଲି ଖାନ୍। ବିବାଦକୁ ନେଇ ଚର୍ଚ୍ଚା ଜୋର ଧରିଛି। ମାମଲା ଏବେ ଆହୁରି ସରଗରମ ମଧ୍ୟ ହୋଇଛି। କାରଣ ତାମିଲନାଡୁ ପୋଲିସ ଏବେ ମନସୁରଙ୍କ ବିରୋଧରେ ଏଫଆଇଆର ରୁଜୁ କରିଛି। ରିପୋର୍ଟ ଅନୁଯାୟୀ, ମନସୁରଙ୍କ ଉପରେ ତାଙ୍କର ଅଭଦ୍ର ବୟାନକୁ ନେଇ ମାମଲା ରୁଜୁ ହୋଇଛି। ଆଉ ତାଙ୍କ ଏହି ଟିପ୍ପଣୀ ପାଇଁ ସେ ଅଡୁଆରେ ଫସୁଥିବାର ଦେଖାଯାଉଛି। ସୂଚନାଥାଉକି, ମନସୁର ଅଲୀ ଖାନଙ୍କ ଏକ ଭିଡିଓ ସାମ୍ନାକୁ ଆସିଛି ଯାହା ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେଉଛି। ଏହି ଭଡିଓରେ ମନସୁର ଅଲୀ ଖାନ ତ୍ରିଷାଙ୍କ ବିରୋଧରେ ଅଭଦ୍ର ଟିପ୍ପଣୀ କରୁଥିବାର ଦେଖାଦେଉଛନ୍ତି। ଭିଡିଓ ଭାଇରାଲ ହେବା ପରେ ମନସୁର ଅଲି ଖାନଙ୍କୁ ସୋସିଆଲ ମିଡିଆରେ ଟ୍ରୋଲର ମଧ୍ୟ ହୋଇଛନ୍ତି। ସେହିଭଳି ଅନେକ ଅଭିନେତା ଅଭିନେତ୍ରୀଙ୍କ ସମେତ ତ୍ରିଷାଙ୍କ ସମର୍ଥନରେ ପୋଷ୍ଟ କରିଛନ୍ତି। ସେପଟେ କିନ୍ତୁ ମନସୁର ନିଜର ଉପରେ ଲାଗିଥିବା ଅଭିଯୋଗ ଖାରଜ କରିଛନ୍ତି। ସୂଚନାଥାଉକି, ମନସୁର ଅଲୀ ଖାନଙ୍କ ଏହି ବୟାନବାଜି ମାମଲାରେ ମହିଳା ଆୟୋଗ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ତାମିଲନାଡୁର ନୁଙ୍ଗମବକ୍କମରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ତ୍ରିଷା କ୍ରିଷ୍ଣନଙ୍କୁ ନେଇ ମନସୁର ଅଲୀ କହିଛନ୍ତି ଯେ, ''ଯେତେବେଳେ ତ୍ରିଷାଙ୍କ ସହ ଅଭିନୟ କରିବା କଥା ଶୁଣିଥିଲି, ଭାବିଲି ଫିଲ୍ମରେ ଏକ ବେଡ୍‌ରୁମ୍ ସିନ୍ ଥିବ। ଭାବିଥିଲା ତାଙ୍କୁ ମଧ୍ୟ ଅନ୍ୟ ଅଭିନେତ୍ରୀଙ୍କ ଭଳି ବେଡ୍‌ରୁମ୍‌କୁ ସେହିଭଳି ନେଇଯିବି ଯେଉଁଭଳି ପୂର୍ବରୁ କରିଥିବା ଫିଲ୍ମରେ ଅନ୍ୟ ଅଭିନେତ୍ରୀଙ୍କ ସହ କରିଥିଲି। ଅନେକ ଫିଲ୍ମରେ ଏଭଳି କରିଛି ଏହା ମୋ ପାଇଁ କିଛି ନୂଆ କଥା ନୁହେଁ। କିନ୍ତୁ ଏମାନେ କାଶ୍ମୀର ସିଡ୍ୟୁଲ ସମୟରେ ସେଟ୍‌ରେ ମତେ ତ୍ରିଷାଙ୍କୁ ଦେଖାଇନଥିଲେ।''

# ଚମ୍ପୁଆ ବିଜେପି ପକ୍ଷରୁ ବ୍ଲକ ଅଫିସ ଘେରାଉ

ଚମ୍ପୁଆ, ୨୨/୧୧ (ନି.ପ୍ର): ଅନ୍ୟାୟ, ଦୁର୍ନୀତି, ଭ୍ରଷ୍ଟାଚାର ଓ କୁଶାସନ ବିରୁଦ୍ଧରେ ବିଜେପି ଆଜି ଚମ୍ପୁଆ ବ୍ଲକ କାର୍ଯ୍ୟାଳୟକୁ ଘେରାଉ କରିଥିଲା। କେନ୍ଦୁଝର ଜିଲ୍ଲା, ଚମ୍ପୁଆ ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେପି ନେତା ମୁରଲୀ ମନୋହର ଶର୍ମାଙ୍କ ନେତୃତ୍ୱରେ ଚମ୍ପୁଆ ବ୍ଲକର ୨୨ଟି ପଂଚାୟତରୁ ହଜାର ହଜାର ବିଜେପି କର୍ମୀ ଚମ୍ପୁଆ ମନ୍ଦିର ପଡିଆ ଠାରୁ ଏକ ରାଲିରେ ବାହାରି ଦୁର୍ନୀତି ବିରୋଧରେ ବିଭିନ୍ନ ନାରାବାଜି ସହିତ ଚମ୍ପୁଆ ବଜାର ପରିକ୍ରମା କରି ଚମ୍ପୁଆ ବ୍ଲକ କାର୍ଯ୍ୟାଳୟରେ ପହଂଚି ଥିଲେ। ଚମ୍ପୁଆ ବ୍ଲକ ର ବିଭିନ୍ନ ପଂଚାୟତର ବିକାଶ ପାଇଁ କେନ୍ଦ୍ର ସରକାର ବିଭିନ୍ନ ଯୋଜନା, କେନ୍ଦ୍ରୀୟ ଅନୁଦାନ ଓ ଅନ୍ୟାନ୍ୟ ପାଣ୍ଠି ବାବଦରେ ଶହ ଶହ କୋଟି ଟଙ୍କା ଆର୍ଥିକ ଅନୁଦାନ ଯୋଗାଉଥିବା ବେଳେ ଚମ୍ପୁଆ ବ୍ଲକରେ ଚାଲିଥିବା ଶାସନ ବ୍ୟବସ୍ଥା ଏବଂ ଭ୍ରଷ୍ଟାଚାରୀ ବିଜେଡି ଦଳର ନେତା ମାନେ କେନ୍ଦ୍ରୀୟ ଯୋଜନାକୁ ହରିଲୁଟ କରି ଗରିବ ଲୋକଙ୍କ ବିକାଶରେ ବାଧା ସାଜିଛନ୍ତି। ବ୍ଲକରେ ବ୍ୟାପକ ପିସି କାରବାର, ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ମନରେଗା ଯୋଜନାରେ ବ୍ୟାପକ ଅନିୟମିତତାକୁ ନେଇ ଚମ୍ପୁଆ ବିଜେପିର ଏନଏସି ଅଧ୍ୟକ୍ଷ ରାଜେଶ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଏହି ବିକ୍ଷୋଭ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ବିଜେପି ନେତା ରାଧାକାନ୍ତ ମହାନ୍ତ, ସୁକେଶୀ ଓରାମ, ଅଗନୁ ମହାନ୍ତ, ଚନ୍ଦ୍ରଶେଖର ମହାନ୍ତ, ପ୍ରକାଶ ମଲ୍ଲିକ ଓ ମୁରଲୀ ମନୋହର ଶର୍ମା ଚମ୍ପୁଆ ବ୍ଲକର ଦୁର୍ନୀତି ବିଷୟରେ ଗର୍ଜି ଥିଲେ। ପରେ ଦଳ ତରଫରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଚମ୍ପୁଆ ବିଡିଓଙ୍କ ମାର୍ଫତରେ ଏକ ଦାବୀ ପତ୍ର ଦିଆଯାଇଥିଲା। ରାଲି ସମୟରେ ଚମ୍ପୁଆ ପୋଲିସ ଓ ବିଜେପି ନେତାଙ୍କ ମଧ୍ୟରେ ମୁହାଁ ମୁହିଁ ହୋଇ କଥା କଟା କଟି ହେବା ଦେଖିବାକୁ ମିଳିଥିବା ବେଳେ ବିଜେପି ନେତା ମାନେ ପୋଲିସ ବିରୁଦ୍ଧରେ ମଧ ବିଷୋଦଗାର କରିଥିବା ଜଣାପଡିଛି।

# ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ପାଳିତ

ଜୟପୁର, ୨୨/୧୧ (ନି.ପ୍ର): ଜୟପୁରଠାରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ପାଳିତ ହୋଇଛି। ଜୟପୁର କୋଭିଡ ହସପିଟାଲ ସମ୍ମୁଖରେ ଥିବା ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ବିଭିନ୍ନ ଅନୁଷ୍ଠାନ ତରଫରୁ ଜୟନ୍ତୀ ପାଳିତ ହୋଇଛି। ଭାରତର ସ୍ୱାଧୀନତା ସଂଗ୍ରାମୀ ଶହିଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ଉପଲକ୍ଷେ ପ୍ରତିମୂର୍ତ୍ତି ନିକଟରେ ଜୟପୁର ଉପଖଣ୍ଡ ପ୍ରଶାସନ, ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ସମିତି, ଏଆଇଡିଏସଓ ଜୟପୁର ତରଫରୁ ଏହି ଜୟନ୍ତୀ ପାଳନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜୟପୁର ଉପ ଜିଲାପାଳ ପ୍ରଭାତ କୁମାର ପରିଡା ଯୋଗ ଦେଇଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଏବିଡିଓ ମନୋଜ ନାୟକ, ବରିଷ୍ଠ ଆଇନଜୀବି ମଦନ ମୋହନ ନାୟକ, ବାଲା ରାୟ, ରାଜେନ୍ଦ୍ର ଗୌଡ, ସୁରଜିତ ସ୍ୱାଇଁ, ମିହିର କର୍କରା, ରାମ ନାୟକ ପ୍ରମୁଖ ଉପସ୍ଥିତ ରହି ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଜୟନ୍ତୀ ପାଳିତ ହୋଇଛି।

# ବିଜେପି ନେତା ଅରୁଣ ବେଜଙ୍କ ବିୟୋଗରେ ଶୋକ



ବସ୍ତା, ୨୩/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବିଜେପିର ବରିଷ୍ଠ ନେତା ପୂର୍ବତନ ଜିଲ୍ଲା ସାଧାରଣ ସଂପାଦକ ତଥା ୨୦୧୪ ମସିହାରେ ଜଳେଶ୍ୱର ରୁ ବିଧାନସଭା ପ୍ରାର୍ଥୀ ହୋଇଥିବା ସ୍ୱର୍ଗତ ଅରୁଣ ବେଜଙ୍କ ଅମର ଆତ୍ମାର ସଦଗତି ପାଇଁ ଏକ ଶୋକସଭା ଦରଡା ମଣ୍ଡଳ ତରଫରୁ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ବସନ୍ତ ବାରିକ ଙ୍କ ଆହ୍ୱାନ ରେ ଏହି ସଭାରେ ବରିଷ୍ଠ ନେତା ଶ୍ୟାମାପ୍ରସାଦ ବେହେରା, ଗଜେନ୍ଦ୍ର ସିଂ, ରତିକାନ୍ତ ମହାରଣା, ସରୋଜ ପ୍ରଧାନ, ରତିକାନ୍ତ ଦାସ ଅଧିକାରୀ, ଗୌତମ ଦାସ, ଝାଡେଶ୍ୱର ଦାସ, ପିତାମ୍ବର ବେହେରା ପ୍ରମୁଖ ସ୍ୱର୍ଗତ ବେଜ ଙ୍କ ଗୁଣାବଳୀ ବର୍ଣ୍ଣନା କରିବା ସହ ବିଜେପିର ଦୁର୍ଦ୍ଦିନରେ ତାଙ୍କର ସାଂଗଠନିକ ଅବଦାନ ସମ୍ପର୍କ ରେ ଆଲୋଚନା କରିଥିଲେ। ସ୍ମୃତିଚାରଣ ପରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

## ସଫଳ ମାଛ ଚାଷୀଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୨୨/୧୧ (ନି.ପ୍ର): ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ଆଲୋଚନା ଚକ୍ରରେ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଶ୍ରୀଧର ପ୍ରସାଦ ପ୍ରଧାନଙ୍କ ସମେତ ସାଧାରଣ ସଂପାଦକ ବିଚିତ୍ର କୁମାର ପ୍ରଧାନ, ବିଶ୍ୱ ରଞ୍ଜନ ପଣ୍ଡା, ଉପ ସଭାପତି ସୁଧାଂଶୁ ଜେନା ଓ ସଂପାଦକ ସତ୍ୟ ରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହାସହ ଜିତେନ୍ଦ୍ର ପଣ୍ଡା, ରୀତାବାଳା ରକ୍ଷିତ୍, ସୌଭାଗ୍ୟ ବାହାଲିଆ, ମାନିନୀ ଷଡଙ୍ଗୀ, ମାନସୀ ସ୍ୱାଇଁ ଓ ଗୀତାଞ୍ଜଳୀ ଦାସ ପ୍ରମୁଖ ୨୫ରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା କୃଷି ଓ କୃଷକମାନଙ୍କ ତଥା ବିଭିନ୍ନ ଚାଷୀଙ୍କ ସମସ୍ୟା ଉପରେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ପୋଷ୍ୟ ସନ୍ତାନ ଗ୍ରହଣ ନିୟମାବଳୀ -୨୦୨୩ ସମ୍ପର୍କିତ ପ୍ରଶିକ୍ଷଣ ଶିବିର

ପୁରୀ, ୨୨/୧୧ (ନି.ପ୍ର): ସାରା ଭାରତରେ ନଭେମ୍ବର ମାସକୁ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ମାସ ଭାବେ ପାଳନ ଅବସରରେ ଆଜି ପୁରୀ ଜିଲ୍ଲା ପ୍ରଶାସନର ଜିଲ୍ଲା ଶିଶୁ ସୁରକ୍ଷା ଶାଖା ଆନୁକୂଲ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ପୋଷ୍ୟ ସନ୍ତାନ ଗ୍ରହଣ ନିୟମାବଳୀ -୨୦୨୨ ସମ୍ପର୍କିତ ଏକଦିବସୀୟ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସରଳ ଓ ସ୍ୱଚ୍ଛ ପୋଷ୍ୟ ସନ୍ତାନ ପ୍ରକ୍ରିୟାକୁ ଲୋକାଭିମୁଖୀ କରିବା ପାଇଁ ଜିଲ୍ଲା ପ୍ରଶାସନର ପ୍ରୟାସ ରଖିଛି। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଅତିଥିମାନଙ୍କୁ ସ୍ୱାଗତ କରି କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇଥିଲେ। ପୁରୀ ଜିଲ୍ଲାରେ ପୋଷ୍ୟ ସନ୍ତାନ କାର୍ଯ୍ୟକ୍ରମକୁ ସୁଦୂରପ୍ରସାରୀ କରିବା ପାଇଁ ଜିଲ୍ଲା ପ୍ରଶାସନର ସ୍ୱାସ୍ଥ୍ୟ ବିଭାଗ ଅନ୍ତର୍ଗତ ଜାତୀୟ ସ୍ୱାସ୍ଥ୍ୟ ମିଶନ ଏବଂ ମହିଳା ଶିଶୁ ବିକାଶ ବିଭାଗର ବ୍ଲକ ତଥା ପଂଚାୟତ ସ୍ତରୀୟ କର୍ମକର୍ତ୍ତା ମାନଙ୍କ ସହିତ ଜିଲ୍ଲା ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗୃହର କର୍ମକର୍ତ୍ତା, ସ୍ୱଧାର ଗୃହର କର୍ମୀ ତଥା ଶିଶୁ ମଙ୍ଗଳ କମିଟିର ସଦସ୍ୟଙ୍କ ସମେତ ମୋଟ ୭୫ ଜଣ ଉକ୍ତ କର୍ମଶାଳାରେ ଉପସ୍ଥିତ ରହି ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି ଏକଦିବସୀୟ କର୍ମଶାଳାରେ ପୁରୀ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୋଷ୍ୟ ସନ୍ତାନ ଗ୍ରହଣର ସରଳ ଏବଂ ସହଜ ପ୍ରକ୍ରିୟା ସମ୍ପର୍କରେ ତଥା ଏହାର ଆଇନଗତ ଦିଗ ବିଷୟରେ ଗୋଷ୍ଠୀ ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିରଜା ଶଙ୍କର ରଥ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମନୋଜ କୁମାର ମହାନ୍ତି, ଡାକ୍ତର ସତ୍ୟନାରାୟଣ ମିଶ୍ର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଚିନ୍ମୟୀ ରଥ, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଡ଼ଃ. ଅଜିତ କୁମାର ମହାପାତ୍ର ଅତିଥି ରୂପେ ଯୋଗଦେଇ ପୋଷ୍ୟ ସନ୍ତାନ ଗ୍ରହଣ ପ୍ରକ୍ରିୟା ସ୍ନେହ ବନ୍ଧନର ପ୍ରତୀକ ବୋଲି ପ୍ରକାଶ କରିବା ସହ ଏହି ପୋଷ୍ୟ ସନ୍ତାନ ପ୍ରକ୍ରିୟା ମାଧ୍ୟମରେ ଉଭୟ ଗ୍ରହିତା ପିତାମାତା ଓ ସମାଜରେ ପରିତ୍ୟକ୍ତ ଅବସ୍ଥାରୁ ଉଦ୍ଧାର ପାଇଥିବା ଶିଶୁଟି ସ୍ୱତନ୍ତ୍ର ପରିଚୟ ଓ ପରିବାର ପାଇପାରିବ ବୋଲି ମତ ରଖିଥିଲେ। ଅଭିଜ୍ଞ ପ୍ରଶିକ୍ଷକ ଅକ୍ଷୟ କୁମାର ସ୍ୱାଇଁ ଉପସ୍ଥିତ ଅଂଶଗ୍ରହଣକାରୀ ମାନଙ୍କୁ ପୋଷ୍ୟ ସନ୍ତାନ ଆଇନ- ୨୦୨୨ ରେ ଉଲ୍ଲେଖ ଥିବା ତଥ୍ୟଗୁଡ଼ିକୁ ସୁନ୍ଦର ଭାବେ ବ୍ୟାଖ୍ୟା କରିବା ସହ ସାଧାରଣ ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ଆଗ୍ରହୀ ଥିବା ପିତାମାତାମାନେ କିଭଳି ଆଇନ୍ କୁ ଅବଲମ୍ବନ କରିପାରିବେ ସେ ସମ୍ପର୍କରେ ବିସ୍ତୃତ ତଥ୍ୟ ରଖିଥିଲେ। ଶିଶୁ ମଙ୍ଗଳ କମିଟିର ସଦସ୍ୟ ସଦସ୍ୟା ଦେବଯାନୀ ହିମାଂଶୁ, ବୁଦ୍ଧିସୁନ୍ଦର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଇତ୍ୟବସରରେ ବିଗତ ଦିନରେ ପୋଷ୍ୟସନ୍ତାନ ପ୍ରକ୍ରିୟାକୁ ଅବଲମ୍ବନ କରି ପୋଷ୍ୟସନ୍ତାନ ଗ୍ରହଣ କରିଥିବା ଦୁଇଟି ପରିବାରବର୍ଗଙ୍କୁ ସମ୍ମାନିତ କରାଯାଇଥିଲା। ସୁରକ୍ଷା ଅଧିକାରୀ ସ୍ମିତାରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୫ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ ପାଇଁ କୋଲକାତା ଗଲେ ୨୦ ଜଣ ଯୁବକ ଯୁବତୀ

ମାଲକାନଗିରି, ୨୨/୧୧ (ନି.ପ୍ର): ମାଲକାନଗିରି ଠାରେ ଆୟୋଜିତ ଏକ ସମାରୋହରେ ଡେପୁଟି ଇନ୍ସପେକ୍ଟର ଜେନେରାଲ ଶୈଳେନ୍ଦ୍ର କୁମାର ସିହ୍ନା, ସେକ୍ଟର ହେଡକ୍ୱାଟର ବିଏସଏଫ ମାଲକାନଗିରି ୧୫ତମ ଆଦିବାସୀ ଯୁବ ଏକ୍ସଚେଞ୍ଜର ୫ମ ପର୍ଯ୍ୟାୟରେ ପତାକା ଉତୋଳନ କରିଥିଲେ। ୮ ବାଳକ ଏବଂ ୧୨ ବାଳିକା ମୋଟ ୨୦ ଜଣ ଯେଉଁମାନେ ଦୂରଦୂରାନ୍ତରେ ରହୁଛନ୍ତି ସେମାନଙ୍କ ସହ ୨ ଜଣ ବିଏସଏଫ୍ ଅଧିକାରୀ ଏସକର୍ଟ ଭାବରେ ଯିବେ। ଏହି ପଂଚମ ପର୍ଯ୍ୟାୟରେ ମାଲକାନଗିରିର ଚିତ୍ରକୋଣ୍ଡା ବ୍ଲକର ଖଜୁରିଗୁମ୍ମା, ବାଡ଼ ପଡା, ସାର୍କୁବନ୍ଧା, ସନାସୀଗୁଡା, ବାଦପୁଟ, ସିଲିଗୁମ୍ମା ଏବଂ କାମାରଗୁଡା ପ୍ରାର୍ଥୀମାନେ ରହିଛନ୍ତି। ଏହି ଭ୍ରମଣ ସମୟରେ ପ୍ରାର୍ଥୀମାନେ ଏକ ସପ୍ତାହ ଧରି କୋଲକାତା (ପଶ୍ଚିମବଙ୍ଗ) ପରିଦର୍ଶନ କରିବେ। ଏହି କାର୍ଯ୍ୟକ୍ରମରେ ସିକନ୍ଦର ସିଂ, ୨-ଇନ୍-କମାଣ୍ଡ, ଡେପୁଟି କମାଣ୍ଡାଂଟ, ସେକ୍ଟର ଶୁଭଞ୍ଜନ ମହାପାତ୍ର, ନେହେରୁ ଯୁବ କେନ୍ଦ୍ର ସଂଗଠନ ମାଲକାନଗିରିର ପ୍ରତିନିଧୀ ସନ୍ତୋଷ ପାତ୍ର ଏବଂ ଅନ୍ୟାନ୍ୟ ବିଏସଏଫ୍ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ସୀମା ସୁରକ୍ଷା ବଳ (ମନ୍ତ୍ରଣାଳୟ) ନେହେରୁ ଯୁବ କେନ୍ଦ୍ର (ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ)ଙ୍କ ସହଯୋଗରେ ଭାରତର ସରକାର୧୫ ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସମଗ୍ର ଭ୍ରମଣ ସମୟରେ ଯୁବକମାନେ ପଶ୍ଚିମବଙ୍ଗର କୋଲକାତା ପରିଦର୍ଶନ କରିବେ ଏବଂ ରହିବେ ଏବଂ ରାଜ୍ୟ ଦ୍ୱାରା ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଏହି ଗସ୍ତ ସମୟରେ ସେମାନେ ରାଜ୍ୟପାଳ, ମହାନ ସଫଳତା, କ୍ରୀଡ଼ା ବ୍ୟକ୍ତିତ୍ୱ, ଚଳଚ୍ଚିତ୍ର / ଟିଭି ତାରକା ତଥା ରାଜ୍ୟର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱଙ୍କ ପରି ସାମ୍ବିଧାନିକ କର୍ତ୍ତୃପକ୍ଷଙ୍କୁ ଭେଟିବାର ସୁଯୋଗ ପାଇବେ। ସେମାନେ କ୍ୟାରିୟର ଗାଇଡ୍ ଏବଂ ଇଣ୍ଡଷ୍ଟ୍ରିଆଲ୍ ଟ୍ରେନିଂ ଉପରେ କାଉନସେଲିଂରେ ମଧ ଦିଗ ପାଇବେ। ପ୍ରମୁଖ ଶିଳ୍ପ / କର୍ପୋରେଟ୍ ହାଉସ୍, ଜାତୀୟ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ, ଐତିହାସିକ ଏବଂ ସାଂସ୍କୃତିକ ସ୍ଥାନ ପରିଦର୍ଶନ କରିବେ। ପ୍ରକାଶ ଥାଉକି, ପୂର୍ବରୁ ୧୪ଟି ପର୍ଯ୍ୟାୟରେ ମାଲକାନଗିରି ଜିଲ୍ଲାର ଦୁର୍ଗମ ଅଂଚଳରୁ ମୋଟ ୩୨୦ ଜଣ ପ୍ରାର୍ଥୀଙ୍କୁ ବିଭିନ୍ନ ରାଜ୍ୟ ତଥା କେନ୍ଦ୍ରଶାସିତ ଅଂଚଳକୁ ଭ୍ରମଣ ପାଇଁ ପଠାଯାଇଥିଲା।

# କନ୍ଧମାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ନେଇ ସିଡିଏମଓଙ୍କୁ ସ୍ମାରକପତ୍ର ପ୍ରଦାନ

କନ୍ଧମାଳ, ୨୨/୧୧ (ନି.ପ୍ର): କନ୍ଧମାଳ ଜିଲ୍ଲାର ଆଠ ଲକ୍ଷ ଲୋକ ସ୍ୱାସ୍ଥ୍ୟ ସେବା ପାଇବାକୁ ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରିଥାନ୍ତି। ହେଲେ ଜିଲା ମୁଖ୍ୟ ଚିକିତ୍ସାଳୟର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାରେ ସୁଧାର ଆସୁନାହିଁ। ମୁଖ୍ୟ ଚିକିତ୍ସାଳୟରେ ୬୦ ଭାଗ ଡାକ୍ତର ପଦବୀ ଖାଲି ପଡିଥିବା ବେଳେ ୮୦ ପ୍ରତିଶତ ବିଶେଷଜ୍ଞ ପଦବୀ ଖାଲି ପଡିଛି। ସାମାନ୍ୟ ଏବଂ ସାଧାରଣ ରୋଗୀଙ୍କୁ ବ୍ରହ୍ମପୁର ରେଫର କରାଯାଉଛି। ଉପରବେଳା ଓପିଡି ଖୋଲାଯାଉ ନଥିଲା ବେଳେ କେବଳ କାଜୁଆଲିଟି ଖୋଲି ଜିଲାବାସୀଙ୍କୁ ଭୂଆଁ ବୁଲାଉଛନ୍ତି। ପୁରୁଣା କୋଠା ଛାତରୁ ପାଣି ଗଳୁଥିବା ବେଳେ ଭିତର ମରାମତି ଦୁର୍ଭାଗ୍ୟ ଜନକ। ଆବଶ୍ୟକ ଥିବା କାମ ନକରି ଅନାବଶ୍ୟକ ସ୍ଥାୟୀ କାମ ନକରି କେବଳ ଅର୍ଥ ବରବାଦ କରାଯାଉଛି। ଆଠ ଲକ୍ଷ ଜନତାଙ୍କ ସ୍ୱାସ୍ଥ୍ୟ ପ୍ରତି କାହାର ଉତରଦାୟୀତ୍ୱ ନାହିଁ। ବର୍ଷ ବର୍ଷ ଯିବା କାଠ କବାଟ ଝରକା ହଟାଇ ଅଳ୍ପ ଦିନ ପାଇଁ ପ୍ଲାଇଉଡ ଲାଗୁଛି। ନିଯୁକ୍ତି ହୋଇଥିବା ଗ୍ରାମାଚଂଳ ଡାକ୍ତରଖାନାରେ ନ ରହି ରହିବା ଭତା ନେଉଥିବାରୁ ବିକଳ୍ପ ବ୍ୟବସ୍ଥା ପାଇଁ ପଦକ୍ଷେପ ନେବା ଆବଶ୍ୟକ। ଡାକ୍ତର ମାନେ ୬ ଦିନ ଛୁଟିରେ ଯାଇ ୧୨ ଦିନ ରହୁଛନ୍ତି। ୩ୟ ଶ୍ରେଣୀ କର୍ମଚାରୀଙ୍କ ଆଭ୍ୟନ୍ତରୀଣ ବଦଳି ପ୍ରିୟା ପ୍ରୀତିରେ ହେଉଛି। ସଫେଇ କର୍ମଚାରୀ ଓ ସିକ୍ୟୁରିଟ ଗାର୍ଡ ନିଯୁକ୍ତିରେ ବ୍ୟାପକ ଶୋଷଣ କରାଯାଉଛି। କଟକ ଭୁବନେଶ୍ୱରକୁ ଗୁରୁତର ରୋଗୀଙ୍କୁ ସିଧାସଳଖ ରେଫର ପାଇଁ ବ୍ୟବସ୍ଥା କରାଯାଉ। ମୁଖ୍ୟ ଚିକିତ୍ସାଳୟରେ ଅଧିକ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯାଉ ବୋଲି ଦାବୀ କରାଯାଇଛି। ବାହାର ରୋଗୀଙ୍କ ପାଇଁ ପରିମଳ ବ୍ୟବସ୍ଥା କରିବାକୁ ଓ ଜରୁରୀ ପରିସ୍ଥିତିରେ ଉପରବେଳା ପାଥୋଲୋଜି ସେବା ଯୋଗାଇ ଦେବାକୁ, ପଞ୍ଜିକୃତ ରୋଗୀକୁ ୱାର୍ଡରେ ତୁରନ୍ତ ସେବା ଯୋଗାଇ ଦେବାକୁ ସିଡିଏମଓ ଡଃ. ମନୋଜ ଉପାଧ୍ୟାୟଙ୍କ ଦୃଷ୍ଟି ଗୋଚର କରାଯାଇଛି। ଜିଲା ପ୍ରଶାସନ ଉପରେ ଚାପ ପକାଇ କନ୍ଧମାଳରୁ ଦରମା ନେଇ ୫ ଜଣ ବିଶେଷଜ୍ଞ ଭୁବନେଶ୍ୱରରେ କାମ କରିବା ଦୁର୍ଭାଗ୍ୟଜନକ। ସାମାନ୍ୟ ରୋଗକୁ ରେଫର ନକରିବା ପ୍ରସୂତୀଙ୍କ ଠାରୁ ମିଠା ଖାଇବା ନାମରେ ଆର୍ଥିକ ଶୋଷଣ ନ କରିବାକୁ ଅବଗତ କରାଯାଇଛି। ମରାମତି ନାମରେ ଦୁଇ ମାସ ଧରି ଅପରେସନ ରୁମ ବନ୍ଦ ରହିବା ଦୁର୍ଭାଗ୍ୟଜନକ। ମରାମତି ସମ୍ପର୍କରେ ଜିଲା ସ୍ୱାସ୍ଥ୍ୟ ବିଭାଗର ପରାମର୍ଶ ରାସ୍ତା ଓ କୋଠାବାଡି ବିଭାଗ ଗ୍ରହଣ କରୁ ନଥିବାରୁ ଫାଇଭ-ଟି ସଚିବଙ୍କ ଦୃଷ୍ଟି ଗୋଚର କରିବାକୁ ନିଷ୍ପତି ନିଆଯାଇଛି। ଏହି ଅବସରରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ. ବିଜୟ କୁମାର ପଣ୍ଡା ଓ ହସପିଟାଲ ମ୍ୟାନେଜର ଶ୍ୟାମ ସୁନ୍ଦର ନାୟକ ଉପସ୍ଥିତ ଥିଲେ। ମଙ୍ଗଳବାର କନ୍ଧମାଳ ମିଳିତ ନାଗରିକ କମିଟିର ସଭାପତି ଡଃ. ଅରୁପ ଜେନାଙ୍କ ସହ ଆବାହକ ଅଶୋକ ପରିଡା, ବ୍ରଜ ପଟ୍ଟନାୟକ, ଭିକାରୀ ପାଣିଗ୍ରାହୀ, ପ୍ରମୋଦ ସାହୁ, ମଧୁସୂଦନ ସାହୁ ପ୍ରମୁଖ ସିଡିଏମଓଙ୍କ ସହ ଆଲୋଚନା କରିଥିଲେ। ଉକ୍ତ ସମସ୍ୟାର ସମାଧାନ ପାଇଁ ପ୍ରୟାସ କରିବାକୁ ସିଡିଏମଓ ନାଗରିକ କମିଟି ପ୍ରତିନିଧି ମଣ୍ଡଳକୁ ସୂଚନା ଦେଇଥିଲେ।

# ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାୟକଙ୍କ ୧୨୪ତମ ଜୟନ୍ତୀ ପାଳିତ

ମାଲକାନଗିରି, ୨୨/୧୧ (ନି.ପ୍ର): ଇଂରେଜ ଶାସନ ବିରୋଧରେ ସ୍ୱର ଉତୋଳନ କରି ବଣ ପାହାଡ ଘେରା ଅବିଭକ୍ତ କୋରାପୁଟରୁ ସ୍ୱାଧୀନତା ସଂଗ୍ରାମର ତୁରୀବାଦ କରିଥିବା ମହାନ୍ ଦେଶଭକ୍ତ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାୟକଙ୍କ ୧୨୪ତମ ଜନ୍ମ ଜୟନ୍ତୀ ମାଲକାନଗିରି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ମହାନ୍ ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ମୁଖ୍ୟ ଅତିଥି ରୂପେ, ଜିଲ୍ଲା ନିଯୋଜନ ଅଧିକାରୀ ମନସ୍ୱୀ ସେଠୀ ଅନ୍ୟତମ ଅତିଥି ରୂପେ ଯୋଗଦାନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପ୍ରତିମୂର୍ତ୍ତି ସମ୍ମୁଖରେ ସମସ୍ତ ଛାତ୍ରଛାତ୍ରୀ ମାନଙ୍କ ଗହଣରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀଙ୍କ ପରିଚାଳନା ଓ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ ଅତିଥି ଗଣ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରି ଇଂରେଜ ଶାସନ ବିରୋଧରେ କିଭଳି ଲଢେଇ କରି ଗାନ୍ଧିଜୀଙ୍କ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇ କିଭଳି ମିଥ୍ୟା ଆରୋପରେ ଦୋଷୀ ସାବ୍ୟସ୍ତ ହୋଇ ଫାଶୀ ପାଇଥିଲେ ତାହା ଉପସ୍ଥାପନ କରି ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସସସ୍ତ ଛାତ୍ରଛାତ୍ରୀମାନଙ୍କୁ ଲକ୍ଷ୍ମଣ ନାୟକଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଯେକୌଣସି କାର୍ଯ୍ୟକୁ ଆନ୍ତରିକତାର ସହ ସମୟ ସୀମା ମଧ୍ୟରେ ସମ୍ପାଦନ କଲେ ସମାଜରେ ପରିବର୍ତନ ସମ୍ଭବ ହୋଇପାରିବ ବୋଲି ଅନୁପ୍ରାଣୀତ କରିଥିଲେ। ଏହି ଅବସରରେ ପୁରୁଣା ମେଡିକାଲ ଛକଠାରୁ ଏମଭି ୪୨ ନମ୍ବର ରାସ୍ତାକୁ ଶହୀଦ ଲକ୍ଷ୍ମଣ ନାୟକ ମାର୍ଗ ନାମରେ ନାମିତ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଦୁଷ୍ମନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସର ପ୍ରାପ୍ତ ଶିକ୍ଷକ, ପ୍ରକାଶ ପଟ୍ଟନାୟକ, ହରେକୃଷ୍ଣ କୀର୍ତ୍ତନିଆ, ରଞ୍ଜନ ମହାନ୍ତି, ରତ୍ନାକର ଦାସ ଓ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀମାନେ ସଫେଇ ଅଭିଯାନ କାର୍ଯ୍ୟକ୍ରମ କରିଥିଲେ। ଏହାକୁ ଜିଲ୍ଲା ନିଯୋଜନ ଅଧିକାରୀ ଓ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସବୁଜ ପତାକା ଦେଖାଇ ଉଦଘାଟନ କରିଥିଲେ।

## ନିର୍ବାଚନ ମଣ୍ଡଳୀସ୍ତରୀୟ ପ୍ରଶିକ୍ଷଣ ଶିବିର

କନ୍ଧମାଳ, ୨୨/୧୧ (ନି.ପ୍ର): ବିଜୁ ଜନତା ଦଳର କନ୍ଧମାଳ ଜିଲ୍ଲା ପର୍ଯ୍ୟବେକ୍ଷକ ଦ୍ୱିଜୟ ନାୟକଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ପାରିଜାତ କଲ୍ୟାଣ ମଣ୍ଡପ ଠାରେ ଫୁଲବାଣୀ ନିର୍ବାଚନ ମଣ୍ଡଳୀର ଚାରୋଟି ବ୍ଲକ ସଭାପତି ଏବଂ ପୌରପରିଷଦର ନଗର ସଭାପତିଙ୍କୁ ନେଇ ନିର୍ବାଚନ ମଣ୍ଡଳୀ ସ୍ତରୀୟ ପ୍ରଶିକ୍ଷଣ ଶିବିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଫୁଲବାଣୀ ବିଧାନସଭା କ୍ଷେତ୍ରର ପର୍ଯ୍ୟବେକ୍ଷକ ପିପିଲିର କିଶୋର ଛୋଟ ରାୟ, କନ୍ଧମାଳ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ବିଧାୟକ ରାଜୀବ ପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ସରୋଜ କର୍ଣ୍ଣ, ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ଅନିମା କହଁର, ବିଜୁ ମହିଳା ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ପୁନମ କହଁର, ବିଜେଡି ଯୁବ ସଭାପତି ବିଷ୍ଣୁ ଚରଣ ମଲ୍ଲିକ, ଉପସଭାପତି ପାର୍ଥ ସାରଥି ବିଶ୍ୱାଳ, ପୌର ଉପାଧ୍ୟକ୍ଷା ପାୟଲ ବେହେରା,ଫିରିଙ୍ଗିଆ ବ୍ଲକ ସଭାପତି ରଜନୀ ପ୍ରଧାନ, ଖଜୁରୀପଡା ବ୍ଲକ ସଭାପତି ପଙ୍କଜ ମଲିକଙ୍କ ସମେତ ପ୍ରତ୍ୟେକ ୱାର୍ଡର କାଉନସିଲର ମାନେ ଉପସ୍ଥିତ ଥିଲେ।

# ଗାଡି ଧକ୍କାରେ ୨ ମୃତ: ଜଣେ ଗୁରୁତର

ଗଞ୍ଜାମ, ୨୨/୧୧ (ନି.ପ୍ର): ଗାଡି ଧକ୍କାରେ ୨ ମୃତ, ଜଣେ ଗୁରୁତର। ଗଞ୍ଜାମ ଜିଲ୍ଲା ପାଟପୁର ଥାନା ଅନ୍ତର୍ଗତ ପୋଡାମାରି ମୁଖ୍ୟ ରାସ୍ତାରେ ଘଟିଛି ଦୁର୍ଘଟଣା। ଏମାନେ ଭୁବନେଶ୍ୱର ଯିବା ପାଇଁ ବସକୁ ଅପେକ୍ଷା କରିଥିବା ବେଳେ ରାତି ପ୍ରାୟ ସାଢେ ୧୧ଟା ବେଳେ ଏମାନଙ୍କ ଉପରେ ଏକ ଟାଟା ସୁମୋ ମାଡିଯାଇଥିଲା। ମୃତକ ହେଲେ ସୀମାଂଚଳ ପ୍ରଧାନ ଓ ଓନିରୁ ମହାନ୍ତି। ଆହତ ଜଣକ ହେଲେ ଅମିର ନାୟକ। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମେଡିକାଲ ପଠାଯାଇଥିବା ବେଳେ ବ୍ରହ୍ମପୁର ମେଡିକାଲରେ ଚାଲିଛି ଆହତଙ୍କ ଚିକିତ୍ସା। ପାଟପୁର ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ କରିଛି। ଦୁର୍ଘଟଣା ଘଟାଇଥିବା ଗାଡିକୁ ଜବତ କରାଯାଇଥିବା ବେଳେ ଡ୍ରାଇଭରକୁ ଗିରଫ କରାଯାଇଛି।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ: ୧୯ ୟୁନିଟ୍ ରକ୍ତ ସଂଗ୍ରହ

ମାଲକାନଗିରି, ୨୨/୧୧ (ନି.ପ୍ର): ସରକାରୀ ପଲିଟେକ୍ନିକ୍, ମାଲକାନଗିରି ଠାରେ ଓଡିଶା ରେଡ୍ କ୍ରସ୍ ବ୍ଲଡ୍ ବ୍ୟାଙ୍କ, ମାଲକାନଗିରି ଦ୍ୱାରା ଆଜି ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଯୁବସମାଜକୁ ସଚେତନ କରିବା ଏବଂ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଭଲ ବାର୍ତା ବିସ୍ତାର କରିବା ପାଇଁ ଅନୁଷ୍ଠାନ ସହଯୋଗରେ ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା, ସଂସ୍କୃତି ଏବଂ ସାମାଜିକ କାର୍ଯ୍ୟ କ୍ଷେତ୍ରରେ ଯୁବକମାନଙ୍କର ଯୋଗଦାନକୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କୁ ଓଡ଼ିଶାର ବିକାଶରେ ସକ୍ରିୟ ଅଂଶୀଦାର କରିବା ପାଇଁ ଏହା ଏକ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ପଲିଟେକ୍ନିକ୍ ଅଧ୍ୟକ୍ଷ ଜ୍ଞାନରଞ୍ଜନ ଦାସଙ୍କ ଉପସ୍ଥିତିରେ ଡ. ରଂଜନ କୁମାର ସ୍ୱାଇଁ, ବାଣିଜ୍ୟ ବିଭାଗ ମୁଖ୍ୟ, କଳା ମହାବିଦ୍ୟାଳୟ, ମାଲକାନଗିରି ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଅବସରରେ ଅବକାଶ ପ୍ରଧାନି (ପଦାର୍ଥ ବିଜ୍ଞାନ ଅଧ୍ୟାପକ), ରାଧାକୃଷ୍ଣ ମଲ୍ଲିକ (ବୈଦ୍ୟୁତିକ ଇଞ୍ଜିନିୟରିଂ, ଅତିଥି ଅଧ୍ୟାପକ), ଗଣେଶ ପ୍ରଧାନ (ସିଭିଲ୍ ଇଞ୍ଜିନିୟରିଂ, ଅତିଥି ଅଧ୍ୟାପକ) ଏବଂ ଛାତ୍ର ଯଥା ପଦ୍ମ ଖରା, ରାଜ ମଣ୍ଡଳ, ଦୀପ ବାହାଦୂର, ସୁମନ୍ତ ଦାସ, ସଦାଶୀବ ପ୍ରଧାନ, ଚନ୍ଦ୍ର ଶେଖର ବେହେରା, ବାଦଲ ପାଢ଼ୀ, ତନମୟ କେଶରୀ, ଦିବାକର ପୂଜାରୀ, ରାହୁଲ ଢ଼ାଲି, ରବୀନ୍ଦ୍ର ମାଡକାମି, ଜଗନ୍ନାଥ ଖିଲ, ଦେବାଶିଷ ବେହେରା, ସରଜିତ ବିଶ୍ୱାସ, ଗୋପାଳ କୃଷ୍ଣ ସତପଥି, ପୃଥ୍ୱୀରାଜ ନାୟକ ପ୍ରମୁଖ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଡକ୍ଟର ସାଗର କୁମାର ବାଲା (ବ୍ଲଡ ବ୍ୟାଙ୍କ ଅଫିସର, ବ୍ଲଡ ବ୍ୟାଙ୍କ, ମାଲକାନଗିରି), ତ୍ରିନାଥ ଚରଣ ପଣ୍ଡା (ଲ୍ୟାବ ଟେକ୍ନିସିଆନ,ବ୍ଲଡ ବ୍ୟାଙ୍କ), ଏନ ସୁଭର୍ନା ମାମୁଲା (ନର୍ସିଂ ଅଫିସର, ବ୍ଲଡ ବ୍ୟାଙ୍କ) ଏବଂ ମାନା ଖେମୁଣ୍ଡୁ ପ୍ରମୁଖ ରକ୍ତଦାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟକ୍ଷ ଜ୍ଞାନରଞ୍ଜନ ଦାସଙ୍କ ନିର୍ଦ୍ଦେଶରେ ଜେ. ବିନୋଦ କୁମାର (ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ଅଧ୍ୟାପକ) ସାମଗ୍ରିକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ରେକର୍ଡ ବୁକ୍ ଅନୁଯାୟୀ, ଅନୁଷ୍ଠାନର ଛାତ୍ର ଏବଂ ଅଧ୍ୟାପକମାନେ ପ୍ରାୟ ୧୯ ୟୁନିଟ୍ ରକ୍ତ ଦାନ କରିଥିଲେ। ଏହି କାର୍ଯ୍ୟକ୍ରମର ପୂର୍ଣ୍ଣ ସଫଳତା ପାଇଁ ଅନୁଷ୍ଠାନର ସମସ୍ତ କର୍ମଚାରୀ, ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ଥିଲେ।

# କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

କେନ୍ଦ୍ରାପଡ଼ା, ୨୨/୧୧ (ନି.ପ୍ର): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ରାଜ୍ୟସରକାରଙ୍କ "ଯୁବ ଓଡ଼ିଶା ନବୀନ ଓଡ଼ିଶା" ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋପାଳ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବରେ ଶିକ୍ଷାବିତ ତଥା ମହାବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଅଜୟ କୁମାର ସାମଲ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ କେନ୍ଦ୍ରାପଡ଼ା ପୌରପରିଷଦର ଅଧ୍ୟକ୍ଷା ସରିତା ସାହୁ ଓ ଆଇକ୍ୟୁଏସି କୋଅର୍ଡିନେଟର ପ୍ରଫେସର ଜ୍ଞାନେନ୍ଦ୍ର ଦାସ ଯୋଗଦେଇଥିଲେ। ଅତିଥିମାନେ ଯୋଗଦେଇ କହିଥିଲେ ଯେ ମହାବିଦ୍ୟାଳୟ ସ୍ତରରେ ଯୁବକ ମାନଙ୍କ ମଧ୍ୟରେ ଥିବା ଦକ୍ଷତାକୁ ରାଜ୍ୟ ଓ ରାଜ୍ୟ ବାହାରେ ପ୍ରତିପାଦିତ କରିବା ଓ ଯୁବଶକ୍ତିକୁ ସଠିକ ବିନିଯୋଗ କରି ସମୃଦ୍ଧ ରାଷ୍ଟ୍ର ଗଠନରେ ନିୟୋଜିତ କରିବା ଏହାର ମୂଳଲକ୍ଷ୍ୟ। ସାସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ନୃତ୍ୟ, ସଙ୍ଗିତ, ଅଭିନୟ, ଚିତ୍ରାଙ୍କନ ଇତ୍ୟାଦିଗୁଡିକ ଅନ୍ତର୍ଭୁକ୍ତ ହୋଇଥିବା ବେଳେ କ୍ରୀଡା ପ୍ରତିଯୋଗୀତା ମଧ୍ୟରେ କ୍ରିକେଟ, ବ୍ୟାଡମିଂଟନ, ଫୁଟବଲ, ହକି, ଖୋଖ, କବାଡି ଓ ସାମାଜିକ ସଚେତନତା କାର୍ଯ୍ୟକ୍ରମ ମଧ୍ୟରେ ନିଶା ନିବାରଣ, ବୃକ୍ଷରୋପଣ, ସଡକ ସଚେତନତା ପ୍ରଭୃତି ଅନ୍ତର୍ଭୁକ୍ତ। ଏହି କାର୍ଯ୍ୟକ୍ରମ ନଭେମ୍ବର ୨୨ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ୩୧ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷ ସୂଚନା ଦେଇଥିଲେ। ରୁସାର କୋଅର୍ଡିନେଟର ପ୍ରଫେସର ରଞ୍ଜିତ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନୋଡାଲ ଅଫିସର ଭାବରେ ପ୍ରମୋଦ କୁମାର ବେହେରା ଯୋଗଦେଇ ସମନ୍ୱିତ କାର୍ଯ୍ୟକ୍ରମର ବିବରଣୀ ପ୍ରକାଶ କରିଥିଲେ। କ୍ୟାପଟେନ ସୀମା ମହାନ୍ତି ଓ ଖେଳ ଶିକ୍ଷୟତ୍ରୀ ପ୍ରତିମା ରାଣୀ ଦ୍ୱିବେଦୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ପୂର୍ବାଶା ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିଲେ।

# ୨୫ମାସ ଧରି ବିନା ଦରମାରେ ଖଟୁଛନ୍ତି ୧୧ ଅସ୍ଥାୟୀ କୃଷି କର୍ମଚାରୀ

ଖଇରା, ୨୩/୧୧ (ନି.ପ୍ର): ବାଲେଶ୍ୱର ଜିଲା ର ବିଭିନ୍ନ ବ୍ଲକରେ କାର୍ଯ୍ୟରତ ୧୧ ଠିକା କୃଷି କର୍ମଚାରୀ ମାନେ ଗତ ୨୫ମାସ ହେଲା ବିନା ଦରମାରେ ଖଟୁଛନ୍ତି । ଏ ସମ୍ପର୍କରେ ବିଚାର କରିବାକୁ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ,ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ,ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ,ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ,ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା,ମୁଖ୍ୟ ଶାସନ ସଚୀବଙ୍କୁ ଲିଖିତ ଭାବେ ଜଣାଇଥିଲେ ହେଁ ଏ ପର୍ଯ୍ୟନ୍ତ ଦରମା ମିଳୁନଥିବାରୁ ଜିଲାରେ ୧୧ଜଣ ଠିକା କର୍ମଚାରଙ୍କ ପରିବାର ଭୋକ ଉପାସରେ ଦିନ କାଟୁଛନ୍ତି । ସେମାନଙ୍କୁ ନ୍ୟାୟ ପ୍ରଦାନ କରାନଗଲେ ସମସ୍ତ କର୍ମଚାରୀ ଅଦାଲତରେ ଆଶ୍ରୟ ନେବାକୁ ଚେତାବନୀ ଦେଇଛନ୍ତି । ଉକ୍ତ କର୍ମଚାରୀ ମାନେ ୧୯୯୩ ପୂର୍ବରୁ ଓଜେଏସ ଭାବେ ଚାକିରି କରିଥିଲେ ହେଁ ୧୦ବର୍ଷ ହୋଇ ନଥିବା ଆଳ ଦେଖାଇ ସ୍ଥାୟୀ କରାଯାଉନାହିଁ । ସେପଟେ ଅସ୍ଥାୟୀ ଭାବେ ୨୦୨୨ ମସିହା ପର୍ଯ୍ୟନ୍ତ ଦୈନିକ ୩୫୧ଟଙ୍କା ମଜୁରୀରେ କାର୍ଯ୍ୟ କରି ଗୁଜୁରାଣ ମେଣ୍ଟାଉଥିଲେ । ହେଲେ ୨୦୨୨ ପରଠାରୁ ସେମାନଙ୍କୁ ୨୫ମାସ ଧରି ସରକାର ମାଗଣାରେ ଖଟାଇ ଚାଲିଥିଲେ ହେଁ ଦରମା ପ୍ରଦାନରେ ଟାଳଟୁଳ ନିତି ଅବଲମ୍ବନ କରୁଛନ୍ତି । ଏଭଳି ଦରମାକୁ ଚାହିଁ ଔପଦା ଓ ବସ୍ତା ବ୍ଲକରେ କାର୍ଯ୍ୟରତ ୨କର୍ମଚାରୀ ଆଖି ବୁଜି ସାରିଥିବା ବେଳେ ସରକାରଙ୍କ ନିଦ ଭାଙ୍ଗୁନଥିବା ନେଇ ଅଭିଯୋଗ ହୋଇଛି । ଅନ୍ୟ ଜିଲାରେ ଏହି ବର୍ଗର କର୍ମଚାରୀଙ୍କୁ ଦରମା ମିଳୁଥିବା ବେଳେ ବାଲେଶ୍ୱର ଜିଲାରେ କାର୍ଯ୍ୟରତ ଏହି କର୍ମଚାରୀଙ୍କୁ ବର୍ଷ ବର୍ଷ ଧରି ବଞ୍ଚିତ କରି ରଖାଯିବା ବିଡମ୍ବନା ବୋଲି ଖଇରା ବ୍ଲକରେ କାର୍ଯ୍ୟ କରୁଥିବା କର୍ମଚାରୀ କୁଞ୍ଜ ବିହାରୀ ମହାନ୍ତି ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଜିଲା କୃଷି ଅଧିକାରୀ ସରୋଜ କୁମାର ମହାପାତ୍ରଙ୍କୁ ଯୋଗାଯୋଗ କରିବାରେ ଉକ୍ତ କର୍ମଚାରୀ ମାନଙ୍କ ପାଇଁ ଏଲଟମେଣ୍ଟ ଅଆସୁନଥିବାରୁ ଦରମା ମିଳୁନଥିବା କହିଛନ୍ତି ।

## ଜୀବେ ନିଷ୍ଠୁରତା ପ୍ରତିଷେଧକ ସମିତିର ଉପ ସଭାପତି ନିର୍ବାଚନ

କେନ୍ଦ୍ରାପଡ଼ା, ୨୩/୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଜୀବେ ନିଷ୍ଠୁରତା ପ୍ରତିଷେଧକ ସମିତିର ଉପ ସଭାପତି ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପ୍ରାଣୀ ସମ୍ପଦ ଚିକିତ୍ସା ବିଭାଗ ଆନୁକୂଲ୍ୟରେ ପରିଚାଳିତ ଏହି ସମିତିର ଉପ ସଭାପତି ନିର୍ବାଚନରେ ସମାଜସେବୀ ଫକୀର ଚରଣ ଖଟୁଆ ଉପ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ଏହି ସମିତିରେ ୫ ଜଣ ଆଜୀବନ ସଦସ୍ୟ ଓ ୩୫ ଜଣ ସାଧାରଣ ସଦସ୍ୟ ଭୋଟ ଦେଇଥିବା ବେଳେ ଗୋଟିଏ ଭୋଟ ନାକଚ ହୋଇଥିଲା । ଶ୍ରୀ ଖଟୁଆଙ୍କୁ ୨୧ ଭୋଟ ମିଳିଥିବା ବେଳେ ତାଙ୍କୁ ପ୍ରତିଦ୍ୱନ୍ଦିତା କରୁଥିବା ସମାଜସେବୀ ବିରଜା ପତି ୧୮ ଖଣ୍ଡ ଭୋଟ ପାଇଛନ୍ତି । ଏହି ନିର୍ବାଚନ ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଚିକିତ୍ସା ଅଧିକାରୀ ଡ଼ଃ ଦିପ୍ତି ମହାପାତ୍ର, ଡ଼ଃ ମନୋଜ କୁମାର ପଟ୍ଟନାୟକ, ଡ଼ଃ ପ୍ରଭଞ୍ଜନ କବି, ଡିଏସ୍‌ପି ଲକ୍ଷ୍ମୀ ନାରାୟଣ ତିୱାରୀ ପ୍ରମୁଖଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ କାର୍ଯ୍ୟାଳୟ ସହକାରୀ ମନୋରଞ୍ଜନ ପଟ୍ଟନାୟକ ନିର୍ବାଚନ ପରିଚାଳନାରେ ସହୟତା କରିଥିଲେ । ଜିଲ୍ଲାପାଳ ଅମୃତ ଋତୁରାଜ ଏହି ସମିତିର ସଭାପତି ଥିବାବେଳେ ଏସପି ସନ୍ଦିପ ସମ୍ପଦ ମଡକର, ମୁଖ୍ୟ ପ୍ରାଣୀ ସମ୍ପଦ ଚିକିତ୍ସା ଅଧିକାରୀ ଦିପ୍ତିମୟୀ ମହାପାତ୍ର ପ୍ରମୁଖ ଉପ ସଭାପତି ଅଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଉପୁଜିଲା ନୂଆ...

ତେବେ ସୁଡଙ୍ଗର ଭୂଷୁଡିପଡିଥିବା ଅଞ୍ଚଳ ମଧ ଦେଇ ବର୍ମା ମେସିନ ଦ୍ୱାରା କରାଯାଉଥିବା ଡ୍ରିଲରେ ବାଧା ଉପୁଜିଛି,ଏଣୁ ଉଦ୍ଧାର ବିଳମ୍ବିତ ହୋଇଛି । ଘଟଣାସ୍ଥଳରେ ଉପସ୍ଥିତ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟର ପୂର୍ବତନ ପରାମର୍ଶଦାତା ଭାସ୍କର ଖୁଲବେ କହିଛନ୍ତି ଯେ ଶ୍ରମିକ ବାହାରିବାକୁ ଥିବା ରାସ୍ତାରେ ଲୁହାର ଷ୍ଟ୍ରକ୍ଚର ପଡି ଯାଇଛି । ତେବେ ଏହାକୁ ଆଜି ହଟାଇ ଦିଆଯାଇଛି । ପାହାଡ ଭୂଷୁଡିପଡିଥିବା ୫୭ ମିଟର ଅଞ୍ଚଳରେ ଡ୍ରିଲିଂ ଲାଗି ୬ ଘଣ୍ଟା ବିଳମ୍ବ ହୋଇଛି । ସେହିପରି ରାଜ୍ୟ ସରକାରଙ୍କ ନୋଡାଲ ଅଧିକାରୀ ନିଲ ନିରଜ ଖୈରୱାଲ କହିଛନ୍ତି ଯେ ବୁଧବାର ରାତିରେ ୪୫ ମିଟର ଚିହ୍ନ ନିକଟରେ ଜୋରଦାର ଝଟକା ଲାଗିବାରୁ ଗୁରୁବାର ମଧ୍ୟାହ୍ନ ପ୍ରାୟ୨ଟା ବେଳେ ୧.୮ ମିଟର ଡ୍ରିଲିଂ ହୋଇପାରିଛି । ବର୍ମା ମେସିନ ଦ୍ୱାରା କରାଯାଉଥିବା ଡ୍ରିଲରେ ଏକ ଷ୍ଟିଲ ପାଇପ୍‌କୁ ଧକ୍କା ଦେଇ ଭର୍ତ୍ତି କରାଯାଉଛି । ଷ୍ଟିଲ ପାଇପ ଅନ୍ୟପଟେ ବାହାରିବା ପରେ ଏନଡିଆରଏଫ ଜବାନ ଟନେଲ ମଧ୍ୟରୁ ଫଶି ରହିଥିବା ଲୋକଙ୍କୁ ଜଣ ଜଣ କରି କାଢିବା ପାଇଁ ପାଇପ୍ ମଧ୍ୟକୁ ପ୍ରବେଶ କରିବେ । ତେବେ କେନ୍ଦ୍ରୀୟ ସଡ଼କ ପରିବହନ ଓ ରାଜମାର୍ଗ ରାଜ୍ୟ ମନ୍ତ୍ରୀ ବି.କେ. ସିଂହ ଓ ଏନଡିଆରଏଫ ମହାନିର୍ଦ୍ଦେଶକ ଅତୁଲ କରୱାଲ ଉଦ୍ଧାର ଉଦ୍ୟମର ସମୀକ୍ଷା ନିମନ୍ତେ ଗୁରୁବାର ସିଲକ୍ୟାରାରେ ଅଛନ୍ତି ।

## ଡିପଫେକ୍ ମୁକାବିଲା ...

ପ୍ରକାଶ କରିଛନ୍ତି । ସମାଜରେ ଅରାଜକତା ସୃଷ୍ଟି କରିବା ସହ ଆଗାମୀ ଦିନରେ ଏହାର ମୁକାବିଲା ବଡ ଆହ୍ୱାନ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ବୁଧବାର ଜି-୨୦ ଭର୍ଚୁଆଲ ସମ୍ମିଳନୀରେ ଭାରତ କହିଛି ବିଶ୍ୱ ଏବେ କୃତ୍ରିମ ବୁଦ୍ଧିମତା ପ୍ରଭାବକୁ ନେଇ ଚିନ୍ତିତ । ଏଆଇକୁ ନେଇ ବୈଷୟିକ ନିୟନ୍ତ୍ରଣ କ୍ଷେତ୍ରରେ ଜି-୨୦ ରାଷ୍ଟ୍ରଙ୍କୁ ଏକାଠି କାମ କରିବାକୁ ଭାରତ ଅପିଲ କରିଛି । ନିକଟରେ ଅଭିନେତ୍ରୀ ରଶ୍ମିକା ମନ୍ଦାନା, ସାରା ଅଲ୍ଲୀ ଖାନ୍, କାଜୋଲ, କ୍ୟାଟ୍ରିନା କୈଫଙ୍କ ଡିପଫେକ୍ ଭିଡିଓ ସାମ୍ନାକୁ ଆସିଥିଲା । ସେହିପରି କିମ୍ବଦନ୍ତୀ ଖେଳାଳି ସଚିନ ତେନ୍ଦୁଲକରଙ୍କ ଝିଅ ସାରା ତେନ୍ଦୁଲଙ୍କ ମଧ ଏଥିରୁ ବାଦ ପଡି ନାହାଁନ୍ତି । ସାରା ତେନ୍ଦୁଲକର ସୋଶିଆଲ ମିଡିଆରେ ଏକ ପୋଷ୍ଟ କରି ଅସନ୍ତୋଷ ପ୍ରକାଶ କରିଛନ୍ତି । ସାରା ଲେଖିଛନ୍ତି ଟେକ୍ନୋଲୋଜିର ଅପବ୍ୟହାର ସୋସିଆଲ ମିଡିଆ ବିଶ୍ୱସନୀୟତା ଶେଷ କରୁଛି । ଏପରିକି ତାଙ୍କ ନାଁରେ ଖୋଲାଯାଇଥିବା ଫେକ ଏକ୍ସ ଆକାଉଁଟକୁ ନେଇ ମଧ ସେ କ୍ଷୋଭ ପ୍ରକାଶ କରିଛନ୍ତି । ପୋଷ୍ଟ କରିବା ସହ ଏକ୍ସକୁ ଟ୍ୟାଗ କରିଛନ୍ତି ସାରା ।

## ଗଣମାଧମ ଓ ଗଣତନ୍ତ୍ର ...

ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଓଡ଼ିଶାର ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ ଅମାତ ପ୍ରଯୁକ୍ତିବିଦ୍ୟା ଓ ଗଣମାଧମର ସମ୍ପର୍କ ଉପରେ ଆଲୋଚନା କରିଥିଲେ । ଏଥିରେ ଜନମାନସର ସହଭାଗିତା ଗଣତନ୍ତ୍ରକୁ ସୁଦୃଢ କରିପାରିବ ବୋଲି ସେ କହିଥିଲେ । କର୍ଣ୍ଣାଟକର କୋପ୍ପାଲ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବି. କେ. ରବି କହିଥିଲେ ଯେ ଗଣମାଧମ ଶିଳ୍ପ, ଶିକ୍ଷା ଏବଂ ଗବେଷଣା ମଧ୍ୟରେ ସମନ୍ୱୟର ଆବଶ୍ୟକତା ରହିଛି । ଗାନ୍ଧୀନଗରସ୍ଥିତ ପଣ୍ଡିତ ଦୀନଦୟାଲ ଏନର୍ଜି ୟୁନିଭର୍ସିଟିର ସ୍କୁଲ୍ ଅଫ୍ ଲିବରାଲ୍ ଷ୍ଟଡିଜ୍‌ର ପ୍ରଫେସର ପ୍ରଦୀପ ମଲିକ୍ ଜୀବନର ବିଭିନ୍ନ ଦିଗ ଯଥା ରାଜନୀତି, ଗଣମାଧମ ଓ ଗଣତନ୍ତ୍ର କିପରି ଡିଜିଟାଲ୍ ଟେକ୍ନୋଲୋଜି ଦ୍ୱାରା ପ୍ରଭାବିତ ହେଉଛି ତାହା ବର୍ଣ୍ଣନା କରିଥିଲେ । ପ୍ରେସ୍ କ୍ଲବ୍ ଅଫ୍ କୋଲକାତାର ସଭାପତି ସ୍ନେହାସିସ ସୁର କହିଥିଲେ ଯେ ଡିଜିଟାଇଜେସନ୍ ସମଗ୍ର ବିଶ୍ୱକୁ ଗଣତାନ୍ତ୍ରିକ କରିଛି, ଯେଉଁଠାରେ ପ୍ରତ୍ୟେକ ବ୍ୟକ୍ତି ଏବେ କଣ୍ଟେଟ ପ୍ରଦାନକାରୀ ସାଜିଛି । ଏହି ଅବସରରେ ବିଭିନ୍ନ ଅଧିବେଶନ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ବିଶେଷଜ୍ଞମାନେ ସେମାନଙ୍କ ମତ ଉପସ୍ଥାପନ କରିଥିଲେ 'ଲିଙ୍ଗଗତ ସମାନତା, ଡିଜିଟାଲ ଇକୋସିଷ୍ଟମରେ ପ୍ରବେଶ ଓ ଅଂଶଗ୍ରହଣ' ଉପରେ ଆଲୋଚନା କରି 'ସମ୍ବାଦ' ର ସମ୍ପାଦକ ତନୟା ପଟ୍ଟନାୟକ କହିଲେ ଯେ ଗଣମାଧମରେ ମହିଳା ପ୍ରସଙ୍ଗକୁ ଅଣଦେଖା କରାଯାଉଛି । ଗଣମାଧମରେ ମହିଳାଙ୍କ ପ୍ରତିନିଧିତ୍ୱ ଓ ଚିତ୍ର ବଦଳିବା ଦରକାର, ଗଣମାଧମ ମହିଳାମାନଙ୍କୁ ଏକ ସନ୍ତୁଳିତ ଉପାୟରେ ଖବର ପରିବେଷଣ କରିବାର ଆବଶ୍ୟକ ରିହିଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ ।

## ବିଲ ପୈଠ ଦାବିରେ ଯନ୍ତ୍ରୀଙ୍କୁ ଆକ୍ରମଣ କଲେ ଠିକାଦାର

ଖଇରା, ୨୩/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକରେ ବିଭିନ୍ନ ରାସ୍ତା ପାଇଁ କାର୍ଯ୍ୟାଦେଶ ପାଇଥିବା ଠିକାଦାର ଟେଣ୍ଡର ବାତିଲ ପରେ ମଧ୍ୟ ଚିଠିକୁ ଖାତିର ନକରି କାର୍ଯ୍ୟ ଆରମ୍ଭ କରିଥିଲେ । ୨ପ୍ରଧାନମନ୍ତ୍ରୀ ସଡକ ନିର୍ମାଣ ଓ ୫ଟି ଆରଡି ରାସ୍ତାର ମରାମତି ଦାୟିତ୍ୱ ନେଇଥିବା ଠିକାଦାର ଙ୍କ ବେପରୁଆ କାର୍ଯ୍ୟ ବିରୋଧରେ ସାରଡାଙ୍ଗ,ଅଣ୍ଡାଇଲୋ, ନୁଆସାହି, ମହତୀପୁର, ପଳସା, ଗୋଳିହା, ମଳିହା, ଭୋଗୁପୁର ଇତ୍ୟାଦି ଗ୍ରାମର ଅଧିବାସୀ ମାନେ ପ୍ରତିବାଦର ସ୍ୱର ଉଠାଇଥିଲେ । ଉକ୍ତ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବିଭାଗୀୟ ଯନ୍ତ୍ରୀ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ଆରମ୍ଭ ହୋଇଥିଲା । ପ୍ରତିବାଦରେ ଉକ୍ତ ଠିକାଦାର ବୁଧବାର ପୂର୍ବାହ୍ନରେ ରାସ୍ତା ବାବଦ ବିଲ ଦାବିରେ ନିଜର ୧୦ରୁ ଊର୍ଦ୍ଧ ସମର୍ଥକଙ୍କୁ ସାଙ୍ଗରେ ଧରି ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟରେ ପଶି କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସେଣ୍ଠଙ୍କୁ ନିସ୍ଥୁକ ମାଡ ମାରିବା ସହ ହତ୍ୟା ଧମକ ଦେଇଥିବା ନେଇ ସିମୁଳିଆ ଥାନାରେ ଦେଇଥିବା ଲିଖିତ ଅଭିଯୋଗରେ ଉଲ୍ଲେଖ କରିଛନ୍ତି । ଏ ସମ୍ପର୍କରେ ସିମୁଳିଆ ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜକୁ ଯୋଗାଯୋଗ କରିବାରେ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ




ଲଙ୍ଗଳେଶ୍ୱର , ୨୩/୧୧ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚୁପାଲି ଠାରେ ଥିବା କମଳ କୁମାରୀ ସଂସ୍କୃତ ମହିଳା ମହାବିଦ୍ୟାଳୟ ରେ ରାଜ୍ୟ ସରକାର ଙ୍କ କ୍ରୀଡା ଓ ଯୁବ ବିକାଶ ବିଭାଗ ପକ୍ଷରୁ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଥିଲା । ରାଜ୍ୟ ମହିଳା ବିଜୁଜନତା ଦଳର ସଭାପତି ସୁବାସିନୀ ଜେନା ଯୋଗଦେଇ କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ବାଲିଆପାଳ ବ୍ଲକ ବିଡ଼ିଓ ବିନୋଦ ଚନ୍ଦ୍ର ପଣ୍ଡା ଯୋଗଦେଇ ରାଜ୍ୟ ସରକାର ଯୁବ ଶକ୍ତିର ବିକାଶ ଦିଗରେ ବହୁବିଧ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ତାଙ୍କ ଅଭିଭାଷଣରେ କହିଛନ୍ତି । ପାଠପଢା ସହିତ ଦକ୍ଷତା ବୃଦ୍ଧିପାଇଁ କଲେଜ ରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ରୁ ପିଲାମାନଙ୍କ ଦକ୍ଷତା ବିକଶିତ ହେବ ବୋଲି ଉଦଘାଟକ ଶ୍ରୀମତୀ ଜେନା ମତବ୍ୟକ୍ତ କରିଛନ୍ତି । ମୁଖ୍ୟ ବକ୍ତା ଭାବେ ପରିଚାଳନା କମିଟି ସଭାପତି ଶିକ୍ଷାବିତ ରେବତୀ ଜେନା ଯୋଗଦେଇ ଥିଲେ । ପୂର୍ବତନ ସରପଞ୍ଚ ବଟକୃଷ୍ଣ ଗିରି , ଶିକ୍ଷାବିତ ଗୋବିନ୍ଦ ଚନ୍ଦ୍ର ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । କଲେଜ ଅଧକ୍ଷ ରାଜକିଶୋର ବାରିକ ସଭାପତିତ୍ୱ କରିଥିଲେ । ଅଧାପକ କୃଷ୍ଣା ନନ୍ଦ ପାତ୍ର ଅତିଥି ପରିଚୟ ଓ ଅଧାପକ ସୁଧୀର କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ଡ଼ାଃ ଲକ୍ଷ୍ମୀକାନ୍ତ ରଥ, ବନମାଳୀ ପରିଡ଼ା, ଚନ୍ଦନ କୁମାର ନନ୍ଦ, ସରୋଜିନୀ ପରିଡ଼ା, ସବିତା ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

# 'ମନା' ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ପାଳିତ




ବାଲେଶ୍ୱର, ତା୨୩।୧୧ 'ମିଳିତ ନିଶା ନିବାରଣ ଅଭିଯାନ (ମନା) ବାଲେଶ୍ୱର' ପକ୍ଷରୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ସଭା ଅନୁଷ୍ଠାନର ସଭାପତି ପ୍ରଭାକର ସାହୁଙ୍କ ଅଧକ୍ଷତାରେ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଆରମ୍ଭରେ ଉପସ୍ଥିତ ସଦସ୍ୟ/ ସଦସ୍ୟାମାନେ ନବକୃଷ୍ଣ ଚୌଧୁରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ । ଉପଦେଷ୍ଟା ସୁବ୍ରତ କର ନବକୃଷ୍ଣ ଚୌଧୁରୀଙ୍କ ଜୀବନୀ ଉପରେ ଆଲୋକପାତ କରି ବର୍ତ୍ତମାନର ରାଜନୈତିକ ବ୍ୟକ୍ତିମାନେ ସ୍ୱର୍ଗତ ଚୌଧୁରୀଙ୍କ ଆଦର୍ଶ ଓ ଜୀବନୀ ଉପରେ ଅବଗତ ହେବା ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ । ଟାଉନ କମିଟି ସଭାପତି ବେଣୁଧର ସାହୁ ବାଲେଶ୍ୱରର ପୌରାଧକ୍ଷା ନିଶା ନିବାରଣ କ୍ଷେତ୍ରରେ ସହଯୋଗ ପାଇଁ ପ୍ରତିଶ୍ରୁତି ଦେଇଥିବା ପ୍ରକାଶ କରିଥିଲେ । ସାଧାରଣ ସଂପାଦିକା ମମତା ମହାପାତ୍ର ବୈଠକରେ ହେରିଟେଜ ରୋଡ୍‌ରେ ମଦ ଦୋକାନ ଖୋଲାଯିବାକୁ ବିରୋଧ କରି ସଂଗଠନ ପକ୍ଷରୁ ବିଭିନ୍ନ ପର୍ଯ୍ୟାୟରେ ଚାଲିଥିବା ପ୍ରତିବାଦ ସମ୍ବନ୍ଧରେ ବିବରଣୀ ଦେବା ସହ ନବକୃଷ୍ଣ ଚୌଧୁରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଡ. କ୍ଷିତୀଶ୍ୱର ଦାଶ, କମଳାକାନ୍ତ ଦାଶ, ସୁକୁମାର ରଣା ପ୍ରମୁଖ ନବକୃଷ୍ଣଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । କେତେକ ବ୍ଲକସ୍ତରରେ ନିଶା ବିରୋଧି ସଭା ଆୟୋଜନ ବିଷୟରେ ଚୂଡ଼ାନ୍ତ ନିଷ୍ପତ୍ତି ହୋଇଥିବାର ସଭାରେ ସୂଚନା ଦିଆଯାଇଥିଲା । ବୈଠକରେ ଡ. କେଶବ ଚରଣ ପଣ୍ଡା, ପ୍ରଫୁଲ୍ଲ କୁମାର ଦାସ, ରବିନାରାୟଣ ଭୋଳ, ଗଂଗାଧର ପୃଷ୍ଟି, ବୀରେନ୍ଦ୍ର ନାରାୟଣ ପ୍ରହରାଜ, ଭୂପତିଭୂଷଣ ଦାସ, ନିରଞ୍ଜନ ରାଉତ, ସୀତାରାମ ପ୍ରଧାନ, ସରସ୍ୱତୀ ପଣ୍ଡା, ପ୍ରଭାକର ସାହୁ, କ୍ରୀଷ୍ଣା ଶାହା, ପ୍ରଭାକର ସାହୁ, ସନାତନ ଦାସ, ପ୍ରସନ୍ନ ପାଢ଼ୀ, ଅବନ୍ତୀ ପ୍ରଧାନ ଓ ବସନ୍ତ ପ୍ରଧାନ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । କଲ୍ୟାଣୀ ନନ୍ଦ ନବକୃଷ୍ଣଙ୍କ ଉପରେ ସ୍ୱରଚିତ ସଂଗୀତ ଗାନ କରିଥିଲେ । ଶେଷରେ ଗୌରାଙ୍ଗ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାରେ ଶେଷ ପର୍ଯ୍ୟାୟରେ ଭୋଟର ସଂଶୋଧନ କାର୍ଯ୍ୟକ୍ରମ

ଖୋର୍ଦ୍ଧା, ୨୩/୧୧ (ନି.ପ୍ର): ଆଗାମୀ ସାଧାରଣ ନିର୍ବାଚନ ପାଇଁ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ-୨୦୨୪ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ।ତେବେ ଗତ ଅକ୍ଟୋବର ୨୭ ରୁ ଆରମ୍ଭ ହୋଇ ବର୍ତ୍ତମାନ ସୁଦ୍ଧା ଚାଲୁ ରହିଛି । ଏପରିକି ଏହି ସଂଶୋଧନ କାର୍ଯ୍ୟକ୍ରମ ଆସନ୍ତା ଡିସେମ୍ବର ମାସ ୯ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଭୋଟର ତାଲିକାରେ ଯଦି କୌଣସି ପ୍ରକାରର ତ୍ରୁଟି ଥାଏ, ତାହେଲେ ଏହି ସମୟ ମଧ୍ୟରେ ସେଥିରେ ସଂଶୋଧନ କରାଯାଇ ପାରିବ । ତେବେ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ଜିଲ୍ଲାରେ ସମସ୍ତ ଭୋଟ ଗ୍ରହଣ କେନ୍ଦ୍ରରେ ୪ଟି ସ୍ୱତନ୍ତ୍ର ଅଭିଯାନ ଦିବସ କରାଯାଇ ତ୍ରୁଟି ସଂଶୋଧନ ସହ ନୂତନ ଭୋଟର ତାଲିକାରେ ନାମ ପଞ୍ଜୀକରଣ ପାଇଁ ଭୋଟର ମାନଙ୍କୁ ସଚେତନ କରାଯାଉଛି ।

# ଭାରତୀୟ ତଟରକ୍ଷୀ ବାହିନୀ ପକ୍ଷରୁ ପ୍ରଦୂଷଣ ନିୟନ୍ତ୍ରଣ କର୍ମଶାଳା



ପାରାଦୀପ, ୨୩/୧୧ (ନି.ପ୍ର): ପାରାଦୀପସ୍ଥିତ ଭାରତୀୟ ତଟରକ୍ଷୀ ବାହିନୀ ଜିଲ୍ଲା ମୁଖ୍ୟାଳୟ-୭ ପକ୍ଷରୁ ଆଂଚଳିକସ୍ତରୀୟ ପ୍ରଦୂଷଣ ନିୟନ୍ତ୍ରଣର ତିନି ଦିନିଆ କର୍ମଶାଳା ମଙ୍ଗଳ ବାର ଠାରୁ ଆରମ୍ଭ ହୋଇ ଗୁରୁବାର ଦିନ ଉଦଯାପିତ ହୋଇଥିଲା । ଜିଲ୍ଲା ମୁଖ୍ୟାଳୟ-୭ର ଡିଆଇଜି ଯଶୋବନ୍ତ କୁମାର ସିଂ ଏହି କର୍ମଶାଳାକୁ ଉଦଘାଟନ କରିଥିଲେ । ସାମୁଦ୍ର ମଧ୍ୟରେ ବିଭିନ୍ନ ସମୟରେ ଜାହାଜ ଓ ଅନ୍ୟ ଯାନ୍ତ୍ରିକ ବୋଟ୍ ମଧ୍ୟରୁ ତେଲ ନିର୍ଗତ ହୋଇ ପ୍ରଦୂଷଣ ସୃଷ୍ଟି ହୋଇଥାଏ । ଏହି ପ୍ରଦୂଷଣର ପ୍ରଭାବ ସାମୁଦ୍ରିକ ଜୀବଙ୍କ ଉପରେ ପଡିବା ସହିତ ଉପକୂଳ ମଧ ପ୍ରଦୂଷିତ ହୋଇଥାଏ । ଏହି ପ୍ରଦୂଷଣକୁ କିପରି ରୋକା ଯାଇପାରିବ ସେ ସମ୍ପର୍କରେ ଏହି ତିନି ଦିନିଆ କର୍ମଶାଳାରେ ଆଲୋଚନା କରାଯାଇଥିଲା । ଏହି ତିନି ଦିନିଆ କର୍ମଶାଳା ମଧ୍ୟରେ ସମୁଦ୍ର ଉପକୂଳ ସଫେଇ ହେବା ସହିତ ପାରାଦୀପ ହାରବର ମଧ୍ୟରେ ଏକ ଜାହାଜରୁ ତୈଳ ନିର୍ଗତ କରାଯାଇ ସମୁଦ୍ର ଜଳରାଶିକୁ ପ୍ରଦୂଷିତ ରୋକ ଯାଇ ପାରିବ ସେ ସମ୍ପର୍କରେ ଏକ ନମୁନା ପ୍ରଦର୍ଶନ କରାଯାଇଥିଲା । ସାମୁଦ୍ରିକ ପ୍ରଦୂଷଣକୁ ନିୟନ୍ତ୍ରଣ କରିବାରେ ତଟରକ୍ଷୀ ବାହିନୀ ଏକ ପ୍ରମୁଖ ଭୂମିକା ଗ୍ରହଣ କରି ଆସୁଛି । ଓଡିଶା ସମେତ ପଶ୍ଚିମବଙ୍ଗର ବିଭିନ୍ନ ଅନୁଷ୍ଠାନ ଏହି ତିନି ଦିନିଆ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ ।

# ଚାରିଦିନ ପରେ ପରିତ୍ୟକ୍ତ ଖାଦାନରୁ ଉଦ୍ଧାର ହେଲା ନିଖୋଜ ମୋହନଙ୍କ ମୃତ ଦେହ

ନୀଳଗିରି, ୨୩/୧୧ (ନି.ପ୍ର): ଚାରିଦିନ ପରେ ପରିତ୍ୟକ୍ତ ଖାଦାନରୁ ଉଦ୍ଧାର ହୋଇଛି ନିଖୋଜ ୭୨ ବର୍ଷୀୟ ବୃଦ୍ଧ ମୋହନ ସିଂ ଙ୍କ ମୃତ ଦେହ ।ଘଟଣା ମୁତାବକ ନୀଳଗିରି ଥାନା ଅଧିନ ଧୋବଶିଳା ପଞ୍ଚାୟତ କଣ୍ଟାବଣିଆ ଗ୍ରାମର କଇଁତୋଟା ସାହିର ମୋହନ ସିଂ (ଲଲ) ଗତ ସୋମବାର ଅପରାହ୍ନରେ ଦୋକାନକୁ ଯାଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରିନଥିଲେ । ମୋହନ ଘରକୁ ନଫେରିବାରୁ ଘର ଲୋକେ ଚିନ୍ତିତ ହୋଇ ଅନେକ ଖୋଜା ଖୋଜି କରିଥିଲେ ହେଲେ ପାଇନଥିଲେ । ସକାଳୁ ମୋହନଙ୍କ ଠେଙ୍ଗା ଓ ଚପଲ ନିକଟସ୍ଥ ପରିତ୍ୟକ୍ତ ଖାଦାନରେ ଭାସୁଥିବାର ଦେଖିବାକୁ ପାଇ ଘର ଲୋକ ନୀଳଗିରି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଅନେକ ଖୋଜାଖୋଜି କରିଥିଲେ ମଧ ମୋହନର ଖୋଜ ଖବର ମିଳିନଥିଲା । ପରେ ସ୍ଥାନୀୟ ସରପଞ୍ଚ ଦିଲ୍ଲିପ ସିଂ ନିଜେ ଦିନତମାମ ପାଣିରେ ବୁଡି ମୋହନଙ୍କୁ ଖୋଜିଥିଲେ ମଧ ବିଫଳ ହୋଇଥିଲେ ।ଖାଦାନଟି ୨୦୦ ଫୁଟରୁ ଅଧିକ ଗଭୀର ହୋଇଥିବା ବେଳେ ମୋହନଙ୍କ ଶରୀରଟି ପାଣିରେ ଭାସିବା ପର୍ଯ୍ୟନ୍ତ ଅପେକ୍ଷା କରି ରହିଥିଲେ ପରିବାର ଲୋକେ ।ଆଜି ଗୁରୁବାର ସକାଳ ୮ ଟା ସମୟରେ ଶବଟି ପାଣିରେ ଭାସିବାରୁ ସ୍ଥାନୀୟ ସରପଞ୍ଚ ଶ୍ରୀ ସିଂ ଓ କିଛି ସ୍ଥାନୀୟ ଅଞ୍ଚଳବାସୀଙ୍କ ସହାୟତାରେ ମୃତ ଦେହଟିକୁ ପାଣିରୁ ଉଦ୍ଧାର କରି ନୀଳଗିରି ମେଡିକାଲକୁ ନେବା ପରେ ଶବ ବ୍ୟବଚ୍ଛେଦ ହୋଇଥିଲା । ତେବେ କେତେ ଜୀବନ ଗଲେ ପ୍ରଶାସନ ଦୃଷ୍ଟି ଦେବ ଏବଂ ଧନଜୀବନ ପ୍ରତି ସଜାଗ ରହିବ ତାହା ଅଞ୍ଚଳବାସୀ କ୍ଷୋଭର ସହ ପ୍ରକାଶ କରିଛନ୍ତି ।

# ଦୁଇ ବର୍ଷ ହେବ ବିଦ୍ୟାଳୟ ବାହାରେ ଅଛନ୍ତି ଆଶିଷ



ଉଦଳା, ୨୩/୧୧ (ନି.ପ୍ର): କପ୍ତିପଦା ବ୍ଲକର ଜଡ଼ିଦା ପଂଚାୟତ ଅନ୍ତର୍ଗତ ବଡ଼ଶିମୁଳିଆ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ନରେନ୍ଦ୍ର ବେହେରାଙ୍କ ପୁତ୍ର 'ଆଶିଷ' ଆଜକୁ ୨ ବର୍ଷ ହେବ ବିଦ୍ୟାଳୟ ବାହାରେ ଅଛନ୍ତି । ଆଶିଷ ଗ୍ରାମରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଅଷ୍ଟମ ଶ୍ରେଣୀ ପାସ କରିବା ପରେ ଆଉ କୌଣସି ବିଦ୍ୟାଳୟରେ ନାମ ଲେଖାଇ ନାହାଁନ୍ତି । ତାଙ୍କୁ ବର୍ତ୍ତମାନ ବୟସ ୧୩ ବର୍ଷ ଛୁଇଁଲା । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଆଶିଷଙ୍କୁ ପୁଣିଥରେ ବିଦ୍ୟାଳୟକୁ ନେବା ଓ ପାଠ ସହିତ ବାନ୍ଧି ରଖିବା ପାଇଁ କୌଣସି ମହଲରେ କିଛି ତତ୍ପରତା ପ୍ରକାଶ ପାଇ ନାହିଁ । ସରକାରଙ୍କର ଘୋଷଣା ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା । ଅଥଚ ଆଶିଷଙ୍କ ପରି ପିଲାଙ୍କୁ ଦେଖିଲେ ସରକାରଙ୍କର ଏହି ଘୋଷଣା ଯେ ଏକ ପ୍ରହସନ ତାହା ବେଶ ସ୍ପଷ୍ଟ ବାରି ହୋଇ ପଡୁଛି । କର୍ତୃପକ୍ଷ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

# ରାଜ୍ୟସ୍ତରୀୟ ଲୋକନାଥ ଦେବ କ୍ରିକେଟ୍ ଟୁର୍ଣ୍ଣାମେଂଟ୍: ଭାଲିଆବାଡ଼ି କ୍ଲବକୁ ହରାଇ ପତିତପାବନ ୟୁଥ କ୍ଲବ ଅଟ୍ରି ବିଜୟୀ

ଖୋର୍ଦ୍ଧା, ୨୩/୧୧ (ନି.ପ୍ର): ସ୍ଥାନୀୟ କୁମାରବସ୍ତ ରାଇଜିଂଷ୍ଟାର କ୍ଲବ ପକ୍ଷରୁ ଚାଲିଥିବା ୩୭ତମ ରାଜ୍ୟସ୍ତରୀୟ ଲୋକନାଥ ଦେବ କ୍ରିକେଟ୍ ଟୁର୍ଣ୍ଣାମେଂଟର ୫ମ ଦିବସ ମ୍ୟାଚ ପତିତପାବନ ୟୁଥ କ୍ଲବ ଅଟ୍ରି ଓ ଭାଲିଆବାଡ଼ି କ୍ଲବ ମଧ୍ୟରେ ହୋଇଥିଲା । ଅଟ୍ରି ଦଳ ଟସରେ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତି ନେଇଥିଲେ । ଦଳ ନିର୍ଦ୍ଧାରିତ ୨୦ଓଭରରେ ୯ଟି ୱିକେଟ୍ ହରାଇ ୧୩୬ରନ କରିଥିଲେ । ଦଳ ପକ୍ଷରୁ ବିକ୍ରମ ସାମଲ ୩୪ରନ ଓ ଦିଲ୍ଲିପ ରାଉତ ୨୭ରନ କରିଥିଲେ । ଭାଲିଆବାଡ଼ି ଦଳ ପକ୍ଷରୁ ଗୌତମ ସ୍ୱାଇଁ ଓ ଯୁନେଦ୍ ଖାନ ଦୁଇଟି ଲେଖାଁଏ ୱିକେଟ୍ ନେଇଥିଲେ । ଜବାବରେ ଭାଲିଆବାଡ଼ି ଦଳ ୨୦ଓଭରରେ ୭ଟି ୱିକେଟ୍ ହରାଇ ୧୨୪ରନ କରିବାକୁ ସକ୍ଷମ ହୋଇଥିଲେ । ଫଳରେ ଅଟ୍ରି ଦଳ ୧୨ରନରେ ମ୍ୟାଚଟିକୁ ଜିତି ନେଇଥିଲା । ଭାଲିଆବାଡ଼ି ଦଳ ପକ୍ଷରୁ ବସନ୍ତ ସାହୁ ୪୭ରନ କରିଥିବାବେଳେ ଅନ୍ୟ କୌଣସି ଖେଳାଳୀ ଭଲ ଖେଳ ପ୍ରଦର୍ଶନ କରିପାରିନଥିଲେ । ଅଟ୍ରି ଦଳ ପକ୍ଷରୁ ଜ୍ୟୋତିରଞ୍ଜନ ବେହେରା ୩ଟି ଓ ସୁମିତ୍ ଶର୍ମା ୨ଟି ୱିକେଟ୍ ନେଇଥିଲେ । ବିଜେତା ଦଳର ଜ୍ୟୋତିରଞ୍ଜନଙ୍କୁ ଅତିଥି ଅକ୍ଷୟ ଜେନା ଓ ପ୍ରକାଶ ମହାପାତ୍ର ମ୍ୟାନ ଅପ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ । ଆଜିର ମ୍ୟାଚକୁ ଦୁର୍ଯ୍ୟୋଧନ ପରିଡ଼ା, ବିବି ରାଉତରାୟ ଓ ସମୀର ବଳିୟାରସିଂ ପରିଚାଳନା କରିଥିଲେ । ଆସନ୍ତାକାଲିର ମ୍ୟାଚ କଳିଙ୍ଗ କ୍ଲବ ଖୋର୍ଦ୍ଧା ଓ ମଂଚେଶ୍ୱର କ୍ଲବ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ ।

OFFICE OF THE BALASORE MUNICIPALITY, BALASORE.
No.11366 / Date://11//2023
E-Procurement Notice
BID Identification No.BM_12_2023_24

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app

1. Name of the Work : Civil Const. works as mentioned in DTCN
2. No. of works : 02 nos.
3. Estimated Cost : As per Work List
4. Period of Completion : As per DTCN
5. Date and Time of Bidding : 22-11-2023 to 01-12-2023
6. Last date and time for receipt : 01-12-2023 up to 5.00 pm
7. Bids received online shall be opened on : 02-12-2023 from 11.00 am onwards
8. Name and address of the Officer Inviting Bid : Executive Officer, Balasore Municipality

Further details can be seen from the e-procurement portal i.e. https://tendersodisha.gov.in/nicgep/app.

OIPR: 13154/11/0040/2324

Executive Officer
Balasore Municipality

# ପୋକ ସାଲୁବାଲୁ ମହିଳାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତିକଲେ ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ

ନୀଳଗିରି , ୨୩/୧୧ (ନି.ପ୍ର): ରୋଗ ଯନ୍ତ୍ରଣାରେ ଖୋଲା ଆକାଶ ତଳେ ଶୀତ କାକରରେ ଜୀବନ ସହ ସଂଗ୍ରାମ କରୁଥିଲେ ଅସହାୟ ମହିଳା । ନା ଥିଲା ହିଂସ୍ର ଜନ୍ତୁଙ୍କ ଭୟ ନା ଥିଲା ଶୀତ କାକରକୁ ଡର । ଯନ୍ତ୍ରଣାକୁ ସାଥିକରି ନିର୍ମିନେଷ ନୟନରେ ଚାହିଁ ରହିଥିଲା କାହାର ସାହାଯ୍ୟର ହାତଟିକୁ । ଶେଷରେ ସାହାଯ୍ୟର ହାତ ବଢ଼ାଇଥିଲେ ନୀଳଗିରି ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ। ନୀଳଗିରି ଉପଜିଲ୍ଲାପାଳ ଏବଂ ଏସଏସଏସଓ ଙ୍କୁ ପରାମର୍ଶ କରି ୧୦୮ ଆମ୍ବୁଲାନ୍ସ ଯୋଗେ ନୀଳଗିରି ହସ୍ପିଟାଲ ନେଇ ଚିକିତ୍ସା କରିବା ପାଇଁ ସାହାଯ୍ୟର ହାତ ବଢ଼ାଇଥିଲେ ଶୁଭଲକ୍ଷ୍ମୀ। ସୂଚନା ଅନୁଯାୟୀ କିଛିଦିନ ତଳେ ଉକ୍ତ ମହିଳା ଜଣକ ଅସହାୟ ଅବସ୍ଥାରେ ନରଣପୁର ଆଖପାଖ ଅଞ୍ଚଳରେ ବୁଲୁଥିବା ବେଳେ ମାଗିଯାଚି ଖାଉଥିଲେ। ମାତ୍ର କୌଣସି କାରଣ ବଶତଃ ରୋଗାଗ୍ରସ୍ତ ହୋଇ ଗୋଡ଼ରେ ଘା ସୃଷ୍ଟିହୋଇ ପୋକ ହେବା ଫଳରେ ଚାଲିବୁଲି ନପାରି ବୈଷ୍ଣବବନ୍ଧ ହାଟ ନିକଟରେ ଅସହାୟ ଅବସ୍ଥାରେ ପଡ଼ିରହିଥିଲେ। ନିକଟସ୍ଥ ଗ୍ରାମର ଜୈନିକ ଆଦିବାସୀ ଯୁବକ ଗୟାଧର ମାଝୀ ଗୁରୁତର ଅବସ୍ଥାରେ ତାଙ୍କ ଚିକିତ୍ସା କରିବା ସହିତ ଅନେକ ରାଜନେତା,ସ୍ୱେଚ୍ଛାସେବୀ ଙ୍କ ସାହାଯ୍ୟ ଲୋଡିଥିଲେ। ଏନେଇ ଗଣମାଧମରେ ଖବର ପ୍ରସାରଣ ପରେ ମଧ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆଯାଇନଥିଲା। ପରେ ଖବର ପାଇ ସ୍ଥାନୀୟ ଅଞ୍ଚଳର ତଥା ବ୍ଲକ୍ ଅଧକ୍ଷା ଶୁଭ


ଲକ୍ଷ୍ମୀ ମାଝୀ ସାହାଯ୍ୟର ହାତ ବଢ଼ାଇ ତାଙ୍କୁ ନୀଳଗିରି ହସ୍ପିଟାଲ ନେବାର ବ୍ୟବସ୍ଥା କରିଥିବାରୁ ଅଞ୍ଚଳବାସୀ ତାଙ୍କୁ ଧନ୍ୟବାଦ ଦେଇଛନ୍ତି।

# ଶହୀଦ ସ୍ମୃତି ସଙ୍ଗୀତ ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ ସମାରୋହର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ




ବାସୁଦେବପୁର , ୨୩/୧୧ (ନି.ପ୍ର): ଶହୀଦ ସ୍ମୃତି ସଙ୍ଗୀତ ମହାବିଦ୍ୟାଳୟ ରୌପ୍ୟ ଜୟନ୍ତୀ ସମାରୋହ ର ଉଦ୍ ଘାଟନ ସ୍ଥାନୀୟ ବ୍ଲକ୍ ରୋଡ କାଳୀ ପୂଜା କମିଟି ଯାତ୍ରା ପଡିଆ ରେ ତିନି ଦିନ ଧରି ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମ ଦିନ ରେ ମୁଖ୍ୟ ଅତିଥି ଭାବେ ବିଧାୟକ ବିଷ୍ଣୁ ବ୍ରତ ରାଉତ ରାୟ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ ଓ ପୌର ଅଧକ୍ଷା ନିବେଦିତା ବେହେରା ଯୋଗ ଦେଇଥିଲେ। ସଭାପତି ଶ୍ରୀମତୀ ମମତା ଜେନା ଙ୍କ ସଭାପତିତ୍ୱ ରେ ସଭାକାର୍ଯ୍ୟ ପରିଚାଳନା ହୋଇଥିଲା। ସେହିପରି ଦ୍ୱିତୀୟ ସଂଧ୍ୟା ରେ ଧାମନଗର ବିଧାୟକ ସୂର୍ଯ୍ୟ ବଂଶୀ ସୁରଜ, ବିଜେପି ଜିଲ୍ଲା ଉପ ସଭାପତି ଉଦୟ ନାରାୟଣ ମଲ୍ଲିକ, ଡ ପ୍ରତାପ ନାୟକ ଓ ଅନ୍ୟ ଅତିଥି ମାନେ ଯୋଗ ଦେଇଥିଲେ । ତୃତୀୟ ତଥା ଅନ୍ତିମ ସଂଧ୍ୟା ରେ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତି କାନ୍ତ ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତି କାନ୍ତ ମଣ୍ଡଳ, ପୂର୍ବତନ ପୌର ଅଧକ୍ଷ ଅଶୋକ ଦାସ, ସାଂସଦଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି ଯୋଗ ଦେଇଥିଲେ। ତିନିଦିନ ଧରି ସଭାକାର୍ଯ୍ୟ ପରିଚାଳନା ସଭାପତି ମମତା ଜେନା ଙ୍କ ସଭାପତିତ୍ୱ ରେ ପରିଚାଳନା ହୋଇଥିଲା ବେଳେ ଲକ୍ଷ୍ମୀ ଧର ବେହେରା ସଂଯୋଜନା କରିଥିଲେ। ତିନିଦିନ ଧରି ବ୍ଲକ୍ ରୋଡ ସାର୍ବଜନୀନ କାଳୀ ପୂଜା କମିଟି ର ସମସ୍ତ ସଦସ୍ୟ ଙ୍କ ସହଯୋଗ ରେ ଉତ୍ସବ ଟି ସଫଳ ହୋଇ ଯାଇଛି। ତିନି ଦିନ ଧରି ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟ କର୍ମ ଯଥା ଓଡ଼ିଶୀ, ସମ୍ବଲପୁରୀ, ଆଦିବାସୀ, ଘୁମୁରା, ଆଧୁନିକ, ଓ ବିଭିନ୍ନ ପ୍ରକାର ସଙ୍ଗୀତ, ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ ହୋଇ ଯାଇଛି। ତିନି ଦିନ ର କାର୍ଯ୍ୟ କର୍ମ ରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପରବର୍ତ୍ତୀ ସମୟରେ ଏହାର ଉଦ୍ ଯାପାନୀ ଉତ୍ସବ ପାଳନ କରାଯିବ ବୋଲି ସୂଚନା ଦେଇଛନ୍ତି ମହାବିଦ୍ୟାଳୟର ପ୍ରତିଷ୍ଠାତା ଲକ୍ଷ୍ମୀଧର ବେହେରା।

# କବି ଫନୀ ମହାନ୍ତି ପାଇବେ 'ଗାଁ ମଜଲିସ୍ ସାହିତ୍ୟ ସମ୍ମାନ': ସମ୍ବର୍ଦ୍ଧିତ ପ୍ରତିଭାଙ୍କ ନାମ ଘୋଷିତ



ସୋର, ୨୩/୧୧ (ନି.ପ୍ର): ଚଳିତ ୨୦୨୩ ବର୍ଷର ସମ୍ମାନଜନକ 'ଗାଁ ମଜଲିସ୍ ସାହିତ୍ୟ ସମ୍ମାନ' ପାଇବେ ବିଶିଷ୍ଟ କବି ଫନୀ ମହାନ୍ତି। ଏଥି ସହତ କବି ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କୁ ମିଳିବ 'ଶଂଖବେଳା କବିତା ସମ୍ମାନ' ଏବଂ 'ଶଂଖବେଳା ଗଳ୍ପ ସମ୍ମାନ' ପାଇବେ ଗାଳ୍ପିକା ଚିରଶ୍ରୀ ଇନ୍ଦ୍ରସିଂ। ସେହିପରି 'ଗାଁ ମଜଲିସ୍ ସାହିତ୍ୟ ସଂଗଠନ ସମ୍ମାନ' ସାହିତ୍ୟ ପତ୍ରିକା ପଲକର ସଂପାଦକ ଶଶିକାନ୍ତ ଦାସଙ୍କୁ ମିଳୁଥିବା ବେଳେ 'ମନମୋହନ ମହାପାତ୍ର ସ୍ମୃତି ନାଟ୍ୟ ସମ୍ମାନ' ପାଇବେ ବିଶିଷ୍ଟ ନାଟ୍ୟକାର ସିନେ ସଂଳାପ ଲେଖକ ଡ. ରଜନୀ ରଂଜନ। ସମାଜସେବୀ, ସାହିତ୍ୟିକା ଓ ଯୁଗଶ୍ରୀ ଯୁନାରୀର ସଂପାଦିକା ମାମତା ମହାପାତ୍ର ପାଇବେ 'କନକଲତା ଦାସ ସ୍ମୃତି ଆଦର୍ଶ ମହିଳା ସମ୍ମାନ', ଗାଳ୍ପିକ କ୍ଷୀରୋଦ ବିଶ୍ୱାଳଙ୍କୁ ମିଳିବ 'ଯୁବ ଲେଖକ ସମ୍ମାନ', କବି ସନ୍ତୋଷିନୀ ଗିରି ପାଇବେ 'ଜୟକୃଷ୍ଣ ବିଶ୍ୱାଳ ସ୍ମୃତି ସାହିତ୍ୟ ସମ୍ମାନ'। ସ୍ୱର୍ଣ୍ଣଲତା-ବିଶ୍ୱନାଥ ମହାନ୍ତି ସ୍ମୃତି ଲେଖିକା ସମ୍ମାନ' ପାଇବେ କବୀ ଲିପିରେଖା ଶତପଥୀ, କବୀ ଅଞ୍ଜଳିକୁମାରୀ କରଙ୍କୁ ମିଳିବ 'କବି ପ୍ରଦ୍ୟୁମ୍ନ ମହନୀ ସ୍ମୃତି ଗୀତି ମଞ୍ଜୁଳ ସମ୍ମାନ'। 'ଭୁବନାନନ୍ଦ ଦଳାଇ ସ୍ମୃତି ଶିକ୍ଷା ଓ ସାହିତ୍ୟ ସମ୍ମାନ' ପାଇବେ ଡ.ସୁରେନ୍ଦ୍ର ପ୍ରସାଦ ମହାନ୍ତି। କବି ଇ. ସରୋଜ ମହାପାତ୍ର ପାଇବେ 'ଗଣେଶ ପ୍ରସାଦ ମହାପାତ୍ର ସ୍ମୃତି ସାହିତ୍ୟ ସମ୍ମାନ', ପଦ୍ମଲୋଚନ ଦାଶଙ୍କୁ ମିଳିବ 'ଚିନ୍ତାମଣି ମଲ୍ଲିକ ସ୍ମୃତି ଶିକ୍ଷକଶ୍ରୀ ସମ୍ମାନ', 'ମଦନମୋହନ ଦଳେଇ ସ୍ମୃତି ଜ୍ଞାନ ଜ୍ୟୋତି ସମ୍ମାନ'ପାଇବେ ଶରତ ଚନ୍ଦ୍ର ମହାପାତ୍ର, ସାହାନାଇ ବାଦକ ମୁରଲୀଧର ନାୟକଙ୍କୁ ମିଳିବ 'ଭାଗବତ-କମଳାକାନ୍ତ ଓଝା ସ୍ମୃତି ନୃତ୍ୟ ସଙ୍ଗୀତ-ସମ୍ମାନ' । 'କୋକିଳ-ଶୁକମଣି-ସୁମିତ୍ରା ସ୍ମୃତି ଆଦର୍ଶ ଜନନୀ ସମ୍ମାନ' ପାଇବେ ମଲ୍ଲିକା ପ୍ରଧାନ, 'ଲୋପାମୁଦ୍ରା ସ୍ମୃତି ଧୀ'ଗୌରବ ସମ୍ମାନ' ପାଇବେ ପ୍ରବୋଧ କୁମାର ମଲ୍ଲିକ ଏବଂ 'ସାହିତ୍ୟ ସେବାଶ୍ରୀ ସମ୍ମାନ' ପାଇବେ ହେମନ୍ତ କୁମାର ପ୍ରଧାନ। ଆସନ୍ତା ଡିସେମ୍ବର ୨୪ ତାରିଖରେ ଅନୁଷ୍ଠିତ ସଂସଦର ୩୪ ତମ ବାର୍ଷିକ ଉତ୍ସବରେ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯିବ। ଆଜି ଏହି ଉପଲକ୍ଷେ ଅନୁଷ୍ଠିତ ଚୟନ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଥିବା ସଂପର୍କରେ ସଂପାଦକ ଦେବେନ୍ଦ୍ର କୁମାର ପ୍ରଧାନ ସୂଚନା ଦେଇଛନ୍ତି।

# ବାଲୁଗାଁ ଓ ବାଣପୁରରେ ନକଲି ଜିଏସଟି ଅଧିକାରୀଙ୍କ ଆତଙ୍କ

ଖୋର୍ଦ୍ଧା, ୨୩/୧୧ (ନି.ପ୍ର): କିଛି ଦିନ ହେବ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ସ୍ଥାନରେ ଜିଏସଟି ଟିମ ଚଢ଼ାଉକରୁଛି ।ତେବେ ବାଲୁଗାଁ ଓ ବାଣପୁର ଅଞ୍ଚଳରେ ବିଭିନ୍ନ ଗୋଦାମ ସମେତ ସୁନା ଗହଣା ଦୋକାନରେ ମଧ ଜିଏସଟି ଟିମ ପକ୍ଷରୁ ଚଢ଼ାଉ କରିଛି ।ଫଳରେ ଦୋକାନୀ ମାଲିକମାନଙ୍କ ଭିତରେ ଏକ ପ୍ରକାର ଛନକା ପଶିଯାଇଛି । ତେବେ ଏହାର ସୁଯୋଗ ନେଇ ଗୁରୁବାର ସନ୍ଧ୍ୟାରେ ଜଣେ ବ୍ୟକ୍ତି ନିଜକୁ ଜିଏସଟି ଅଧିକାରୀ ପରିଚୟ ଦେଇ ଏକ ବେକରି ଫ୍ୟାକ୍ଟ୍ରିର କାଗଜପତ୍ର ଯାଞ୍ଚ କରିବା ପାଇଁ କହିଥିଲେ। ହେଲେ ସମ୍ପୃକ୍ତ ବେକରି ଫ୍ୟାକ୍ଟ୍ରି ମାଲିକଙ୍କ ସହ ନକଲି ଅଧିକାରୀଙ୍କ ବଚସା ହୋଇଥିଲା। ଏପରିକି ଲାଞ୍ଚ ମଧ ମାଗିଥିଲେ।

# ବସ୍ତା ଷ୍ଟେସନରେ ଦୂରଗାମୀ ଟ୍ରେନ ଓ ବିଭିନ୍ନ ସମସ୍ୟା ନେଇ ବିଭାଗୀୟ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହୃତ



ବସ୍ତା, ୨୩/୧୧ (ନି.ପ୍ର): ବସ୍ତା ରେଳ ଷ୍ଟେସନ ବିଭିନ୍ନ ସମସ୍ୟା ଓ ଦୂରଗାମୀ ଟ୍ରେନ ରହଣୀ ଦାବିରେ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଆମରଣ ଅନଶନ ଆଜି ବିଭାଗୀୟ ଅଧିକାରୀଙ୍କ ପ୍ରତିଶୃତି ପରେ ପ୍ରତ୍ୟାହୃତ ହୋଇଛି। ଗତ କାଲିଠାରୁ ବସ୍ତା ରେଳ ଷ୍ଟେସନ ବିଭିନ୍ନ ସମସ୍ୟା ଦୂରଗାମୀ ଟ୍ରେନ ରହଣୀ ନେଇ ଜେ ଏମ ଏମ ପକ୍ଷରୁ ଅନଶନ ହୋଇଥିବା ବେଳେ ଆଜି ଖଡ଼ଗପୁର ଡିଭିଜନର ବାଣିଜ୍ୟିକ ନୀରିକ୍ଷକ ସାହାଜୁଦ୍ଦିନ ସାହା, ବିଭାଗୀୟ ଅଧିକାରୀ ବାହାଦୁର ସାହା,ଅଭୟ କୁମାର ମହାଳିକ ଓ ବସ୍ତା ଏସଏମ ଆର ସତ୍ୟଜିତ ବେହେରା ପ୍ରମୁଖ ମଧ୍ୟାହ୍ନ ସମୟରେ ଘଟଣାସ୍ଥଳରେ ପହଞ୍ଚି ଜେଏମଏମ ର ଦାବି ସମ୍ପର୍କରେ ବିଭାଗ ପକ୍ଷରୁ ତର୍ଜମା ଚାଲିଥିବା ଏବଂ ଯଥାଶୀଘ୍ର ଇଷ୍ଟକୋଷ୍ଟ ଓ ଉତ୍କଳ ଏକ୍ସପ୍ରେସ ରହଣି ହେବ ବୋଲି ଲିଖିତ ପ୍ରତିଶ୍ରୁତି ପରେ ଅନ୍ନଶନ ପ୍ରତ୍ୟାହୃତ ହୋଇଥିଲା। ଜେ ଏମ ଏମ ବାଲେଶ୍ୱର ଜିଲ୍ଲା ସଭାପତି କମଲ ଲୋଚନ ବାରିକ ଙ୍କ ନେତୃତ୍ୱରେ ଏହି ଆମରଣ ଅନଶନରେ ଜିଲ୍ଲା ଉପସଭାପତି ଶମ୍ଭୁନାଥ ବେହେରା, ବ୍ଲକ୍ ସଭାପତି ମିର ଜାହିରଉଦ୍ଦିନ କାଦିରି, ସମାଜସେବୀ କୁମୁଦ ରଞ୍ଜନ ଗିରି,ରାଜ୍ୟ ସଭ୍ୟ ଜଗନ୍ନାଥ ମାଝୀ,ବସ୍ତା ବ୍ଲକ୍ ସମ୍ପାଦକ ଯଗେନ୍ଦ୍ର ରାଉତ,ବ୍ଲକ୍ ଉପସଭାପତି ପ୍ରଶାନ୍ତ କୁମାର୍ ପାତ୍ର ପ୍ରମୁଖ ଉପସ୍ଥିତ ଥିବା ବେଳେ ବହୁ ସଂଖ୍ୟାରେ ଜେ ଏମ ଏମ କର୍ମୀ ଓ ନେତୃବୃନ୍ଦ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଏହି ସବୁ ଦାବି ପୂରଣ ନହେଲେ ପୁଣି ଜେ ଏମ ଏମ ଆନ୍ଦୋଳନ ଆରମ୍ଭ କରିବାକୁ ଚେତାବନୀ ଦେଇଥିବା ଜଣାଯାଇଛି।

# ବର୍ଷିଆନ ସାମ୍ବାଦିକ ସୁଭାଷ ମହାନ୍ତିଙ୍କ ବିୟୋଗ



ବାରିପଦା , ୨୩/୧୧ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲାର ଜଣେ ବର୍ଷିଆନ ସାମ୍ବାଦିକ ସୁଭାଷ ଚନ୍ଦ୍ର ମହାନ୍ତିଙ୍କର ଆଜି ପର ଲୋକ ଘଟିଥିବାର ଜଣାଯାଇଛି। ସ୍ୱର୍ଗତଃ ମହାନ୍ତି ବିଭିନ୍ନ ସମ୍ବାଦ ପତ୍ରରେ ଜିଲ୍ଲା ପ୍ରତିନିଧି ଭାବରେ ଦୀର୍ଘବର୍ଷ ଧରି କାଯ୍ୟ କରିଆସୁଥିବା ବେଳେ, କିଛି ଦିନଧରି ସେ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୬୦ ବର୍ଷ ବୟସ ହୋଇଥିବା ବେଳେ ମୃତ୍ୟୁ ଶର୍ଯ୍ୟା ନିକଟରେ ତାଙ୍କର ସ୍ତ୍ରୀ, ଦୁଇପୁଅ, ଦୁଇବୋହୂ, ଭାଇ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ସ୍ୱର୍ଗତଃ ମହାନ୍ତି ସାମ୍ବାଦିକତା ସହ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ଜଡିତ ରହି କାର୍ଯ୍ୟ ସମ୍ପାଦନ କରିଆସୁଥିଲେ। ତାଙ୍କର ବିୟୋଗରେ ଶୋକର ଛାୟା ଖେଳିଯାଇଥିବା ବେଳେ, ତାଙ୍କର ମୃତ୍ୟୁ ଖବର ପାଇ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ତାଙ୍କର ବଡ଼ହଳଦିଆକନ୍ଦ ସ୍ଥିତ ବାସ ଭବନରେ ଉପସ୍ଥିତ ରହି ତାଙ୍କୁ ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ପ୍ରକଳ୍ପ କାର୍ଯ୍ୟକାରୀ ଏବଂ ଯାଂଚ କମିଟି ଗଠନ

ଉଦଳା , ୨୩/୧୧ (ନି.ପ୍ର): ସ୍ୱେଚ୍ଛାସେବି ସଂଗଠନ 'ଶୋଭା' ଆନୁକୁଲ୍ୟରେ 'ହାଇଫର' ପ୍ରକଳ୍ପ ସହଯୋଗରେ 'ପ୍ରକଳ୍ପ କାର୍ଯ୍ୟକାରୀ ଏବଂ ଯାଂଚ କମିଟି' ଗଠନ ପାଇଁ ଚଳିତ ନଭେମ୍ବର ୨୨ ତାରିଖ ବୁଧବାର ଦିନ ଏକ ସାଧାରଣ ସଭା ମା' ଦୁର୍ଗାଦେବି ପ୍ରତ୍ୟୁସର କମ୍ପାନିର ବୃନ୍ଦାଗଡ଼ିସ୍ଥିତ କାର୍ଯ୍ୟାଳୟର ବୈଠକ ଗୃହ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । 'ଶୋଭା'ର ସଂପାଦକ ରଂଜନ ମିଶ୍ର ବୈଠକରେ ଅଧକ୍ଷତା କରି ପ୍ରକଳ୍ପ କାର୍ଯ୍ୟକାରି ଏବଂ ଯାଂଚ କମିଟିର ଲକ୍ଷ ଓ ଉଦ୍ଦେଶ୍ୟ ଏବଂ ଭବିଷ୍ୟତ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ । ଉଦଳା ବ୍ଲକର ଅଧକ୍ଷା ମଂଜୁଲତା ବିଶ୍ୱାଳ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସ୍ୱେଚ୍ଛାସେବି ସଂଗଠନ 'ଶୋଭା'ର କାର୍ଯ୍ୟକଳାପକୁ ଭୂୟସି ପ୍ରଶଂସା କରିଥିଲେ। ଅନ୍ୟ ମାନଙ୍କ ମଧରେ ଉଦଳା ବ୍ଲକର ଭିଏସ୍ ଗିରିଜା ଶଙ୍କର ଦାସ, କୃଷି ଅଧିକାରୀ ପ୍ରଫୁଲ୍ଲ ବେହେରା, ଉଦ୍ୟାନବିତ ସ୍ୱର୍ଣ୍ଣମୟୀ ସିଂ, ମିଶନ ଶକ୍ତିର ସଂଯୋଜକ ଅଭିଜିତ ମହାରଣା, ଜୀବନ ଜିବିକା ମିଶନର ନିରଂଜନ ନାୟକ, ଭିମତାଳି ସରପଂଚ ବିଜୟା ମୁର୍ମୁ, ବହୁବନ୍ଧ ସରପଂଚ ସୂର୍ଯ୍ୟନାରାୟଣ ମୁର୍ମୁ, ବଡ଼ସିଙ୍ଗାରିଆ ସରପଂଚ ସୁନାରାମ ଟୁଡୁ, ଦୁଗୁଧା ସରପଂଚ ରଶ୍ମିତା ନାୟକ, ବିଭିନ୍ନ ୱାର୍ଡ଼ର ୱାର୍ଡ଼ ମେମ୍ବର, ସାମାଜିକ କର୍ମୀ, ଗଣମାଧମର ପ୍ରତିନିଧି ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ପ୍ରକଳ୍ପ ପରିଚାଳନା କମିଟିର ସଭାପତି ଭାରତି ବେହେରା ସରକାରୀ ସ୍ତରରେ ବିଭିନ୍ନ ବିଭାଗରେ ଥିବା ସୁବିଧା ସୁଯୋଗ ଏବଂ ଲୋକ ପ୍ରତିନିଧି ମାନଙ୍କ ଜରିଆରେ କିପରି ସୁଚାରୁ ରୂପେ କାର୍ଯ୍ୟକାରି ହୋଇ ପାରିବ ସେ ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହାପରେ ଏହି କମିଟିର ନାମ 'ଶୋଭା ହାଇଫର ପ୍ରକଳ୍ପ କାର୍ଯ୍ୟକାରି ଓ ଯାଂଚ କମିଟି' ରଖାଯିବ ବୋଲି ନିଷ୍ପତି ନିଆଗଲା । ପ୍ରୋଗ୍ରାମ କୋର୍ଡ଼ିନେଟର ଅରବିନ୍ଦ ବିନ୍ଧାଣୀ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିକଶିତ ଭାରତ ସଙ୍କଳ୍ପ ଯାତ୍ରାର ଶୁଭାରମ୍ଭ: ଗଡ଼ିଲା ୨ଟି ଭ୍ୟାନ୍

ଭଦ୍ରକ, ୨୩/୧୧ (ନି.ପ୍ର): ଆମ ସଙ୍କଳ୍ପ ବିକଶିତ ଭାରତ ର ବାର୍ତ୍ତା ନେଇ ବିକଶିତ ଭାରତ ସଂକଳ୍ପ ଯାତ୍ରା ପାଇଁ ଭଦ୍ରକ ଜିଲ୍ଲାକୁ ଆସିଥିବା ୨ଟି ଭ୍ୟାନ୍‌ର ପରିକ୍ରମା ପାଇଁ ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୂର୍ବ ପ୍ରସ୍ତୁତି ଅନୁଯାୟୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ ଓ ଜିଲ୍ଲା ପରିଷଦର ସି.ଡ଼ି.ଓ. ତଥା ଏହି କାର୍ଯ୍ୟକ୍ରମର ନୋଡ଼ାଲ ଅଧିକାରୀ ସରୋଜ କୁମାର ଦତ୍ତ ପତାକା ପ୍ରଦର୍ଶନ ପୂର୍ବକ ଉକ୍ତ ଦୁଇଟି ଭ୍ୟାନ୍‌ର ଯାତ୍ରା ପାଇଁ ଅନୁମତି ପ୍ରଦାନ କରିଥିଲେ । କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ଏହି ବିକଶିତ ଭାରତ ସଂକଳ୍ପ ଯାତ୍ରାରେ ସାମିଲ ଥିବା ଭ୍ୟାନ୍‌ରେ ମୋଦୀ ସରକାରଙ୍କ ଗ୍ୟାରେଣ୍ଟି ନଳ ରୁ ଜଳ ଯୋଜନାରେ ଏପର୍ଯ୍ୟନ୍ତ ୧୩.୫ କୋଟିରୁ ଅଧିକ ନଳ ସଂଯୋଗ, ଚାଷୀଙ୍କୁ ପ୍ରତିବର୍ଷ ୬ ହଜାର ଟଙ୍କା ଯୋଜନାରେ ୧୧ କୋଟିରୁ ଅଧିକ ଚାଷୀଙ୍କୁ ବର୍ତ୍ତମାନ ସୁଦ୍ଧା ୨.୬ ଲକ୍ଷ କୋଟି ଟଙ୍କାର ସହାୟତା, ସମସ୍ତଙ୍କୁ ପକ୍କା ଘର ଯୋଜନାରେ ୪ କୋଟି ପକ୍କାଘର ନିର୍ମାଣ, ମହିଳାମାନଙ୍କ ପାଇଁ ଧୂଆଁମୁକ୍ତ ରୋଷେଇ ଘର ନିମନ୍ତେ ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନା ଅଧୀନରେ ୧୦ କୋଟି ଗ୍ୟାସ ସଂଯୋଗ ନେଇ ବାର୍ତ୍ତା ଉଲ୍ଲେଖ କରାଯାଇଛି । ପ୍ରଥମେ ଭଦ୍ରକ ବ୍ଲକ୍‌କୁ ଯାତ୍ରା ଆରମ୍ଭ କରିଥିବା ୨ଟି ଭ୍ୟାନ୍ ମଧ୍ୟରୁ ଗୋଟିଏ ଭ୍ୟାନ୍ ନଭେମ୍ବର ୨୩ ରୁ ୨୯ ପର୍ଯ୍ୟନ୍ତ ୧୨ଟି ପଞ୍ଚାୟତ ଏବଂ ଅନ୍ୟ ଭ୍ୟାନଟି ନଭେମ୍ବର ୨୩ ରୁ ଡ଼ିସେମ୍ବର ୬ ପର୍ଯ୍ୟନ୍ତ ୨୪ଟି ପଞ୍ଚାୟତକୁ ପରିକ୍ରମା କରିବା କାର୍ଯ୍ୟକ୍ରମ ରହିଛି । ଗୋଟିଏ ଭ୍ୟାନ୍ ଗୋଟିଏ ଦିନରେ ୨ଟି ପଞ୍ଚାୟତ ପରିକ୍ରମା କରିବା ପାଇଁ ଧାର୍ଯ୍ୟ କରାଯାଇଛି । ଚିହ୍ନଟ କରାଯାଇଥିବା ଭ୍ୟାନ୍‌ର ସାମୟିକ ରହଣି ସ୍ଥାନ ମାନଙ୍କରେ ବିଭିନ୍ନ ବିଭାଗ ତରଫରୁ ମଧ ସରକାରୀ ଯୋଜନା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବା ପାଇଁ ମଧ ନିର୍ଦ୍ଦେଶ ପ୍ରଦାନ କରାଯାଇଛି । ଉଦ୍‌ଘାଟନୀ ସ୍ଥଳରେ ଚାଷ ଜମି ପାଇଁ ଉଦ୍ଦିଷ୍ଟ ଏକ ଅତ୍ୟାଧୁନିକ ଡ୍ରୋନ୍ ପ୍ରଦର୍ଶନ କରାଯାଇଥିଲା । ଏ.ପି.ଡ଼ି.ଏମ୍. ଆଇ.ଏସ୍. ପ୍ରହ୍ଲାଦ ରଣା, ଡ଼ି.ପି.ଏମ୍. ଓ.ଏଲ୍.ଏମ୍. ସଞ୍ଜୟ କୁମାର ବାରିକ, ସହକାରୀ ନିର୍ଦ୍ଦେଶକ କୃଷି ଶ୍ରୀଧର ଦାସ, ମତ୍ସ୍ୟ ଅଧିକାରୀ ପ୍ରକାଶ ଚନ୍ଦ୍ର ନାୟକ, କ୍ରୀଡ଼ା ଅଧିକାରୀ ପଦ୍ମନ ରାୟ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ପିବତ୍ର ଦାସ, ଗ୍ରାମ୍ୟ ଜଳଯୋଗାଣ ନିର୍ବାହୀ ଯନ୍ତ୍ରୀ ବିନୟ ରାଉତ, ଏଲ୍..ଡ଼ି.ଏମ୍ ନାଗେଶ୍ୱର ରାଓ, ଭଦ୍ରକ ବି.ଡ଼ି.ଓ ସୀତାକାନ୍ତ ରାଉତ, ପ୍ରମୁଖଙ୍କ ସହ ମିଶନ ଶକ୍ତି ମହିଳାମାନେ, ଗଣମାଧମ ପ୍ରତିନିଧି ମଧ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।



# ରାଜ୍ୟସ୍ତରୀୟ ସୁରଭିରେ ପିସିପୁର ବିଦ୍ୟାଳୟର ସଫଳତା

ବାରିପଦା , ୨୩/୧୧ (ନି.ପ୍ର): ଭୁବନେଶ୍ୱର ଠାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ମୟୁରଭଞ୍ଜ ଜିଲ୍ଲାକୁ ପ୍ରତିନିଧିତ୍ୱ କରି ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସାଂସ୍କୃତିକ ଦଳ ରାଜ୍ୟରେ ଶ୍ରେଷ୍ଠ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଆଜି ଅପରାହ୍ନରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ୭ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏବଂ ଏହି ସଫଳତା ପାଇଁ ସହଯୋଗ କରିଥିବା ସମସ୍ତଙ୍କ ଉଦ୍ୟମକୁ ମଧ ପ୍ରଶଂସା କରିଥିଲେ। ଅନ୍ୟ ମାନଙ୍କ ମଧରେ ଜିଲ୍ଲା ଶିଶୁ



ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ସିଂହ ତଥା ୱାର୍ଡେନ ସରୋଜ କୁମାର ସାବତ ପ୍ରମୁଖ ଉପସ୍ଥିତ ଥିଲେ।

# ଅଣ ଆବାସିକ କୃଷକ ତାଲିମ ଶିବିର

ଖଇରା,୨୩।୧୧ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକ କୃଷି ସୂଚନା ପରାମର୍ଶ କେନ୍ଦ୍ର ପରିସରରେ ଗୁରୁବାର ଦିନ ସମନ୍ୱିତ ଚାଷ ପ୍ରଣାଳୀ ଉପରେ ଅଣ ଆବାସିକ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇ ଯାଇଛି । ତେବେ ଏଭଳି କାର୍ଯ୍ୟକ୍ରମରେ ବ୍ଲକର ପ୍ରକୃତ ଚାଷୀ ଙ୍କୁ ସୂଚନା ଦିଆଯାଇନଥିବାରୁ ବହୁ ପଞ୍ଚାୟତର ଚାଷୀ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଆତ୍ମା ଆନୁକୂଲ୍ୟରେ ତଥା ଗୋଷ୍ଠୀ କୃଷି ଅଧିକାରୀ ସରୋଜ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ରୀତାଞ୍ଜଳୀ ନାୟକ,ସହକାରୀ ମତ୍ସ୍ୟ ଅଧିକାରୀ ସିଦ୍ଧାର୍ଥ ଶଙ୍କର ସାହୁ,ମୃତ୍ତିକା ସଂରକ୍ଷଣ



ବିଭାଗର ସହକାରୀ ଯନ୍ତ୍ରୀ ଶୁଭାଶିଷ ଦାସ,ଉଦ୍ୟାନ କୃଷି ସମ୍ପ୍ରସାରଣ କର୍ମଚାରୀ ତାରାକାନ୍ତ ମହାପାତ୍ର,ସହକାରୀ କୃଷି ଅଧିକାରୀ ରମ୍ୟ ରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇ ସରକାରଙ୍କ ତରଫରୁ ଚାହୀଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ । ବିଭିନ୍ନ ପଞ୍ଚାୟତରୁ କାଁଭାଁ ଚାଷୀ ଉପସ୍ଥିତ ଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo